R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୮୨
ତିଥି : ଷଷ୍ଠୀ
୨୬ ଡିସେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 82
26 December 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ଗଣେଶ ଉଇକେ ସମେତ ୬ ମାଓବାଦୀ ନିହତ

ଭୁବନେଶ୍ୱର, ୨୫ ।୧୨ (ସବ୍ୟୁ) : ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର ସୀମାନ୍ତରେ ଥିବା ରମ୍ଭା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ଫଳରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ଦୁଇ ମହିଳାଙ୍କ ସମେତ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ନିହତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କୁ ଓଡ଼ିଶାର ଶୀର୍ଷ ମାଓ ନେତା ଗଣେଶ ଉଇକେ ଭାବରେ ଚିହ୍ନଟ କରାଯାଇଛି । ଗଣେଷର ମୁଣ୍ଡ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ଗୁରୁବାର ସକାଳେ ଏନକାଉଣ୍ଟର ସ୍ଥଳ ନିକଟରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେମାନଙ୍କର





ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ ।

ମତଳିଥିବା ସୂଚନା ଅନୁସାରେ ଓଡ଼ିଶା ପୁଲିସର ସ୍ୱେଶାଲ୍ ଅପରେସନ୍ ଗ୍ରୁପ୍‌ର ଏକ ଛୋଟ ମୋବାଇଲ୍ ଦଳ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ନିହତ ହୋଇଥିଲେ । ଦୁଇଜଣ ପୁରୁଷ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଯେତେବେଳେ ଅନ୍ୟ ଜଣେ ମହିଳା ମାଓବାଦୀଙ୍କ ମୃତଦେହ କିଛି ଦୂରରେ ପଡ଼ିଥିବା ମିଳିଥିଲା । ପୁଲିସ ଏକ ରିଭଲଭର, ଏକେ ୩୦୩

### ଗଣେଶ ନାମରେ କୋଟିଏ ଟଙ୍କାର ପୁରସ୍କାର ରାଶି ଥଲା

ରାଇଫଲ ଏବଂ ଏକ ଓ୍ୱାକି-ଟକି ସେଟ୍ ଜବତ କରିଛି । ସୀମା ସୁରକ୍ଷା ବାହିନୀ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ ର ମିଳିତ ଅପରେସନରେ ଏହି ସଫଳତା ମିଳିଛି । ସୁରକ୍ଷା

(୯ ପୃଷ୍ଠାରେ)

# ସାନ୍ତାଳୀ ଭାଷାରେ ଭାରତୀୟ ସମ୍ବିଧାନ

ନୂଆଦିଲ୍ଲୀ, ୨୫।୧୨ : ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉନ୍ମୋଚନ କରିଛନ୍ତି । ଏନେଇ ରାଷ୍ଟ୍ରପତି ଭବନରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ସମଗ୍ର ସାନ୍ତାଳୀ ଲୋକଙ୍କ ପାଇଁ ଏହା ଗର୍ବ ଓ ଆନନ୍ଦନର ବିଷୟ। ଭାରତୀୟ ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ ଉପଲବ୍ଧ ହେବ । ଯାହା ଅଲଚିକି ଭାଷାରେ ଲେଖା ଯାଇଛି। ନିଜ ଭାଷାରେ ସମ୍ବିଧାନ ପଢ଼ିଲେ ସେମାନେ ଏହାକୁ ବୁଝି ପାରିବେ। ଆମେ ଅଲଚିକି ଭାଷାର ଶତବାର୍ଷିକୀ ପାଳନ କରୁଛୁ। ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଆଇନ ଏବଂ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମମେଘୱାଲ



ଉପସ୍ଥିତ ଥିଲେ। ସମ୍ବିଧାନର ୯୨ତମ ସଂଶୋଧନ ୨୦୦୩ରେ ଏହାର ଅଷ୍ଟମ ଅନୁଚ୍ଛେଦରେ ସାନ୍ତାଳୀ ଭାଷାକୁ ସ୍ଥାନୀତ କରାଯାଇଥିଲା । ଏହି ଭାଷାଟି ଭାରତରେ ବହୁ ପ୍ରାଚୀନ। ବିଶେଷକରି ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରରେ ବହୁ ଆଦିବାସୀ ଲୋକ ଏହି ଭାଷାରେ କଥା ହୋଇଥାନ୍ତି ।

### ଉନାଓ ମାମଲାରେ ହାଇକୋର୍ଟଙ୍କ ରାୟ

# ରାୟ ବିରୋଧରେ ସୁପ୍ରିମ୍‌କୋର୍ଟରେ ପିଟିସନ





ନୂଆଦିଲ୍ଲୀ, ୨୫।୧୨ : ଉନାଓ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତର ଦଣ୍ଡାଦେଶକୁ ସ୍ଥଗିତ ରଖିବା ଓ ଜାମିନ ପ୍ରଦାନ ନେଇ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ବିରୁଦ୍ଧରେ ସୁପ୍ରିମକୋର୍ଟରେ ମାମଲା ଦାୟାର ହୋଇଛି। ଆଇନଜୀବୀ ଅଞ୍ଜେଲ ପଟେଲ ଓ ପୂଜା ଶିଳ୍ପକାର ଏହି ଆବେଦନ ଦାଖଲ କରି ହାଇକୋର୍ଟ ରାୟର ସ୍ଥଗିତାଦେଶ ମାଗିଛନ୍ତି ।

ଦିଲ୍ଲୀ ହାଇକୋର୍ଟ ଉନାଓ ଦୁଷ୍କର୍ମ ଘଟଣାର ମୁଖ୍ୟ ଅଭିଯୁକ୍ତ ନିଲମ୍ବିତ ବିଧାୟକ କୁଲଦୀପ ସିଂ ସିନେଗାରଙ୍କ ଦଣ୍ଡାଦେଶ ଖାରଜ କରିବା ସହ ତାଙ୍କୁ ଜାମିନ ଦେଇଥିଲେ। ତେବେ ଆବେଦନକାରୀ ଦର୍ଶାଇଛନ୍ତି ଯେ, ଟ୍ରାଏଲକୋର୍ଟ ଦେଇଥିବା ସୁପାରିଶକୁ ହାଇକୋର୍ଟ ବିଚାର କରିନାହାନ୍ତି। ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ କରିବା ଓ ତାଙ୍କୁ ଜାମିନ ଦେବା ରାୟ ସଠିକ୍ ନୁହେଁ। ଏଭଳି ଘୃଣ୍ୟ ଅପରାଧରେ ଦଣ୍ଡିତ ହୋଇଥିବା ବ୍ୟକ୍ତିଙ୍କୁ ମୁକ୍ତ କରିବା ଅପରାଧୀଙ୍କ ମନବଳ ବଢ଼ାଇବ। ହାଇକୋର୍ଟ ମଧ୍ୟ କେଉଁଭଳି ଭାବରେ ଅଭିଯୁକ୍ତ ଓ ଆର୍ଥ ଓ ବାହୁବଳ ପ୍ରୟୋଗ କରୁଛି। ବିଚାର ବିଭାଗୀୟ ହାଜତରେ ଥିବା ପୀଡିତାଙ୍କ ବାପାକୁ ହତ୍ୟା ମଧ୍ୟ କରାଯାଇଥିଲା। ତାଙ୍କ ପରିବାର ଏବେ ନ୍ୟାୟ ଦାବି କରୁଛି।

### ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ଜନସେବା, ରାଷ୍ଟ୍ରସେବାକୁ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫ ।୧୨ (ସବ୍ୟୁ) : ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦୀଜୀଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡିଶାର ସାଢେ ଚାରି କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି ବୋଲି ଆଜି ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା ଓ



ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଏମ୍ ଡ୍ୟାସବୋର୍ଡ ଜରିଆରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ଗୁଡିକର ରିଅଲ୍ ଟାଇମ୍ ମନିଟରିଙ୍ଗ୍ କରାଯାଇପାରିବ। 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍' ଜରିଆରେ ୧୫୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀସେବା ଉପଲବ୍ଧ ହେବ ଏବଂ ଓସ୍ୱାସ୍‌ର ସଂପ୍ରସାରଣ ମାଧ୍ୟମରେ ଏଣିକି ଜିଲ୍ଲା ଓ ବ୍ଲକସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡିକ ପେପରଲେସ୍ ହେବ। ଏହା ମାଧ୍ୟମରେ ରାଜ୍ୟରେ ସୁଶାସନର ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର

(୯ ପୃଷ୍ଠାରେ)

## ଦିବ୍ୟାଙ୍ଗ ଦୁଷ୍କର୍ମ, ହତ୍ୟା ପ୍ରତିବାଦରେ ଚାନ୍ଦବାଲି ବନ୍ଦ

ଭଦ୍ରକ, ୨୫ ।୧୨ (ସବ୍ୟୁ) : ମଙ୍ଗଳବାର ଚାନ୍ଦବାଲି ରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ପରେ ତାକୁ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଜିଲ୍ଲା ପୁଲିସର ତ୍ୱରିତ ପଦକ୍ଷେପରେ ଅଭିଯୁକ୍ତକୁ ୧୨ ଘଣ୍ଟା ମଧ୍ୟରେ ଗିରଫ କରିବା, ପୀଡ଼ିତା ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ଘୋଷଣାରେ ବିରୋଧୀ ସନ୍ତୁଷ୍ଟ ହୋଇ ନ ଥିଲେ । ସେମାନଙ୍କ ପୂର୍ବ ଘୋଷଣା ଅନୁଯାୟୀ ଗୁରୁବାର ଚାନ୍ଦବାଲି ବ୍ଲକ ରେ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ବିରୋଧୀ ବିଜେଡି, କଂଗ୍ରେସ ଓ ମିଳିତ ବାମ ଦଳ ତରଫରୁ ଗୁରୁବାର ସକାଳ ୬ ଘଟିକା ଠାରୁ ଦିନ ୧୨ ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଥିଲା । ଫଳରେ ବଜାର, ଘାଟ ବନ୍ଦ

(୯ ପୃଷ୍ଠାରେ)

# ଦୁର୍ଘଟଣାରେ ଜଳିଗଲା ବସ୍, ୧୦ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ, ୨୫।୧୨ : ବସ ସହ ଟ୍ରକ କର୍ଣ୍ଣାଟକର ଚିତ୍ରଗୁଡା ଜିଲ୍ଲା ୪୮ ନମ୍ବର ଜାତୀୟ ରାଜପଥରେ ମାଡ଼ ହେବାରୁ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ମାଡ଼ ହେବା ପରେ ବସରେ ନିଆଁ ଲାଗି ଯାଇଥିଲା ଅଧିକାଂଶ ମୃତକ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ବସରେ ୩୨ ଜଣ ଯାତ୍ରୀ ଥିଲେ, ଏହା ବେଙ୍ଗାଲୁରୁରୁ ଗୋକର୍ଣ୍ଣା ଯାଉଥିଲା ।

ମିଳିଥିବା ସୂଚନା ମୁତାବକ ରାତି ୨ଟାରେ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ଟ୍ରକ ନିୟନ୍ତ୍ରଣ ହରାଇ ବସ ସହ ମୁହାଁମୁହିଁ ଧକା ହୋଇଥିଲା। ଫଳରେ ଡିଜେଲ ଟାଙ୍କୀ ଫାଟି ଯିବାରୁ ତକ୍ଷଣାତ ନିଆଁ ଧରି ଥିଲା। ଏହି ଦୁର୍ଘଟଣାଟି ଗୋରୋଲାଥୁ ଗ୍ରାମ ନିକ ଘଟିଥିଲା । ଅଧିକାଂଶ ଯାତ୍ରୀ ଡେଇଁ ପଳାଇ ଯିବାରୁ ବଞ୍ଚିବାକୁ ସକ୍ଷମ ହୋଇଥିଲେ। ଯାତ୍ରୀ ବସ ଚାଳକ କ୍ଲିନର ଓ କଣ୍ଡକ୍ଟର ବସରୁ ଡେଉଁ ପଡିଥିଲେ। ମୁହାଁ ମୁହିଁ ଧକା ହୋଇଥିବାରୁ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି । ରାତି ହୋଇଥିବାରୁ ଯାତ୍ରୀମାନେ ବସରେ ଶୋଇ ପଡିଥିଲେ। ଦୁଇ ଜଣ ଯାତ୍ରୀ ଗୁରୁତର ଭାବେ

(୯ ପୃଷ୍ଠାରେ)

# ଆଉ ୪ ଦିନ ଘନ କୁହୁଡ଼ି

ଭୁବନେଶ୍ୱର, ୨୫ ।୧୨ (ସବ୍ୟୁ): ରାଜ୍ୟରେ କଲବଲ କରୁଛି କୁହୁଡ଼ି । ଦିନ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରି ହେଉନି । ରାସ୍ତାଘାଟ କିଛି ଦିଶୁନି । ଚାରିଆଡ଼େ ପୂରା କୁହୁଡ଼ିର ଆସ୍ତରଣ । ଉପକୂଳଠୁ ଆଭ୍ୟନ୍ତରୀଣ ପୁଣି ପଶ୍ଚିମାଞ୍ଚଳ ସବୁଠି କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିଛି । ସ୍ଥାନେ ସ୍ଥାନେ କୁହୁଡ଼ିର ଘନତା ୧୦୦ ମିଟର ଦୂରତା ରହିଥିଲା । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ଲାଗି ସତର୍କତା କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ କହିଥିଲେ, କେନ୍ଦୁଝର, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାର

(୯ ପୃଷ୍ଠାରେ)

# ଆଜି ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୫ ।୧୨ (ସବ୍ୟୁ) : ଆସନ୍ତାକାଲି ବିଜେଡି ପାଳିବ ୨୯ତମ ପ୍ରତିଷ୍ଠା ଦିବସ। ଏକ ଆଞ୍ଚଳିକ ଦଳ ଭାବେ ୨୯ ବର୍ଷ ଓଡ଼ିଶାରେ ତିଷ୍ଠିବା ଏହା ବିଜେଡିର ଏକ ଅନ୍ୟତମ ଉଲ୍ଲେଖନୀୟ ପ୍ରଦର୍ଶନ। ୧୯୯୭ ଡିସେମ୍ବର ୨୬ରେ ବିଜେଡି ଗଠନ ହୋଇଥିଲା। ତେବେ ଦଳ ଗଠନ ହେବାପରେ ରାଜ୍ୟରେ ହୋଇଥିବା ସବୁ ନିର୍ବାଚନରେ ୧ନଂ ଦଳ ଭାବେ ଉଭା ହୋଇଥିଲା। ୨୦୨୪ରେ ଏହାର ବ୍ୟତିକ୍ରମ ଘଟିଛି। ଦଳ ଏବେ ୨ନଂ ଦଳ ଭାବେ ରାଜ୍ୟରେ ଉଭା ହୋଇଛି।



କ୍ଷମତାରୁ ଯିବାର ଦୁଇବର୍ଷ ପରେ ବିଜେଡି ଦ୍ୱିତୀୟ ଥର ଲାଗି ତାର ପ୍ରତିଷ୍ଠା ଦିବସ ପାଳନ କରୁଛି। ବିଜୁ ପଟ୍ଟନାୟକଙ୍କର ଆବର୍ତ୍ତମାନ ପରେ ତାଙ୍କ ନାମରେ ଗଢ଼ା ହୋଇଥିଲା ବିଜୁ ଜନତା ଦଳ। ଦଳ ଗଠନ ସମୟରେ ଥିବା ଏହାର ଅନେକ ମୁଖ୍ୟ ବିନ୍ଧାଣୀ ଯଦିଓ ଦଳ ସହ କିଛିଦିନ ପରେ ନିଜର ସମ୍ପର୍କ ତୁଟାଇଥିଲେ ଏହା ସତ୍ତ୍ୱେ ବି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ତିଷ୍ଠି ରହିଥିଲା। ସବୁ ନିର୍ବାଚନରେ ବାଜିମାତ କରି ବିରୋଧୀଙ୍କୁ ଚକ୍‌ମା ଦେଖାଉଥିବା ବିଜେଡି ହଠାତ୍ ୨୦୨୪ ନିର୍ବାଚନରେ କ୍ଷମତାରୁ ଅପସରି ଗଲା। ୨୦୦୦ ରୁ ୨୦୨୪ ନିରଙ୍କୁଶ ଭାବେ ରାଜ୍ୟରେ କ୍ଷମତାରେ ରହିଥିଲା। ବିଜେଡିର ପ୍ରତିଷ୍ଠାତା ସଭାପତି ନବୀନ ପଟ୍ଟନାୟକ ଏବେବି ଦଳର ସଭାପତି ରହିଛନ୍ତି। ଲଗାତର ୨୯ ବର୍ଷ ଧରି ଦଳର ସଭାପତି ଦାୟିତ୍ୱ

### ନବୀନଙ୍କ ଘୋଷଣା ଉପରେ ରହିଛି ନଜର


(୯ ପୃଷ୍ଠାରେ)

# ଦେଶର ସର୍ବାଧିକ ପ୍ରଦୂଷିତ ତାଲିକାରେ ଓଡ଼ିଶାର ୩ ସହର

ଭୁବନେଶ୍ୱର, ୨୫ ।୧୨ (ସବ୍ୟୁ) : ଓଡ଼ିଶାରେ ବାୟୁର ଗୁଣବତ୍ତା ସୂଚାଙ୍କ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ଦେଶର ୫ ସହରାଞ୍ଚଳର ପ୍ରଦୂଷିତ ତାଲିକା ମଧ୍ୟରେ ଓଡ଼ିଶାର ୩ ସହର ରହିଛି । ଦିଲ୍ଲୀଠାରୁ ମଧ୍ୟ ଏହି ସହରଗୁଡ଼ିକରେ ବାୟୁର ମାନ ଅତ୍ୟନ୍ତ ଖରାପ ସ୍ତରରେ ପହଞ୍ଚିଛି। ବାଲେଶ୍ୱର, ତାଳଚେର, ବାରିପଦା ଏହି ତାଲିକାରେ ଥିବାବେଳେ ଭୁବନେଶ୍ୱର ପ୍ରଦୂଷଣ ବି ଚିନ୍ତାଜନକ ହୋଇଛି ।

ଆଜି ପୂର୍ବାହ୍ଣ ୧୧ଟା ସୁଦ୍ଧା ଦେଶର ୫ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ଏହି ୩ ସହର ରହିଥିଲା । ବାଲେଶ୍ୱରରେ ବାୟୁ ପ୍ରଦୂଷଣ ଅଧିକ ରହିଛି । ଏଠାରେ ବାୟୁର ଗୁଣବତ୍ତା ସୂଚାଙ୍କ ୩୩୬ ଥିବାବେଳେ ତାଳଚେରରେ ୩୨୪ ଓ ବାରିପଦାରେ ୩୦୪ ରହିଛି। ଦେଶର ଅନ୍ୟ ଦୁଇ ସହର ହେଉଛି କୋଲକାତାର ହଳଦିଆ ଓ ପଞ୍ଜାବର ରୂପ ନଗର। ଅନ୍ୟପଟେ ଦିଲ୍ଲୀରେ ବାୟୁର ମାନ ୨୧୮ ରହିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସ୍ଥିତି ଚିନ୍ତାଜନକ। ଗତକାଲି ମାଷ୍ଟରକ୍ୟାଣ୍ଟିନ୍ ଲିଙ୍ଗରାଜ ମନ୍ଦିର, କଳିଙ୍ଗ ହସ୍ପିଟାଲର ଆଖପାଖ ଅଞ୍ଚଳରେ ଏହି ମାନ ୩୦୦ ଟପିଥିଲା। ପରିବେଶବିତ୍‌ମାନେ ଏହାକୁ ନେଇ ଚିନ୍ତା ପ୍ରକଟ

(୯ ପୃଷ୍ଠାରେ)



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ଡଃ ମନମୋହନ ସିଂହ

ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ଖୁବ ପରିଚିତଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ । ୨୬ ସେପ୍ଟେମ୍ବର ୧୯୩୨ ମସିହାରେ ପଞ୍ଜାବରେ ଏକ ଶିଖ ପରିବାରରେ ଜନ୍ମ ହୋଇଥିଲେ ମନମୋହନ । ଭାରତ ବିଭାଜନ ପରେ ଶ୍ରୀ ସିଂହ ତାଙ୍କ ପରିବାର ସହ ଅମୃତସର ଯାଇଥିଲେ । ସେଠାରେ ସେ ହିନ୍ଦୁ କଲେଜରେ ନିଜର ଶିକ୍ଷା ସମାପ୍ତ କରିବାପରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଯୋଗଦେଇ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । ସେ ଅର୍ଥଶାସ୍ତ୍ରରେ ଟ୍ରିପୋସ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପ୍ରାପ୍ତ କରିଥିଲେ । ସେହି ସମୟରେ ସେ ସେଣ୍ଟ ଜର୍ଜ କଲେଜର ସଦସ୍ୟ ଥିଲେ । କେମ୍ବ୍ରିଜରେ କାର୍ଯ୍ୟକାଳ ଶେଷ କରି ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେ ୧୯୮୭ରୁ ୧୯୯୦ ପର୍ଯ୍ୟନ୍ତ ଜେନେଭାରେ ସାଉଥ୍ କମିଶନର ସେକ୍ରେଟାରୀ ଜେନେରାଲ ଭାବେ ସେ କାର୍ଯ୍ୟ କରିଥିଲେ । ୧୯୯୦ରେ ସେ ଭାରତ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କର ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ । ହେଲେ ହଠାତ ତାଙ୍କର ରାଜନନେତିକ ଜୀବନ ଆରମ୍ଭ ହୋଇଥିଲା । ୧୯୯୧ ମସିହାରେ ସେତେବେଳର ପ୍ରଧାନମନ୍ତ୍ରୀ ନରସିଂହ ରାଓ ଶ୍ରୀ ସିଂହଙ୍କୁ ନିଜ କ୍ୟାବିନେଟରେ ଅର୍ଥମନ୍ତ୍ରୀ କରିଥିଲେ । ଯାହାପରେ ତାଙ୍କର ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା । ସେ ଅର୍ଥମନ୍ତ୍ରୀ ଭାବେ ଭାରତର ଅର୍ଥ ବ୍ୟବସ୍ଥାର ଢାଞ୍ଚାଗତ ସୁଧାର ପାଇଁ ବ୍ୟବସ୍ଥା କରିଥିଲେ । ଏହା ପରେ ତାଙ୍କୁ ୧୯୯୮-୨୦୦୪ ଯାଏଁ କଂଗ୍ରେସ ପାର୍ଟିରୁ ରାଜ୍ୟ ସଭାରେ ବିରୋଧୀ ଦଳର ନେତା ହିସାବରେ ଦାୟିତ୍ୱ ଦିଆଯାଇଥିଲା । ୨୦୦୪ ମସିହାରେ ଶ୍ରୀ ସିଂହଙ୍କୁ ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଥିଲା । ଏହାପରେ ୨୦୦୯ରେ ସେ ଦ୍ୱିତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଅନେକ ଉଲ୍ଲେଖନୀୟ କାର୍ଯ୍ୟକୁ ଆଜି ବି ଦେଶବାସୀ ମନେରଖିଛନ୍ତି । ଏହି ବିଚକ୍ଷଣ ଅର୍ଥନୀତିଜ୍ଞ ତଥା ରାଜନେତାଙ୍କର ୨୬ ଡିସେମ୍ବର ୨୦୨୪ରେ ୯୨ରେ ବର୍ଷରେ ଦେହାନ୍ତ ହୋଇଥିଲା ।



# ପେଟରେ ମସ୍ତିଷ୍କର ଅଂଶ

ଆସାମର ଏକ ୧୧ ମାସର ଶିଶୁ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛି । ଏହି ଶିଶୁର ପେଟରୁ ଡାକ୍ତରଙ୍କୁ ମସ୍ତିଷ୍କର ଟିସୁ ମିଳିଛି । ସୂଚନା ଅନୁସାରେ ଏହି ଶିଶୁଙ୍କୁ ବିରଳ ରୋଗ ନ୍ୟୁରୋଗ୍ଲିୟଲ ହେଟେରୋଟୋପିୟା ସମସ୍ୟା ରହିଛି । ଏହି ସ୍ୱାସ୍ଥ୍ୟ ସମସ୍ୟାରେ ମସ୍ତିଷ୍କର ଟିସୁ ମୁଣ୍ଡ ବଦଳରେ ଶରୀରର କୌଣସି ଅନ୍ୟ ଅଙ୍ଗ ଭିତରେ ବିକଶିତ ହୋଇଥାଏ । ଗର୍ଭ ଅବସ୍ଥାରେ ଯେତେବେଳେ ଶିଶୁର ବିକାଶ ହୋଇଥାଏ ସେତେବେଳେ ହିଁ ଏହି ସମସ୍ୟାର ପ୍ରଭାବ ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଉକ୍ତ ଶିଶୁର ଅସ୍ତ୍ରୋପଚାର ସହାୟତାରେ ୫୫୦ ଗ୍ରାମ ଓଜନର ବ୍ରେନ ଟିସୁ ବାହାର କରାଯାଇଛି । ଏହି ଅସ୍ତ୍ରୋପଚାର ଚିକିତ୍ସା ବିଜ୍ଞାନ ପାଇଁ ଏକ ବଡ ଉପଲବ୍ଧି ।

୧୫୩୦- ମୋଗଲ ସମ୍ରାଟ ବାବରଙ୍କ ଦେହାନ୍ତ ।
୧୭୪୮- ଦକ୍ଷିଣ ହଲାଣ୍ଡକୁ ନେଇ ଫ୍ରାନ୍ସ ଏବଂ ଅଷ୍ଟ୍ରିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
୧୮୯୯- ସ୍ୱତନ୍ତ୍ରତା ସେନାନୀ ଅମର ସହିଦ ଉଦ୍ଧମ ସିଂହଙ୍କ ଜନ୍ମ ।
୧୯୦୪- ଦିଲ୍ଲୀରୁ ମୁମ୍ବାଇ ମଧ୍ୟରେ ଦେଶର ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ରାଲି ଉଦ୍‌ଘାଟିତ ।
୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ।
୧୯୯୭- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ପ୍ରମୁଖ ରାଜନୈତିକ ବିଜୁ ଜନତା ଦଳ (ବିଜେଡ଼ି)ର ସ୍ଥାପନା ।
୧୯୩୫- ଭାରତୀୟ ସମାଜସେବିକା ମାବେଲା ଅରୋଲଙ୍କ ଜନ୍ମ ।
୧୯୯୯- ଭାରତର ନବମ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମାଙ୍କ ନିଧନ ।
୨୦୧୨- ଚୀନ୍‌ର ରାଜଧାନୀ ବେଜିଂରୁ ଗ୍ୱାଙ୍ଗ୍‌ଝୁ ସହର ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ବିଶ୍ୱର ଦୀର୍ଘତମ ହାଇସ୍ପିଡ୍ ରେଳମାର୍ଗକୁ ଖୋଲାଗଲା ।

# ପଇସା ଦେଇ ଯାଉଛନ୍ତି ଜେଲ୍



ଚୀନରେ ନିକଟରେ ଏକ ଜେଲ ଖୁବ ଚର୍ଚ୍ଚାରେ ରହିଛି । ସାଧାରଣତଃ କୌଣସି ଦୋଷ କଲେ ଦଣ୍ଡ ଭାବେ ଜେଲ ଦଣ୍ଡ ମିଳିଥାଏ । ହେଲେ ଚୀନରେ ଏଭଳି ଏକ ଜେଲ ରହିଛି ଯେଉଁଠାରେ ରହିବାକୁ ଲୋକମାନେ ପଇସା ଦେଇ ଯାଉଛନ୍ତି । ଏହି ଜେଲର ନାଁ ରହିଛି ଫ୍ୟାଟ୍ ପ୍ରିଜନ । ଏଠାକୁ କେବଳ ମୋଟା ଲୋକମାନେ ଯାଉଛନ୍ତି । ଏହା ଅପରାଧୀଙ୍କ ପାଇଁ ଯେପରି ଜେଲ ସେହିଭଳି ନୁହେଁ, ବରଂ ଏହାଏକ ଓଜନ ନିୟନ୍ତ୍ରକ ବୁଟ କ୍ୟାମ୍ପ । ଲୋକ ଏଠାକୁ ୨୮ ଦିନ ପାଇଁ ଆସନ୍ତି ଏବଂ ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତି । ଏଠାରେ ରହିବା, ଖାଇବା ଓ ବ୍ୟାୟାମ କରିବାକୁ ସମସ୍ତ ସୁବିଧା ରହିଛି । ଏଠିକାର ଫିସ ୯୦ ହଜାର ହୋଇଥାଏ । ତେବେ ଏହାକୁ ଜେଲ କୁହାଯିବା ପଛରେ ମଧ୍ୟ କାରଣ ରହିଛି । ଏହି ଫ୍ୟାଟ୍ ପ୍ରିଜନର ଗେଟ ୨୪ ଘଣ୍ଟା ବନ୍ଦ ରହୁଥିବାବେଳେ ବିନା ଅନୁମତିରେ ବାହାରକୁ ଯାଇହେବ ନାହିଁ । ତେଣୁ ଲୋକ ଏହାକୁ ଜେଲ କହିଥାଆନ୍ତି । ଏଠାରେ ରହିବାକୁ ହେଲେ ସେମାନଙ୍କ ନିୟମ ମାନିବାକୁ ହୋଇଥାଏ । ଏଠାରେ ସକାଳ ୭ଟାରୁ ଉଠିବାକୁ ହୋଇଥାଏ । ପ୍ରତିଦିନ ଚାରି ଘଣ୍ଟା ବ୍ୟାୟାମ, ସକାଳ ଓ ସନ୍ଧ୍ୟାରେ ନିଜ ଓଜନ ପରଖିବା, ତିନି ଥର ଖାଦ୍ୟ ଖାଇବା ଭଳି ନିୟମ ରହିଛି । ସେହିଭଳି ଫୋନ ବ୍ୟବହାର ଉପରେ ମଧ୍ୟ କଟକଣା ରହିଛି । ଚୀନରେ ବିଗତ କିଛି ଦିନ ହେବ ମୋଟାପଣ ଓ ମେଦବହୁଳତା ଏକ ସମସ୍ୟା ପାଲଟିଛି । ଯେଉଁ କାରଣରୁ ଲୋକମାନେ ବର୍ତ୍ତମାନ ନିଜେନିଜେ ସଚେତନ ହୋଇ ଏଭଳି ପଦକ୍ଷେପ ନେଉଛନ୍ତି ।



# ନାଗୀନରେ ଈଶା

ଟେଲି ଅଭିନେତ୍ରୀ ଈଶା ସିଂଙ୍କୁ ଖୁବଶୀଘ୍ର ଧାରାବାହିକ ନାଗୀନରେ ଦେଖିବାକୁ ମିଳିବ । ବିଗବସରୁ ବାହାରିବା ପରେ ବର୍ତ୍ତମାନ ଏହି ହିଟ ଫ୍ରାଞ୍ଚାଇଜରେ ସାମିଲ ହୋଇଥିବାରୁ ଖୁବ ଖୁସି ଅଛନ୍ତି ଈଶା । କଲର୍ସରେ ତାଙ୍କୁ ଅନେକ ହିଟ୍ ଧାରାବାହିକରେ ଦେଖିବାକୁ ମିଳିଛି । ତେଣୁ ବର୍ତ୍ତମାନ ନାଗୀନ ମିଳିଥିବାରୁ ତାଙ୍କ ଫ୍ୟାନଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି । ଏହି ପ୍ରୋଜେକ୍ଟରେ କାମ କରିବା ଫଳରେ ତାଙ୍କୁ ଅନେକ ନୂଆ ସୁଯୋଗ ମିଳିଛି ବୋଲି ସେ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କର ଅନ୍ୟ ଧାରାବାହିକ ଠାରୁ ନାଗୀନର ଚରିତ୍ର ଖୁବ ଭିନ୍ନ ଥିଲାବୋଲି ଈଶା ମତ ଦେଇଛନ୍ତି । ଏହି ଚରିତ୍ରରେ ଅଭିନୟ କରି ସେ ନୂଆ କିଛି ଅନୁଭବ ପାଇଛନ୍ତି, ଯାହା ତାଙ୍କର ଆଗକୁ ସହାୟକ ହେବ । ନାଗିନର ଅନ୍ୟ ଷ୍ଟାରକାଷ୍ଟଙ୍କର ଈଶା ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

## ସୋସିଆଲ କୋଟ୍ସ



"ମୋ ପିଲାଙ୍କୁ କେବେହେଲେ ବି ପିତାର ଆବଶ୍ୟକତା ପଡି ନାହିଁ । ମୁଁ ସେମାନଙ୍କର ସବୁ ଆବଶ୍ୟକତାକୁ ପୂରଣ କରିଛି । ସେମାନେ ମୋର ବିବାହକୁ ମଧ୍ୟ ବିରୋଧ କରନ୍ତି, କୁହନ୍ତୁ ସେମାନଙ୍କର ପିତା ଦରକାର ନାହିଁ ।

**ସୁସ୍ମିତା ସେନ୍, ଅଭିନେତ୍ରୀ**



"ଅନୁପମ୍ ଅଙ୍କଲ ମୋଠାରୁ ଡ୍ୟାନ୍ସ ଶିଖିବା ପରେ ଖୁବ ଭଲ କରୁଛନ୍ତି । ସେ ଯେତବେଳେ ଘରକୁ ଆସନ୍ତି ଖୁବ ମଜା ହୁଏ । ବାପା ଠିକ କହୁଥିଲେ ସେ ହେଉଛନ୍ତି ବାପାଙ୍କ ପରେ ଦ୍ୱିତୀୟ ମଜାକିଆ ଲୋକ ।

**ବଂଶିକା କୌଶିକ, ସତିଶ କୌଶିକଙ୍କ ଝିଅ**



"ମୋତେ ଅକ୍ଷୟ କୁମାର ପଚାରିଥିଲେ କି ମୋ ଆଣ୍ଠୁ କାହିଁକି କଳା । ମୋତେ ଏଭଳି ମନ୍ତବ୍ୟ ଅପମାନଜନକ ଲାଗିଥିଲା । ହେଲେ ଅକ୍ଷୟ ମୋତେ ଏଥିପାଇଁ କେବେ ବି କ୍ଷମା ମାଗି ନାହାନ୍ତି ।

**ଶାନ୍ତି ପ୍ରିୟା, ଅଭିନେତ୍ରୀ**

# ଡେଟିଂ ପାଇଁ ପ୍ରୋତ୍ସାହନ ରାଶି

ନିକଟରେ ଦକ୍ଷିଣ କୋରିଆରେ କିଛି ଦିନହେବ ଭୟଙ୍କର ଜନସଙ୍କଟ ଦେଖିବାକୁ ମିଳୁଛି । ଏଠାରେ ଦୁନିଆର ସବୁଠାର କମ ଜନ୍ମ ହାର ରହିଛି । ତେବେ ଏଭଳି ସମସ୍ୟାକୁ ସାମନା କରିବାକୁ ସେଠିକାର ସରକାରଙ୍କ ପକ୍ଷରୁ ଏକ ନୂଆ ନିୟମ କରାଯାଇଛି । ସରକାର ପକ୍ଷରୁ ଏକ ମ୍ୟାଚ ମେକିଂ ପ୍ରୋଗ୍ରାମର ଆରମ୍ଭ କରାଯାଇଛି । ଏହି ପ୍ରୋଗ୍ରାମରେ ଝିଅ ପୁଅଙ୍କୁ ମିଶାଯାଇଥାଏ, ଯେପରି ସେମାନେ ବିବାହ କରି ପରିବାର ଆରମ୍ଭ କରିବେ । ଡେଟିଂ ଆରମ୍ଭ କରିବା ପୂର୍ବରୁ ପୁଅ ଝିଅଙ୍କୁ ୩୦ ହଜାର ଟଙ୍କା ମିଳିଥାଏ । ସେହିଭଳି ବିବାହ କରିବା ପରେ ସେମାନଙ୍କୁ ୧୨ ଲକ୍ଷ ଟଙ୍କା ମିଳିଥାଏ । ଏପରିକି ଦମ୍ପତିଙ୍କୁ ଘର କିଣିବାରେ ମଧ୍ୟ ସରକାର ସହଯୋଗ କରିବା ନେଇ ଘୋଷଣା ହୋଇଛି । ନିୟମ ଅନୁସାରେ ଏହି ପ୍ରୋଗ୍ରାମରେ ୨୪ରୁ ୪୩ ବର୍ଷର ଲୋକମାନେ ଭାଗ ନେଇ ପାରିବେ । ଏଥିପାଇଁ ଆବେଦନ କରିବା ପରେ ସାକ୍ଷାତକାର ଜରିଆରେ ଏମାନଙ୍କୁ ଚୟନ କରାଯିବ ।

## ଆଜିର ପଞ୍ଜିକା

ପୌଷମାସ ଶୁକ୍ଳପକ୍ଷ ଷଷ୍ଠୀ
ତା-୨୬-୧୨-୨୦୨୫ ଶୁକ୍ରବାର

**ମେଷ-** ଆୟବୃଦ୍ଧି, ସଫଳତା, ବିବାଦିତ କାର୍ଯ୍ୟେ ବିଜୟ, କର୍ମକ୍ଷେତ୍ରେ ସଫଳତା, ମାନସମ୍ମାନ, ସମାଜସେବା, ଆଶା ପୂରଣ, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ସମସ୍ତଙ୍କ ପ୍ରିୟପାତ୍ର ହେବେ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷେତ୍ରେ ସତର୍କ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା ମହାଲକ୍ଷ୍ମୀ ।

**ବୃଷ-** ସୁଖପ୍ରାପ୍ତି, ଆର୍ଥିକ ଲାଭ, ମାଲିମୋକଦ୍ଦମାରେ ଶୁଭଖବର, ଶତ୍ରୁ ପରାଜିତ, ଦୁଃଖ ଦୂର, କର୍ମକ୍ଷେତ୍ରେ ସହଯୋଗ, ନୂତନ କାର୍ଯ୍ୟରେ ଆନନ୍ଦ, ଭାତୃ ଭଗ୍ନୀଙ୍କ ସ୍ନେହ, ଋଣ ପରିଶୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ସଫେଦ, ସଂଖ୍ୟା-୩, ଆରାଧନା- ଭଗବାନ ଶଙ୍କର ।

**ମିଥୁନ-** ମନସ୍ତାପ, କିଛି କାର୍ଯ୍ୟରେ ବାଧା, ଭୂସମ୍ପତ୍ତି ଲାଭ, ମୋକଦ୍ଦମାରେ ସମସ୍ୟା, ବନ୍ଧୁସାହାଯ୍ୟ, ନୂତନ କର୍ମ, ଶୁଭକାର୍ଯ୍ୟେ ଧନବ୍ୟୟ, ଦୂରସ୍ଥାନକୁ ଯାତ୍ରା, ଅତିଥିଚର୍ଚ୍ଚା, ବ୍ୟବସାୟରେ ଲାଭ, ପାରିବାରିକ କଷ୍ଟ, ଶତ୍ରୁ ରହିବେ, ଶରୀର ସୁସ୍ଥ, ପୁନର୍ବସି ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**କର୍କଟ-** କିଣାବିକା, ଆର୍ଥିକସ୍ଥିତି ସାମାନ୍ୟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂଆ ଯୋଜନାରେ ଆନନ୍ଦ, ଆକସ୍ମିକ ଶୁଭଖବର, ଗୃହରେ ଉତ୍ସବ, ମାନସିକ ଅବସାଦ, ଯାତ୍ରାରେ ସମସ୍ୟା, ବିଦ୍ୟାରେ ଅବନତି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୩, ଆରାଧନା- ମା' ଦକ୍ଷିଣକାଳୀ ।

**ସିଂହ-** ନୂତନ ନିଯୁକ୍ତି, ବ୍ୟବସାୟରେ ଉନ୍ନତି, ଖୁସି ଖବର, ଶତ୍ରୁ ପରାଜିତ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସାକ୍ଷାତ, ତୀର୍ଥାଟନ, ନୂଆ ଯୋଜନାରେ ଲାଭ, ସମାଜସେବା, ବିଦେଶଭ୍ରମଣ, ବନ୍ଧୁଙ୍କ ସହ ଆନନ୍ଦ, ବିଦ୍ୟାଲାଭ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମା ମହାଲକ୍ଷ୍ମୀ ।

**କନ୍ୟା-** ବନ୍ଧୁଲାଭ, ଧାର୍ମିକ ଉତ୍ସବ, ନୂତନ କର୍ମନିଯୁକ୍ତି, କର୍ମକ୍ଷେତ୍ରେ ଅଳ୍ପ ସଫଳତା, ଯଶ ସମ୍ମାନ, ଲୋକସମ୍ପର୍କ ବୃଦ୍ଧି, ନେତୃତ୍ୱ ନେବେ, ଶତ୍ରୁ ଲାଗିରହିବେ, ଦୂରସ୍ଥାନକୁ ଯାତ୍ରା, ସ୍ୱାଦିଷ୍ଟ ଭୋଜନ, ତୀର୍ଥାଟନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-କଫି, ସଂଖ୍ୟା-୧୨, ଆରାଧନା- ମା ଭଗବତୀ ।

**ତୁଳା-** କର୍ମକ୍ଷେତ୍ରେ ବିବାଦ, ସ୍ୱାସ୍ଥ୍ୟପ୍ରତି ସତର୍କ, ବନ୍ଧୁବିଚ୍ଛେଦ, ଗୃହେ ଆନନ୍ଦ, ସ୍ୱଜନରେ ବିବାଦ, ଶରୀର କଷ୍ଟ, ମାନସିକ ଅବସାଦ, ଆର୍ଥିକ ଖୁସି, ଗୃହେ ଶୁଭକାର୍ଯ୍ୟ, ମୂଲ୍ୟବାନ ପଦାର୍ଥ ନଷ୍ଟ, ପିଲାଙ୍କ ଖୁସି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା- ମା ଛିନ୍ନମସ୍ତା ।

**ବିଛା-** ମାନସିକ ଅସ୍ଥିରତା, ଅର୍ଥ ସମସ୍ୟା, ଅଧିକ ଖର୍ଚ୍ଚ ଦୂରସମ୍ପର୍କରେ ଉନ୍ନତି, ଜନସେବା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବାକିଧନ ମିଳିବ, ଯାନବାହନରେ ଖର୍ଚ୍ଚାନ୍ତ, ସ୍ୱଜନେ ବିବାଦ, ଶତ୍ରୁ ଲାଗିରହିବେ, କର୍ମକ୍ଷେତ୍ରେ ସ୍ୱଳ୍ପ ସମାଧାନ, ଜେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ହଳଦୀ ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**ଧନୁ-** ଘାତବାର ହେତୁ କାର୍ଯ୍ୟରେ ବିଳମ୍ବ, ଅର୍ଥସମସ୍ୟା ସମାଧାନ, ବନ୍ଧୁଦର୍ଶନ, ତୀର୍ଥାଟନ, ଗୃହେ ଉତ୍ସବ, ନୂତନ କାର୍ଯ୍ୟ, ବିବାଦରୁ ମୁକ୍ତି, ସୁସମାଚାର, ପରୋପକାର, ଧାର୍ମିକ କାର୍ଯ୍ୟେ ଆଗ୍ରହ, ସମାଜସେବା, ଦୂରଯାତ୍ରା, ମୂଳା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ଭଗବାନ ବିଷ୍ଣୁ ।

**ମକର-** ଦ୍ୱିତୀୟଚନ୍ଦ୍ର ହେତୁ ଖର୍ଚ୍ଚ ଅଧିକ, ବ୍ୟବସାୟ ମଧ୍ୟମ, ମାନସମ୍ମାନ ପ୍ରାପ୍ତି, ଶତ୍ରୁ ଲାଗିରହିବେ, ଅସୁସ୍ଥତା, ପରିବାରରେ ଶତ୍ରୁତା, ଗାଡ଼ିଚାଳନାରେ ସାବଧାନ, ନୂତନ କର୍ମନିଯୁକ୍ତି, ସମ୍ପର୍କରେ ବାଧା, ଜମିଗଣ୍ଡଗୋଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-କଳା ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**କୁମ୍ଭ-** ଅର୍ଥଲାଭ, ପାରିବାରିକ ସୁଖ, ବ୍ୟବସାୟରେ ଲାଭ, ମୋକଦ୍ଦମାରେ ବିଜୟ, ଶତ୍ରୁପରାଜିତ, ସମସ୍ୟାରୁ ମୁକ୍ତି, କାର୍ଯ୍ୟରେ ବିଳମ୍ବ ମାତ୍ର ଖୁସି ଲାଗିରହିବ, ଧାର୍ମିକ ଅନୁଷ୍ଠାନ କରିବେ, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟାରେ ଉନ୍ନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-କଳା, ସଂଖ୍ୟା-୩, ଆରାଧନା- ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ-** ଚିନ୍ତା ବୃଦ୍ଧି, କିଛି କାର୍ଯ୍ୟରେ ବାଧା, ଭୂସମ୍ପତ୍ତି ଲାଭ, ମୋକଦ୍ଦମାରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସମସ୍ୟା, ଶତ୍ରୁ ଲାଗିରହିବେ, ଧର୍ମକାର୍ଯ୍ୟ ପ୍ରତି ଅନାଗ୍ରହ, କର୍ମକ୍ଷେତ୍ରେ ଉଚ୍ଚବାଚ, ଦୂରଯାତ୍ରା, ବିଦ୍ୟାରେ କଷ୍ଟ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତ, ଶୁଭରଙ୍ଗ-ଗୋଲାପି ସଂଖ୍ୟା-୪, ଆରାଧନା- ମା ଗୌରୀ ।

ପଣ୍ଡିତ- ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



# ମାଓ ସମସ୍ୟାକୁ ଦମନ କରିବା ଦିଗରେ ଏସ୍ଓଜିର ଅବଦାନ ଅନନ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସ. ଓ. ଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଂ କେନ୍ଦ୍ର ଉଦଘାଟନ କରିଛନ୍ତି। ଏଥିରେ ଏକା ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ଏହା ସହିତ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୧୬ ଟି ଜିଲ୍ଲାର ୧୬ ଟି ଥାନା ଗୃହ, ୭୦ ଟି କ୍ୱାର୍ଟର, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ଆଦି ପ୍ରକଳ୍ପ ମଧ୍ୟ ଉଦଘାଟନ କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧ ପରିକର ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଆତଙ୍କବାଦୀ ମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟଧାରାରେ ସାମିଲ ହୁଅନ୍ତୁ ଏବଂ ବିକାଶ ପାଇଁ ସରକାରଙ୍କ ପ୍ରଗତି ରଥରେ ସାରଥି ସାଜନ୍ତୁ ବୋଲି ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେଯେ, ରାଜ୍ୟରେ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି



ଜାରି ରହିଥିବା ମାଓବାଦୀ ସମସ୍ୟାକୁ ଦମନ କରିବା ଦିଗରେ ଏସ୍ଓଜିର ଅବଦାନ ଅନନ୍ୟ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଦେଶରୁ ନକ୍ସଲ ବାଦ ଲୋପ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍ ଲାଇନ ରଖିଛନ୍ତି, ସେଥିରେ ଆମେ ସଫଳ ହୋଇ ଚାଲିଛୁ । ନିକଟରେ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀଙ୍କର ସମୂହ ଆତ୍ମସମର୍ପଣ ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଦେଶର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଗୃହ ମନ୍ତ୍ରୀଙ୍କ ଷ୍ଟ୍ରାଟେଜି ଯୋଗୁଁ ଦେଶ ଆଜି ଶାନ୍ତି ଓ ବିକାଶର ପଥରେ ଦୃତ ଗତିରେ ଆଗେଇ ଚାଲିଛି । ଏସ୍ଓଜି ଓ ଅନ୍ୟ ସଂପୃକ୍ତ ନକ୍ସଲ ଦମନ ସଂସ୍ଥାର ଯବାନ ମାନଙ୍କ ରିସ୍କ ଆଲାଉନ୍ସର ବିଷୟ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ସ୍ପେସାଲ ଅପରେସନ୍ ଗ୍ରୁପ୍ ବା ଏସ୍ଓଜି ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ଆଲାଉନ୍ସ ପାଇବେ । ଏସ୍ଓଜି ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦,୦୦୦ ଟଙ୍କା, ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬,୦୦୦ ଟଙ୍କା ଭତ୍ତା ପାଇବେ । ସେହିପରି, ଏସ୍ଓଜି ଏବଂ ଏଇଟି ଓ ଆରସିର ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ । ସେହିପରି ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିଅର ଫୋର୍ସର କର୍ମଚାରୀମାନେ ମାସିକ ସର୍ବାଧିକ ୧୦,୦୦୦ ଟଙ୍କା ଏବଂ ଏସ୍ଆଇଡବ୍ଲ୍ୟୁ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ପୁଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଏବଂ କ୍ରିୟାଶୀଳ କରିବା ନିମନ୍ତେ ଆମ ସରକାରଙ୍କ ଦ୍ୱାରା ଯେ ରାଜ୍ୟ ସରକାର ଇତିମଧ୍ୟରେ ସଂଶୋଧିତ "ଆତ୍ମସମର୍ପଣ ଏବଂ ପୁନର୍ବାସ" ଯୋଜନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ଯୋଜନା ଅନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ସହିତ ବାସଗୃହ, ଶିକ୍ଷା ସହାୟତା, ବିବାହ ସହାୟତା ଏବଂ ରୋଜଗାର ନିମନ୍ତେ ମାସିକ ୧୦,୦୦୦ ଟଙ୍କାର ଷ୍ଟାଇପେଣ୍ଡ ସହିତ ବୃତିଗତ ତାଲିମର ସୁବିଧା ମିଳି ପାରିବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଏସ୍ଓଜି କମାଣ୍ଡୋ ମାନେ ସାହାସିକତା

### ଆତ୍ମସମର୍ପଣ କରି ସମାଜର ମୁଖ୍ୟ ଧାରାରେ ସାମିଲ ହୁଅନ୍ତୁ

୩ଟି ଓଏସ୍ଏସ୍ଏଫ୍ ବାଟାଲିୟନ, ୩ଗୋଟି ଓ.ଆଇ.ଏସ.ଏଫ., ୧୦ଟି ନୂତନ ଓଡ୍ରାଫ ୟୁନିଟ, ଗୋଟିଏ ଟ୍ରାଫିକ୍ ଓ ରୋଡ୍ ସେଫ୍ଟି ୱିଙ୍ଗ, ୨୧ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଏବଂ ଗୋଟିଏ ନୂତନ ପୁଲିସ ଜିଲ୍ଲା ପ୍ରତିଷ୍ଠା କରାଯାଇଛି । ଏଥି ସହିତ, ଆମ ସରକାର ପୁଲିସ ବିଭାଗରେ ସର୍ବମୋଟ ୧୫,୩୨୬ ଟି ନୂତନ ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସେ କହିଥିଲେ ଭରା ଆତଙ୍କ ଦମନ ଡେମୋ ଅପରେସନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଡିଜିପି, ଯୋଗେଶ ବାହାଦୂର ଖୁରାନିଆ, ଏଡିଜିପି (ଏଏନ୍ଓ) ସଞ୍ଜୀବ ପଣ୍ଡା, ଓଏଚ, ଅପେରସନସ, ଡ. ଦୀପକ କୁମାର, ଆଇଜିପି, ଡିଆଇଜିପି.ଡ ଅଖିଳେଶ୍ୱର ସିଂ, ବରିଷ୍ଠ ପୁଲିସ ଅଫିସର ସମେତ ଏସ୍ଓଜି ପୋଲିସ କର୍ମଚାରୀ ଗଣ ଉପସ୍ଥିତ ଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଏମ୍ସରେ ତାଙ୍କ ପ୍ରତିମୂର୍ତ୍ତି ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

## ସ୍ୱନ୍ସର୍ଡ ଡିଏନବି ଅସଙ୍ଗତି ମାମଲା

# ଡାକ୍ତରଙ୍କୁ ଏନଓସି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ

କଟକ, (ସବ୍ୟୁ) : ଓଡ଼ିଶା ମେଡିକାଲ ସ୍ୱାସ୍ଥ୍ୟସେବା (ଓଏମଏଚଏସ) କ୍ୟାଡରର ଜଣେ ଡାକ୍ତରଙ୍କୁ ନ୍ୟାସନାଲ ବୋର୍ଡ (ଡିଏନବି) ପାଠ୍ୟକ୍ରମରେ ଆଡମିସନ୍ ପାଇଁ ରାଜ୍ୟ ସରକାର ଏନଓସି ପ୍ରଦାନ ନ କରିବା ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରି ଏଭଳି ନିଷ୍ପତ୍ତି ଅଯୌକ୍ତିକ ଓ ମନମୁଖୀ ବୋଲି ଦର୍ଶାଇଛନ୍ତି। ଆବେଦନକାରୀ ଡାକ୍ତରଙ୍କୁ ୨୦୨୬ ଜାନୁଆରୀ ୨ ମଧ୍ୟରେ ଏନଓସି ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟରେ, ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଡା. ସୁବ୍ରତ ଜମାଦାର ୨୦୨୫ ଆଡମିସନ୍ ସେସନ୍ ପାଇଁ ସ୍ୱନ୍ସସର୍ଡ ଡିଏନବି ସିଟ୍ ପାଇଁ କେନ୍ଦ୍ରୀୟ କାଉନସେଲିଂରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ନିକଟରେ ଏନଓସି ପାଇଁ ଆବେଦନ କରିଥିଲେ। ରାଜ୍ୟ ସରକାରଙ୍କ ଏ କମିଟିର ନିଷ୍ପତ୍ତିକ୍ରମେ ସ୍ୱନ୍ସର୍ଡ ଡିଏନବି ପାଇଁ ଏନଓସି ଦିଆଯାଇପାରିବନି ବୋଲି ଦର୍ଶାଇ ଆବେଦନ ଖାରଜ କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ଡାକ୍ତର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଡିଏନବି (ପୋଷ୍ଟ ଏମବିବିଏସ) ସ୍ୱନ୍ସର୍ଡ ଓ ନନ୍-ସ୍ୱନ୍ସର୍ଡ ମଧ୍ୟରେ ଏପରି ପ୍ରଭେଦ କରି ଏନଓସି ନ ଦେବା ଅନ୍ୟାୟ। ଓଡ଼ିଶା ସର୍ଭିସ କୋଡ୍ ନିୟମ ୧୭ ୯ ଅନୁସାରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ ଛୁଟି / ସୁବିଧା ଦେବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଏନଓସି ଦେବା ଏକ ନୀତିଗତ ନିଷ୍ପତ୍ତି। ୨୦୨୨ ସେପ୍ଟେମ୍ବର ୨ର କମିଟି ନିଷ୍ପତ୍ତି ଅନୁସାରେ ସ୍ୱନ୍ସର୍ଡ ଡିଏନବି ପାଇଁ ଏନଓସି ଦିଆଯାଉ ନାହିଁ। ଅଦାଲତ ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱନ୍ସର୍ଡ ଡିଏନବି ଓ ନନ୍-ସ୍ୱନ୍ସର୍ଡ ଡିଏନବି ମଧ୍ୟରେ କୌଣସି ଯୁକ୍ତିସଙ୍ଗତ ପ୍ରଭେଦ ପ୍ରମାଣ କରିପାରି ନ ଥିବାରୁ ଦିଆଯାଇଥିବା ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇବା ସହ ଏପରି ଭେଦଭାବ ଆର୍ଟିକିଲ ୧୪ ବିରୋଧୀ ଓ ସ୍ପଷ୍ଟ ଭାବେ ଅସଙ୍ଗତ। ତେଣୁ ଆବେଦନକାରୀଙ୍କୁ ଏନଓସି ଜାରି କରିବାକୁ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଟଳ ଶତାବ୍ଦୀର ଶତଦଳ କବିତା ପାଠୋତ୍ସବ

# ଅଟଳଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରନି ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଅବସରରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ କରିଛନ୍ତି ।

ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ କବିତା କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱର୍ କବି ଅଂଶଗ୍ରହଣ କରି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଅଟଳ ଶତାବ୍ଦୀର ଶତଦଳ ଶୀର୍ଷକ



କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ । ସେହି ଅଜୟ, ଅଟଳ ଓ ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉପଲକ୍ଷେ ଆଜି ଓଡ଼ିଶାର ଶତାଧିକ କବି ଏକତ୍ରିତ ହୋଇ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କବିତା ପାଠୋତ୍ସବ ହୋଇଥିଲା । କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ କହିଥିଲେ, ଅଟଳଙ୍କ ଭାବନା, ଚେତନା, ଶବ୍ଦ ସଂରଚନା ଓ ସାହିତ୍ୟ ସର୍ଜନାରେ ଦର୍ଶନ ତ%୦ ଦେଖିବାକୁ ମିଳେ । ତାଙ୍କର ପ୍ରତ୍ୟେକ ସାରସ୍ୱତ କୃତିରେ ଉଭୟ ବିନମ୍ରତା ଓ ନିର୍ଭୀକତାର ଭାବନା ପ୍ରସ୍ଫୁଟିତ ହୋଇଥାଏ । ତାଙ୍କ ଅମର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ । ଏହି ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ଦେବେ ବୋଲି ମୁଁ ଆଶା କରୁଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ଅଟଳଙ୍କୁ ସ୍ମରଣ କରି ନିଜର ଶବ୍ଦ ଅର୍ଘ୍ୟ ଅର୍ପଣ କରିଥିଲେ । ସମସ୍ତ କବିମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ଅଟଳଜୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ସାହିତ୍ୟିକ ତଥା ପ୍ରାବନ୍ଧିକ ହରପ୍ରସାଦ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତଥିଲେ ।

# ତେନ୍ତୁଳିଆ ବାଲି ଘାଟରେ ଉପ ଜିଲ୍ଲାପାଳଙ୍କ ଚଢାଉ

ବାଙ୍କୀ , (ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବାଙ୍କୀ ତହସିଲ ଅନ୍ତର୍ଗତ ଓସ୍ତିଆ ଓ ବନ୍ଦାଳ ଗ୍ରାମ ପଞ୍ଚାୟତ ତେନ୍ତୁଳିଆ ଗ୍ରାମ ଠାରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣର ଅଭିଯୋଗ ହେବା ପରେ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା ,ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପୋଲିସ ଫୋର୍ସ ସହିତ ସକାଳୁ ସକାଳୁ ତେନ୍ତୁଳିଆ ବାଲି ଘାଟରେ ଚଢାଉ କରି ଥିଲେ । ପୋଲିସ ଓ ଉପ ଜିଲ୍ଲାପାଳ ଙ୍କୁ ଦେଖି ବାଲି ବୋଝେଇ ଟ୍ରାକଟର ଗୁଡିକ ଗାଡିରୁ ମହାନଦୀରେ ବାଲିକୁ ଢାଳି ଖାଲି ଗାଡି ସବୁ ତିଗିରିଆ ଅଞ୍ଚଳ ଗ୍ରାମ ଆଡେ ପଳାଇ ଯାଇଥିଲେ । ତେନ୍ତୁଳିଆ ଗାଆଁ ନିକଟରେ ମହାନଦୀ ବନ୍ଧ କାଟି ମାଟି ରାସ୍ତା ନିର୍ମାଣ କରି ଚୋରାରେ ବେଧଡକ ଭାବେ ଦୈନିକ ଶହ ଶହ ଟ୍ରିପ ବାଲି ଉଠାଣ କରି ଆଠଗଡ ଓ ତିଗିରିଆ ଅଞ୍ଚଳ ରେ ଚଢ଼ା ଦରରେ ବିକ୍ରି ବାଲି ବିକ୍ରୀ କରୁଛନ୍ତି । ତେନ୍ତୁଳିଆ ବାଲି ଘାଟ ରେ ଚଢାଉ ସମ୍ପର୍କ ରେ ବାଙ୍କୀ ଉପ ଜିଲ୍ଲାପାଳ ଙ୍କୁ ପଚାରିବାରେ ସେ କହିଲେ ବାଲି ଚୋରାରେ ଚାଲାଣ ହେଉଛି ।

# ଶିଖରଚଣ୍ଡୀରେ ଚାରିଟିକିଆ ହାତୀପଲ

ଭୁବନେଶ୍ୱର, (ସବ୍ୟୁ) : ଶିଖରଚଣ୍ଡୀ ମୁଣ୍ଡିଆ ଜଙ୍ଗଲରେ ଚାରିଟିକିଆ ହାତୀପଲ ତିନିଦିନ ହେବ ରହିଛନ୍ତି । ରାତିରେ ବୁଲାବୁଲି କରୁଥିବା ବେଳେ ଦିନରେ ନିର୍ମାଣାଧୀନ ପାଣିଟାଙ୍କି ପଛପଟେ ରହୁଛନ୍ତି । ଏହି ଖବର ବନ ବିଭାଗ ପାଇବା ପରେ ଦୁଇଟି ଟିମ୍ ସୁରକ୍ଷା ଦୃଷ୍ଟିରୁ ଜଗି ରହି ତାଙ୍କୁ ଚନ୍ଦକା କିମ୍ବା ଭରତପୁର ଜଙ୍ଗଲକୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି । ପର୍ଯ୍ୟଟନ ଋତୁ ହୋଇଥିବାରୁ ଶିଖରଚଣ୍ଡୀ ମୁଣ୍ଡିଆରେ ଅଧିକ ଲୋକ ଚଳପ୍ରଚଳ ହେଉଛନ୍ତି । କାଳେ ସେମାନଙ୍କୁ ହାତୀପଲ ଆକ୍ରମଣ କରିବେ ସେଥିପାଇଁ ବନ ବିଭାଗର ଦୁଇଟି ଟିମ୍ ସେଠାରେ ପଇଁତରା ମାରୁଛନ୍ତି । ଶିଖରଚଣ୍ଡୀକୁ ପର୍ଯ୍ୟଟନ ଋତୁରେ ହାତୀ ଆସିବା ନୂଆକଥା ନୁହେଁ । ପୂର୍ବରୁ ବହୁବାର ହାତୀପଲ ଆସି ଶିଖରଚଣ୍ଡୀରେ ଉତ୍ପାତ କରନ୍ତି । ହାତୀପଲଙ୍କୁ ଦେଖି ଶିଖରଚଣ୍ଡୀଙ୍କ ଦର୍ଶନରେ ଯାଉଥିବା ପର୍ଯ୍ୟଟକମାନେ ଭୟଭୀତ ହେବା ସ୍ୱାଭାବିକ କଥା ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ ସହ ଆଲୋଚନା

# ଗଠନ ହେବ କମିଟି, ସକାରାତ୍ମକ ପଦକ୍ଷେପ ନିଆଯିବ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବା ଅବାଧ ରଖିବା ଓ ଜନସ୍ୱାର୍ଥକୁ ସର୍ବୋପରି ଧ୍ୟାନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି ଆଲୋଚନା ଫଳାଫଳ ସକାରାତ୍ମକ ରହିଛି । ଓଡିଶା ମେଡିକାଲ ସର୍ଭିସ ଆସୋସିଏସନର ଦାବିଗୁଡିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବି ଗୁଡ଼ିକର ଅନୁଧ୍ୟାନ କରାଯାଇ ସକାରାତ୍ମକ ପଦକ୍ଷେପ ନିଆଯିବ । ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଙ୍ଘ ତରଫରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ୍ତ ରହିବାକୁ ସେ ଅନୁରୋଧ କରିଥିଲେ । ବୈଠକ ଶେଷରେ ଡାକ୍ତର ସଙ୍ଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାରଙ୍କ ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରି ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ପୁରୀର ବିଭିନ୍ନ ଚର୍ଚ୍ଚରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ଓ ବଡଦିନ ପାଳିତ

ପୁରୀ, (ସବ୍ୟୁ) : ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୨୫ ତାରିଖ ରାତିରେ ଧରାବତାରଣ



କରିଛନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟ। ଏଥି ପାଇଁ ଉତ୍ସବମୁଖର ହୋଇପଡିଛି ପୁରୀର ସମସ୍ତ ଚର୍ଚ୍ଚ। ବିଶେଷ କରି ପୁରୀ କ୍ୟାଥୋଲିକ ଚର୍ଚ୍ଚରେ ଧୁମ୍ ଧାମରେ ବଡଦିନ ପାଳନ କରାଯାଇଛି। ବଡଦିନକୁ ଖ୍ରୀଷ୍ଟ ଧର୍ମରେ ସବୁଠାରୁ ପବିତ୍ର ମନେ କରାଯାଇଥାଏ ଏହି ଦିନକୁ। ଶାନ୍ତି, ଐକ୍ୟ ଓ ପ୍ରେମର ବାର୍ତ୍ତା ନେଇ ଗତକାଲି ମଧ୍ୟରାତ୍ରୀରେ ଧରାବତରଣ କରିଥିଲେ ପ୍ରଭୁ ଯୀଶୁ। ଧରାପୃଷ୍ଠରେ ପ୍ରଭୁଙ୍କ ସ୍ୱାଗତ ଲାଗି ଚର୍ଚ୍ଚଗୁଡ଼ିକ ଆଲୋକମାଳାରେ ସଜାଯିବା ସହ ସାରା ବିଶ୍ୱ ଉତ୍ସବମୁଖର ହୋଇପଡିଥିଲା ।ନିର୍ଦ୍ଧାରିତ ସମୟ ଅନୁଯାୟୀ ପୁରୀ କ୍ୟାଥୋଲିକ ଚର୍ଚ୍ଚ ପରିସରରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଜନ୍ମଗ୍ରହଣ କରିଥିଲେ ।ଏଥିପାଇଁ ଚର୍ଚ୍ଚ ପରିସରରେ ପ୍ରତୀକାତ୍ମକ ଭାବେ ଏକ ଗୁହାଳ କରାଯିବା ସହ ଶିଶୁ ଯୀଶୁଙ୍କ ପ୍ରତିମୂର୍ତ୍ତି ରଖାଯାଇଥିଲା ।ଦେବଦୂତଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାଗତ ସଙ୍ଗୀତ ମଧ୍ୟରେ ମେଷ ପାଳକ ଜଗିରହିଥିଲେ। ଚର୍ଚ୍ଚର ଫାଦର୍ ପବିତ୍ର ଜଳ ସିଞ୍ଚନ କରି ଶିଶୁ ଯୀଶୁଙ୍କ ପ୍ରାର୍ଥନା ଘରକୁ ଆଣିଥିଲେ ।ଏହାପରେ କ୍ୟାରୋଲ ସଙ୍ଗୀତ ଗାନ କରାଯାଇଥିଲା ।ସାମୁହିକ ପ୍ରାର୍ଥନା ପରେ ଫାଦର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଇତିହାସ ଓ ସେ କେଉଁ ଉଦ୍ଦେଶ୍ୟରେ ଧରାବତରଣ କରିଥିଲେ ତାର ଦିବ୍ୟ ସନ୍ଦେଶ ପ୍ରଦାନ କରିଥିଲେ। ପରେ ସମସ୍ତ ଖ୍ରୀଷ୍ଟ ଧର୍ମାବଲାମ୍ବୀ ଭାଇ ଭଉଣୀ ପରସ୍ପରକୁ ମେରୀ ଖ୍ରୀଷ୍ଟମାସ୍ ର ଅଭିନନ୍ଦନ ଜଣାଇଥିଲେ।

## ଏସ୍ଆଇ ନିଯୁକ୍ତି ଘୋଟାଲା

# ତିନିଦିନ ରିମାଣ୍ଡରେ ଅମିତ ଭାରତୀ

ଭୁବନେଶ୍ୱର, (ସବ୍ୟୁ) : ଏସ୍ଆଇ ନିଯୁକ୍ତି ଘୋଟାଲାରେ ବିହାରରୁ ଗିରଫ ହୋଇଥିବା ଅମିତ ଭାରତୀକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ତଦନ୍ତକାରୀ ଟିମ୍ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ହାଜର କରିବା ପରେ ତିନିଦିନ ରିମାଣ୍ଡରେ ନେଇଛି ।

ଶଙ୍କର ପୃଷ୍ଟି ଆନ୍ତଃରାଜ୍ୟ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଥିଲା । ବିହାରରୁ ଗିରଫ ହୋଇଥିବା ଅମିତ ସେଠାରେ ପିଲା ଯୋଗାଡ କରିବା ସହ ସେମାନଙ୍କ ଠାରୁ ସାର୍ଟିଫିକେଟ୍ ଓ ଅଗ୍ରୀମ ୧୦ଲକ୍ଷ ଟଙ୍କା ଆଣୁଥିଲା । ଶଙ୍କରକୁ ରିମାଣ୍ଡରେ ଆଣି ଜେରା କରିବା ପରେ ବିହାର ଲିଙ୍କ୍ ସମ୍ପର୍କରେ ସ୍ପଷ୍ଟ ହୋଇଛି ସିବିଆଇ ତଦନ୍ତକାରୀ ଟିମ୍ । ଦଲାଲମାନଙ୍କୁ ରିମାଣ୍ଡରେ ଆଣି ଜେରା କରିବା ପରେ ଗୁଜରାଟ ଓ ବିହାରରୁ ଏଜେଣ୍ଟମାନେ ଗିରଫ ହେଲେଣି ।

ଏମାନଙ୍କୁ ଜେରା କରି ତଥ୍ୟ ସଂଗ୍ରହ କରିବା ପରେ ଓପିଆର୍‌ବି ଓ ଅନ୍ୟ ଅଫିସରଙ୍କୁ ଜେରା କରାଯିବ । ଓପିଆର୍‌ବି ଓ ଅନ୍ୟ କେତେକ ପୋଲିସ ଅଫିସରଙ୍କୁ ସିବିଆଇ ସମନ କରିଛି ହାଜର ହେବାକୁ । ଅଫିସରଙ୍କ ପରେ ଏହି ଘୋଟାଟା ପଛରେ ଥିବା ନେତାଙ୍କୁ ସମନ କରାଯାଇପାରେ । କାରଣ ଜଣେ ପ୍ରାର୍ଥୀ ୨୫ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିଲା । ଅଗ୍ରୀମ ୧୦ଲକ୍ଷ ଟଙ୍କା ଦେବେ ଓ ନିଯୁକ୍ତିପତ୍ର ପାଇବା ପରେ ଆଉ ୧୫ଲକ୍ଷ ଟଙ୍କା ଦେବେ ବୋଲି ସେମାନଙ୍କ ସହ ଚୁକ୍ତି ହୋଇଥିଲା । ଏସ୍ଆଇ ନିଯୁକ୍ତି ଘୋଟାଲାରେ କେଉଁମାନେ ଜଡିତ ଓ ତାଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ତାହା ଆଗକୁ ବଢିଲେ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ରେଢ଼ାଖୋଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ

# ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି 'ସୁଶାସନ ଦିବସ' ଅବସରରେ ସମ୍ବଲପୁର ରେଢ଼ାଖୋଲ ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉଦଘାଟନ ସହ ପ୍ରାୟ ୨୪୫ କୋଟି ୫୭ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ୪୦ଟି ଜନହିତକର ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରିବା ସହ ଓଡ଼ିଶା ଏବଂ ଦେଶ ପ୍ରତି ତାଙ୍କର ଅବଦାନକୁ ମନେପକାଇଥିଲେ । ସେ କହିଥିଲେ ଅଟଳଜୀ ଓଡ଼ିଶାର ବିକାଶ ପାଇଁ ସର୍ବଦା ପ୍ରତିବଦ୍ଧ ଥିଲେ ଏବଂ ମହାବାତ୍ୟା ସମୟରେ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ । ସମ୍ବଲପୁର-ତାଳଚେର ରେଳ ଲାଇନ୍ ତାଙ୍କର ଦୂରଦୃଷ୍ଟି ଯୋଗୁଁ ସମ୍ଭବ ହୋଇପାରିଥିବା କହିଥିଲେ । ସେ କହିଥିଲେ ଆଜି ଭଳି ପବିତ୍ର ଦିବସରେ ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ରେଢ଼ାଖୋଲରେ ଶିକ୍ଷାର ମାନକୁ ବଢ଼ାଇବା ସହ ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ।

ସ୍ଥାନୀୟ ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଥିଲେ ରେଢ଼ାଖୋଲ ହେଉଛି ପବିତ୍ର ମାଟି । ଏହି ଅଞ୍ଚଳ କଥା ଆସିଲେ ଅନ୍ଧକାର ମଧ୍ୟରେ ଆଲୋକର ବର୍ତ୍ତିକା ଦେଖାଇଥିବା ମହିମା ଧର୍ମର ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ କଥା ଆସେ । ଏହି ମାଟି ହେଉଛି ତାଙ୍କର ସାଧନା ପୀଠ । ସେ ତାଙ୍କର କାଳଜୟୀ ବାଣୀରେ କହିଥିଲେ: "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"



ଏହି ପଂକ୍ତି କେବଳ ଏକ କବିତା ନୁହେଁ, ବରଂ ଆଜିର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଏକ ପ୍ରେରଣା ଓ ଆଦର୍ଶ ଅଟେ । ସେ ଆହୁରି କହିଥିଲେ ଯେ ରେଢାଖୋଲ ହେଉଛି ଐତିହାସିକ ସ୍ଥାନ । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ଭୀମମଣ୍ଡଳୀର ଐତିହାସିକ ଗୁରୁତ୍ୱକୁ ସାମ୍ନାକୁ ଆଣିଛି । 'କାର୍ବନ ଡେଟିଂ' ପ୍ରକ୍ରିୟା ମାଧ୍ୟମରେ ଜଣାପଡ଼ିଛି ଯେ ଭୀମ ମଣ୍ଡଳୀର ବୟସ ପ୍ରାୟ ହଜାର ହଜାର ବର୍ଷ ପୂର୍ବର । ଏହି ପରିପ୍ରେକ୍ଷୀରେ ଏହି ଅଞ୍ଚଳ ଗୁରୁତ୍ୱ ଦୃଷ୍ଟିରୁ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରେଢ଼ାଖୋଲରେ ଏକ ନୂତନ 'ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ' ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ଆଗାମୀ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ । ସେହିପରି ନାକଟିଦେଉଳ ବ୍ଲକକୁ 'ଆକାଂକ୍ଷୀ ବ୍ଲକ' ଭାବେ ଗ୍ରହଣ କରି ଏହି ଅଞ୍ଚଳର ଉନ୍ନତି ପାଇଁ ସରକାର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । 'ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ' ଯୋଜନାରେ ମଧ୍ୟ ରେଢାଖୋଲ ଲାଭାର୍ଥୀ ହୋଇଛି । ସରକାର ଚାଷୀମାନଙ୍କୁ ଆର୍ଥିକ ସମୃଦ୍ଧି ଦେବା ପାଇଁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି ।

ସମୟ



ଡିସେମ୍ବର ୨୫ ବଡ ଦିନ ଉପଲକ୍ଷେ ବିଶିଷ୍ଟ ବାଲୁକା ଶିଳ୍ପୀ ରଂଜନ କୁମାର ଗାଙ୍ଗୁଲି ପୁରୀ ବେଳାଭୂମିରେ ଶାନ୍ତାକ୍ଲଜଙ୍କ ବାଲୁକା କୃତି ପ୍ରସ୍ତୁତି କରିଛନ୍ତି ।

## ସେବାୟତ କ୍ରିକେଟ ପ୍ରିମିୟର ଲିଗ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ): ଶ୍ରୀମନ୍ଦିର ଟ୍ରଫି ସେବାୟତ କ୍ରିକେଟ ପ୍ରିମିୟର ଲିଗ ର ଦ୍ୱିତୀୟ ସଂସ୍କରଣ ଫେବୃୟାରୀ ୨ ତାରିଖ ଠାରୁ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହି କ୍ରିଡା ପ୍ରତିଯୋଗିତା ଏକ ଭଲ ପଦକ୍ଷେପ ବୋଲି କହିଥିଲେ ।ଏହି ଲିଗ୍ ମାଧ୍ୟମରେ ଭାଇଚାରା ଅଧିକ ବୃଦ୍ଧିମନ୍ତ ହେବା ସହ ପାରସ୍ପରିକ ସଦଭାବନା ବୃଦ୍ଧି ପାଇବ ।ଏହାକୁ ନିରପେକ୍ଷ ଭାବେ ପରିଚାଳନା କରିବା,ଭଲ ଖେଳାଳୀ ଙ୍କୁ ଉତ୍ସାହିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତ କ୍ରମେ ସ୍ଥିର ହେଲା ଯେ ଆସନ୍ତା ଫେବୃଆରୀ ମାସ ୨ ତାରିଖ ଠାରୁ ଏହି କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ।କ୍ରିଡା ରେ ବିଭିନ୍ନ ସେବାୟତ ନିଯୋଗ ଅଂଶଗ୍ରହଣ ପାଇଁ ସେମାନଙ୍କ ସମ୍ମତି ପତ୍ର ଜିଲ୍ଲା କ୍ରିଡା ଅଧିକାରୀ ଙ୍କୁ ପ୍ରଦାନ କରିବାକୁ ବରିଷ୍ଠ ସେବାୟତ ଅନନ୍ତ ତିଆଡି ସୂଚନା ଦେଇଥିଲେ ।ଅଂଶଗ୍ରହଣକାରୀ ଙ୍କ ତାଲିକା ଚୂଡାନ୍ତ ହେବା ପରେ ଫିକ୍ସଚର ପ୍ରସ୍ତୁତ କରାଯିବ । ଓସିଏ ଅନୁବନ୍ଧିତ ଅଫିସିଆଲ ମାନେ ମ୍ୟାଚ ପରିଚାଳନା କରିବେ ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ପୂଜାପଣ୍ଡା,ମାଧବ ମହାପାତ୍ର,ରାମ କୃଷ୍ଣ ଦାସ ମହାପାତ୍ର, ଅନାଥ ଦାସ ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ପୋଖରୀପୁଟ କୋକିଳା ରିସର୍ଟସ୍ ରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ବଡ ଦିନରେ ନନ୍ଦନକାନନ ବୁଲିଲେ ୩୧ହଜାର ୬୦୮ ପର୍ଯ୍ୟଟକ

ବାରଙ୍ଗ, (ସବ୍ୟୁ): ବଡ଼ ଦିନରେ ବେଶ ଧୁମଧାମରେ ସାରା ରାଜ୍ୟ ପାଳନ କରିଥିବା ବେଳେ ଏଥିରୁ ବାଦ ପଡ଼ିନି ନନ୍ଦନକାନନ ପ୍ରାଣୀ ଉଦ୍ୟାନ । ବଡ଼ ଦିନ ରେ ସକାଳୁ ସକାଳୁ ନନ୍ଦନକାନନ ଖୋଲୁଖୋଲୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ତେବେ ୨୦୨୪ ମସିହା ବଡ ଦିନରେ ୧୫ହଜାର ୬୦୧ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ଚଳିତ ବର୍ଷ ୧୬ହଜାର ୭୦୦ ଜଣ ଅଧିକ ପର୍ଯ୍ୟଟକ ବୁଲିବାକୁ ଆସିଥିବା ସୂଚନା ମିଳିଛି । ସେହିପରି ରାଜ୍ୟ ଉଦ୍ଭିଦଉଦ୍ୟାନରେ ପୂର୍ବ ବର୍ଷ ୨୧୦ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ଚଳିତ ବର୍ଷ ୧୭୦୯ ଅଧିକ ପର୍ଯ୍ୟଟକ ଆସିଛନ୍ତି ।ଚଳିତ ବର୍ଷ ୧୯୧୯ ଜଣ ପର୍ଯ୍ୟଟକ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ବୁଲିବାକୁ ଆସିଛନ୍ତି । ପ୍ରାଣୀ ଉଦ୍ୟାନ ପ୍ରାକୃତିକ ପରିବେଶ ସାଙ୍ଗକୁ ବିରଳ ଜୀବଜନ୍ତୁଙ୍କୁ ଅତି



ନିକଟରୁ ଦେଖି ବେଶ ମଜା ଉଠାଇଛନ୍ତି ପର୍ଯ୍ୟଟକ । ଉଦ୍ୟାନରେ ଥିବା ସଫାରୀ , ଟୟ ଟ୍ରେନର ମଜା ଉଠାଇଥିବା ବେଳେ ବୋଟିଂ ବନ୍ଦ ଥିବାରୁ ନିରାଶରେ ଫେରିଛନ୍ତି ପର୍ଯ୍ୟଟକ । ସୂଚନା ଯୋଗ୍ୟ ଯେ, ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ୨୦୧୬ ମସିହାରେ ୪୦ଜାର ୦୭୮ ଟିକେଟ ବିକ୍ରି ହୋଇଥିଲାବେଳେ ୨୦୧୭ ମସିହାରେ ୨୩ହଜାର ୬୨୮, ୨୦୧୮ରେ ୩୪ହଜାର୯୧୪, ୨୦୧୯ ରେ ୨୯ଜାର୬୦୧, ୨୦୨୦ରେ ୬ହଜାର୭୬୯ , ୨୦୨୧ରେ ୨୦ହଜାର ୦୧୩,୨୦୨୨ ରେ ୪୬ହଜାର ୧୪୮ ,୨୦୨୩ ରେ ୧୯ହଜାର ୬୨୬ ,୨୦୨୪ ରେ ୧୫ହଜାର ୬୦୧ ଜଣ ପର୍ଯ୍ୟଟକ ହୋଇଥିଲେ ହେଲେ ଚଳିତ ବର୍ଷ ୩୧ହଜାର ୬୦୮ ଜଣ ପର୍ଯ୍ୟଟକ ନନ୍ଦନକାନନ କୁ ବୁଲିବାକୁ ଆସିଥିବା ଜଣା ପଡ଼ିଛି ।

## ବୁର୍ଲାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି

# ଅଟଳଜୀଙ୍କ "ସୁଶାସନ" ମନ୍ତ୍ର ହିଁ ଓଡ଼ିଶାକୁ ବିକଶିତ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ "ସୁଶାସନ" ମନ୍ତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଜି ସମ୍ବଲପୁରର ବୁର୍ଲା ଠାରେ ଏହି ମହାପୁରୁଷଙ୍କ ୧୦୧ତମ ଜନ୍ମ ଜୟନ୍ତୀ ତଥା 'ସୁଶାସନ ଦିବସ' ଅବସରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ପ୍ରଥମେ ଗୁରୁବାର ସକାଳେ ଅଟଳ ବିହାରୀ ଜୟନ୍ତୀ ସମିତି ଏବଂ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ । ପରେ ସେଠାରେ ପହଞ୍ଚି ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ



। ଉଦବୋଧନ ଦେଇ ସେ କହିଥିଲେ ଅଟଳଜୀଙ୍କ "ସୁଶାସନ" ମନ୍ତ୍ର ହିଁ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମକୁ ସଦାବେଳେ ପ୍ରେରଣା ଦେଉଛି । ତାଙ୍କର ପ୍ରତିଟି କାଳଜୟୀ ସ୍ୱପ୍ନ ଓ ବାକ୍ୟକୁ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାସ୍ତବ ରୂପ ଦେଉଛନ୍ତି । କେନ୍ଦ୍ରମନ୍ତ୍ରୀ ତାଙ୍କ ଅଭିଭାଷଣରେ ବୁର୍ଲାକୁ ଓଡ଼ିଶାର ଏକ ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଅଭିହିତ କରିଛନ୍ତି। ସମ୍ବଲପୁରରେ ଥିବା ବିଶ୍ୱବିଦ୍ୟାଳୟ ସମୂହ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାର ଗୌରବ ବଢ଼ାଉଛି । ବୁର୍ଲା ସ୍ଥିତ 'ଅଟଳ ଉଦ୍ୟାନ'କୁ ଆସନ୍ତାବର୍ଷ ସୁଦ୍ଧା ଏକ ଅତ୍ୟାଧୁନିକ ତଥା ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ଏହାବ୍ୟତୀତ ବୁର୍ଲା ସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିରକୁ ମଧ୍ୟ ସେ ଉଦଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍‌କୁ

# ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭାରତର ସବୁଠାରୁ ବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନି ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି । 'ଲୌହ ଓ ଷ୍ଟିଲ୍' ବର୍ଗରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ଏହି ସମ୍ମାନ ହାସଲ କରିଛି କମ୍ପାନୀ । ଏହି ପୁରସ୍କାର କମ୍ପାନିର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଦୃଢ଼ ନେତୃତ୍ୱକୁ ଆହୁରି ଶକ୍ତି ଯୋଗାଇଛି । ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରଥମଥର ଏହି ସମ୍ମାନରେ ସମ୍ମାନିତ ହୋଇଛି । ଯାହା କମ୍ପାନୀର ଶକ୍ତି କ୍ଷେତ୍ରରେ ଥିବା ଦକ୍ଷ ପ୍ରଭାବ ତଥା ଶକ୍ତି ସଂରକ୍ଷଣ ପ୍ରତି ଯତ୍ନବାନ ହେବା, ଏଥିପ୍ରତି ଥିବା ନିରନ୍ତର ପ୍ରତିବଦ୍ଧତା ଓ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନରେ ମାନଦଣ୍ଡ ସ୍ଥିର କରିବାର ପ୍ରୟାସକୁ ପ୍ରତିଫଳିତ କରୁଛି । ଏହି ପୁରସ୍କାର ଓଡ଼ିଶା ସରକାରଙ୍କ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଯାଜପୁର ଟିମକୁ ପ୍ରଦାନ କରାଯାଇଛି । ଏହି ଅବସରରେ ଅନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ – ବିଶାଲ କୁମାର ଦେ, ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ ଏବଂ ମନୋଜ କୁମାର ତ୍ରିପାଠୀ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ, ଶକ୍ତି ବିଭାଗ, ଓଡ଼ିଶା ସରକାର । ଏହି ସଫଳତା ସମ୍ପର୍କରେ ମତ ରଖି ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି "ଏକ ଦାୟିତପୂର୍ଣ୍ଣ ଉତ୍ପାଦନ କେବଳ ଏକ ବିକଳ୍ପ ମଧ୍ୟରେ ସୀମିତ ହୋଇ ରହି ନାହିଁ । ଆଜିର ସମୟରେ ତଥା




ପରିବେଶ ପାଇଁ ଏହା ଅପରିହାର୍ଯ୍ୟ ଅଟେ । ଜିନ୍ଦଲ ଷ୍ଟେନଲେସରେ ଆମେ ସବୁବେଳେ ପରିବେଶ ପ୍ରତି ଦାୟିତ୍ୱପୂର୍ଣ୍ଣ ହୋଇଥାଉ । ଯାହା ଆମର ମୂଳ ଲକ୍ଷ୍ୟ ସହିତ ସାମିଲ ହୋଇ ରହିଛି । ଏହି ସଫଳତା ଆମର ସବୁଜ ପରିବେଶ ଗଠନ ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି ଏଥିସହିତ ଆଗାମୀ ପିଢ଼ି ପାଇଁ ଏକ ସ୍ଥିର ଏବଂ ନିରନ୍ତର ବିକାଶ ସମ୍ଭବ ହୋଇପାରୁଥିବା ଭବିଷ୍ୟତ ପ୍ରତି ଆମର ଦାୟିତ୍ୱକୁ ଦର୍ଶାଉଛି" । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍ ଯାଜପୁର ଶାଖାର ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, "ପ୍ରଥମଥର ଓଡ଼ିଶାରୁ ଏବଂ ଆମର ଏହି ଯାଜପୁର ୟୁନିଟ ଏଭଳି ଏକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହେବା ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ । ଏହା ଆମ ଅନୁଷ୍ଠାନର ନିୟୋଜିତ ଶକ୍ତି ପରିଚାଳନା ପ୍ରୟାସର ଏକ ପ୍ରମାଣପତ୍ର ଏବଂ ଆମର ଦକ୍ଷତା ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏକ ଦୃଢ଼ ଭିତିଭୂମି ପ୍ରଦାନ କରୁଛି ।

# କାଫେ ସାମ୍ନାରେ ଗାଡି ପାର୍କିଂକୁ ନେଇ ତୁମୁଳକାଣ୍ଡ, ୩ ଆହତ

ଭୁବନେଶ୍ୱର, (ସବ୍ୟୁ) : ଗାଡି ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିବାରୁ ତିନିଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଜଣେ ଯୁବତୀ ଅଛନ୍ତି । ପୋଲିସ ଆହତମାନଙ୍କୁ ଚିକିତ୍ସା କରାଇ ମାମଲା ରୁଜୁ କରିଛି । ସିସି କ୍ୟାମେରାରେ ଗଣ୍ଡଗୋଳର ସମସ୍ତ ଦୃଶ୍ୟ କଏଦ ହୋଇଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ କୌଣସି ସମସ୍ୟା ନାହିଁ ବୋଲି ଆହତ ଯୁବତୀ କହିଛନ୍ତି । ଭରତପୁର ଥାନା ଅଞ୍ଚଳରେ ଦୁଇଟି କାଫେ ପାଖାପାଖି ଅଛନ୍ତି । ଗୋଟିଏ କାଫେ ସାମ୍ନାରେ ପାର୍କିଂ ପାଇଁ ସରକାରୀ ସ୍ଥାନ ଥିବାରୁ ଆହତ ଯୁବକ-ଯୁବତୀ ତାଙ୍କ କାର୍‌କୁ ନେଇ ପାର୍କିଂ କରିଥିଲେ । ହଠାତ୍ ଗୋଟିଏ କାଫେର ମାଲିକ ଥିବା ଯୁବତୀ ତାଙ୍କ ବଏଫ୍ରେଣ୍ଡକୁ ସାଙ୍ଗରେ ଧରି ପ୍ରତିବାଦ କରି ସେମାନଙ୍କ ସହ ଗଣ୍ଡଗୋଳ କଲେ । ଏପରିକି କାଫେ ମାଲିକ ଯୁବତୀ ଜଣକ ଗ୍ରାହକ ଯୁବକ-ଯୁବତୀଙ୍କୁ ବାଡେଇବା ଆରମ୍ଭ କରିଥିଲେ । ସାମ୍ନାରେ ଯାହା ପାଇଲେ ତାକୁ ଧରି ତିନିଜଣଙ୍କୁ ଆକ୍ରମଣ କରିଚାଲିଲେ । ଏହିପରି ୪୦ମିନିଟ୍ ଧରି ସେଠାରେ ତୁମୁଳ କାଣ୍ଡ ଘଟିଲା । ଖବର ପାଇ ଭରତପୁର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ଆହତ ଯୁବକ-ଯୁବତୀ ୩ଜଣଙ୍କୁ ହସ୍ପିଟାଲରେ ଚିକିତ୍ସା କରାଇ ଅଭିଯୋଗ କରିବାକୁ କହିଥିଲା । ଆହତ ଯୁବକ-ଯୁବତୀଙ୍କ କହିବାନୁଯାୟୀ ଆମେ ଗାଡି ପାର୍କିଂ କରୁଥିବା ବେଳେ ତାଙ୍କର କ'ଣ ହେଲା ଯେ, ସେ ଆମକୁ ଏପରି ଆକ୍ରମଣ କରି ଖଣ୍ଡିଆଖାବରା କଲେ । ଦୁଇ କାଫେ ମଧ୍ୟରେ କ'ଣ ବିବାଦ ରହିଛି ତାହାକୁ ଆମେ ଜାଣିନାହୁଁ । ତେଣୁ ଆମର ଭୁଲ୍ ରହିଲା କେଉଁଠି ବୋଲି ଆହତ ଯୁବତୀ ସାମ୍ବାଦିକଙ୍କୁ ପ୍ରଶ୍ନ କରିଥିଲେ ।

## କନକେଶ୍ୱର ଜନକଲ୍ୟାଣ ସଂଘ ପକ୍ଷରୁ ସେବା କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର, (ସ.ବ୍ୟୁ.) : କନକେଶ୍ୱର ଜନକଲ୍ୟାଣ ସଂଘ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କହ୍ନେଇପୁର ପଂଚାୟତ ସ୍ଥିତ ଶ୍ରୀ କନକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କହ୍ନେଇପୁର ଓ ଶାଳଗାଁ ପଂଚାୟତର ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ପ୍ରଦାନ ସହ ଅନ୍ନ ସେବା କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ପ୍ରମୋଦ କୁମାର ମହାପାତ୍ର, ଧୀରେନ୍ଦ୍ର କୁମାର ଯେଠୀ, ଅଶୋକ କୁମାର ନାଥ, ନିରଞ୍ଜନ ନାଏକ, ଅନନ୍ତ ଦାସ, ଭ୍ରମରବର ପାଇଲ, ଜୀବନ କୁମାର ସ୍ୱାଇଁ, ଶ୍ରୀନିବାସ ବାରିକ, ଧନେଶ୍ୱର ବେଜ୍, ମଦନ ମହାନ୍ତି, ଦୀପକ ସାହୁ, ଦୀନବନ୍ଧୁ ନାଥ, ଧ୍ରୁବ ମହାରଣା, ଜଗବନ୍ଧୁ ମଲିକ, ସଂଗ୍ରାମ ପ୍ରଧାନ, ସୁକାନ୍ତ ଜେନା, ଉମ ନାଥ, ହେମନ୍ତ ପ୍ରଧାନ, ପ୍ରମୁଖ ସହଯୋଗ କରିଥିବା ବେଳେ ମମତା ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଦୂଷଣ ଯୋଗୁଁ ଭୁବନେଶ୍ୱର ବାୟୁମଣ୍ଡଳ କ୍ଷତିକାରକ : ପ୍ରଶାସନର ନିଘା ନାହିଁ

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ) : ଭୁବନେଶ୍ୱରର ବାୟୁ ପ୍ରଦୂଷଣ ସ୍ଥିତି ଉତ୍କଟ ଓ ଚିନ୍ତାଜନକ । ତଥ୍ୟ ଅନୁଯାୟୀ କିଛି ଦିନ ହେଲା ଭୁବନେଶ୍ୱରର ଏକ୍ୟୁଆଇ ତଥା ଏୟାର କ୍ୱାଲିଟି ଇଣ୍ଡେକ୍ସ ଭେରି ହାଇ ରହୁଥିବା ଜଣାପଡ଼ିଛି । ଗୁରୁବାରର ତାଜା ଏୟାର କ୍ୱାଲିଟିକୁ ଦେଖିଲେ ତାହା ୨୨୫ ଅର୍ଥାତ ପୁଅର,ଏକ୍ୟୁଆଇ ପିଏମ(ପାର୍ଟିକୁଲେଟ ମ୍ୟାଟର) ୨.୫ ମାଇକ୍ରନରୁ କମ ଅର୍ଥାତ ଭେରୀ ହାଇ ଏବଂ ପିଏମ ୧୦ ଅନୁଯାୟୀ ୧୦ ମାଇକ୍ରନରୁ କମ ଅର୍ଥାତ ହାଇ ବୋଲି ଜଣାପଡ଼ିଛି । ଭୁବନେଶ୍ୱର ରେଳ ଷ୍ଟେସନ ଆଖପାଖ ଅଞ୍ଚଳ ବିଶେଷକରି ମାଳିସାହି ଇଲାକାରେ ଏହା ଅତି ଉତ୍କଟ ସ୍ଥିତିରେ ରହିଛି ।ଗତପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ମାଳିସାହି ଅଂଚଳରେ ବେଧଡ଼କ ଭାବେ ଆବର୍ଜନା ଜଳାଯିବା ଯୋଗୁଁ ଏପରି ବିପଦ୍ଜନକ ସ୍ଥିତି ଉପୁଜୁଛି ।ଦିନ କଣ ରାତି କଣ ସମ୍ପୃକ୍ତ ଇଲାକାରେ କେତେକ ଅସାଧୁ ଲୋକ ଅବାଧରେ ବିଭିର୍ନ ବର୍ଜ୍ୟବସ୍ତୁ ନିଆଁରେ ଜାଳିବା ଦ୍ୱାରା ସେଥିରୁ ବିଷାକ୍ତ ଧୂଆଁ ବ୍ୟାପି ଯାଇ ବାୟୁ ମଣ୍ଡଳକୁ ଅତ୍ୟନ୍ତ ପ୍ରଦୂଷିତ କରୁଛି । ଏସମ୍ପର୍କରେ ଗତ କିଛିବର୍ଷ ହେଲା ବିଏମସି,ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ,କମିଶନରେଟ ପୋଲିସ, ଖାରବେଳ ଥାନା,ଭୁବନେଶ୍ୱର ସ୍ମାର୍ଟ ସିଟି ଲି,ସହର ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଜନଶୁଣାଣୀ ଆପ ରେ ଅଭିଯୋଗ ହୋଇଥିଲେ ହେଁ ଏହି ସମସ୍ୟା ଯଥା ପୂର୍ବଂ ତଥା ପରଂ ରହିଛି । ତେବେ ଭୁବନେଶ୍ୱର ବାୟୁ ମଣ୍ଡଳର ତାଜା ସ୍ଥିତି କୁ ଦେଖିଲେ ଏବେ ମୁଖ୍ୟ ପ୍ରଦୂଷକ ଅର୍ଥାତ ପିଏମ ୨.୫ ଯାହାକି ଡବ୍ଲ୍ୟୁଏଚଓ ର ନିର୍ଦ୍ଦିଷ୍ଟ ମାନ ଠାରୁ ବହୁତ ଅଧିକ ରହିଛି ।

ଯାହା ଅତ୍ୟନ୍ତ ବିପଜ୍ଜନକ ଓ କ୍ଷତିକାରକ ବୋଲି କୁହାଯାଉଛି । ତେବେ ଏପରି ବାୟୁ ପ୍ରଦୂଷଣ ଶୀତ ଋତୁରେ ହିଁ ସାଧାରଣତଃ ବଢ଼ିଥାଏ । ବ୍ୟାପକ ମାତ୍ରାରେ ରାସ୍ତା ଓ ଅନ୍ୟାନ୍ୟ କ୍ଷେତ୍ରରୁ ଧୂଳି ନିର୍ଗତ,ଯାନବାହାନ ଚଳାଚଳ ରୁ ନିର୍ଗମନଧୂଳି ଓ ଧୂଆଁ,ନିର୍ମାଣ କାର୍ଯ୍ୟ ଜନିତ ଧୂଳିଗୁଣ୍ଡ,ବିଭିନ୍ନ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସହ ଧୂଆଁ ଓ ଆବର୍ଜନା ଦହନ ଇତ୍ୟାଦି କାରଣରୁ ଏଭଳି ଗୁରୁତର ସ୍ଥିତି ଉପୁଜୁଥିବା କୁହାଯାଉଛି । ଚଳିତ ବର୍ଷ ନଭେମ୍ବରରୁ ହିଁ ଏହି ସ୍ଥିତି ଅତି ନିମ୍ନ ସ୍ତରକୁ ଯାଇଛି । ତେବେ ବ୍ୟାପକ ସତର୍କତା,ଜନ ସଚେତନତା ଓ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନର ଅଭାବ ସାଙ୍ଗକୁ ପ୍ରଶାସନିକ ଉଦାସୀନତା କାରଣରୁ ଏପରି ବିପଦଜନକ ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଭୁବନେଶ୍ୱର ସମେତ ଓଡ଼ିଶାର କେତେକ ସହରକୁ ଦୀର୍ଘଦିନ ହେଲା ନନ ଆଟେନମେଣ୍ଟ ସିଟିଜ ଭାବେ ଚିହ୍ନଟ କରାଯାଇଛି । ଯାହାର ଅର୍ଥ ହେଉଛି ଏହା ଦ୍ୱାରା ସେଠାରେ ଜାତୀୟ ବାୟୁ ଗୁଣବତ୍ତା ମାନକ ପୂରଣ ହେଉନାହିଁ । ଏହା ପ୍ରଦୂଷଣ ନିୟନ୍ତ୍ରଣରେ ଅପର୍ଯ୍ୟାପ୍ତ ପଦକ୍ଷେପକୁ ସୂଚିତ କରେ । ହେଲେ ସମ୍ପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଡ଼ା ନିୟମ ଲାଗୁ ହୋଇଛି ଯେମିତିକି ବୈଧ ପିୟୁସି ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ/ଡିଜେଲ୍ ମିଳିବ ନାହିଁ ।ମାତ୍ର ଏହାର ବାସ୍ତବ



କାର୍ଯ୍ୟକାରିତା ଉପରେ ଏହା ନିର୍ଭର କରେ । ତେବେ ଏବେ ଏଭଳି ଗୁରୁତର ବାୟୁ ପ୍ରଦୂଷଣ କାରଣରୁ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଏହାର ଅତ୍ୟନ୍ତ କୁପ୍ରଭାବ ପଡୁଛି ।ତାହା ହେଲା ଏଭଳି ଏକ୍ୟୁଆଇ କାରଣରୁ ଜଟିଳ ଶ୍ୱାସକ୍ରିୟା ସମସ୍ୟା ଓ ହୃଦ୍‌ରୋଗ ସମସ୍ୟା ଦେଖାଦେଇଥାଏ ।

ତେବେ ପ୍ରଦୂଷଣ ହ୍ରାସ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ଅନୁସନ୍ଧାନରୁ ଜଣାଯାଏ ଯେ ଭୁବନେଶ୍ୱରର ବାୟୁ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ସହରରେ ଯାନବାହାନ ସଂଖ୍ୟାରେ ଆଶାତୀତ ବୃଦ୍ଧି ହେବା ସହ ଏସବୁର ଅବାଧ ଓ ବେପରୁଆ ଯାତାୟାତ ।ସ୍ମାର୍ଟ ସିଟି ଭାବେ ବିକାଶ ଯୋଗୁଁ ଅନିୟନ୍ତ୍ରିତ ନିର୍ମାଣ,ସହରରେ ବହୁସଂଖ୍ୟକ ବହୁତଳ ପ୍ରାସାଦ ନିର୍ମାଣ,ରାସ୍ତା ଧୂଳି ଏବଂ ଡିମୋଲିସନ୍ କାର୍ଯ୍ୟ ଧୂଳି ଗୁଣ୍ଡ ଉତ୍ପନ୍ନ କରେ,ଯାହାକି ଶୀତଦିନରେ ବାୟୁମଣ୍ଡଳରେ ଦୀର୍ଘସମୟ ଧରି ଅଟକି ରହିଥାଏ । ଶିଳ୍ପ ପ୍ରଦୂଷଣ ମଧ୍ୟ ଏହାର ଆଉ ଏକ କାରଣ । ବିଭିନ୍ନ ଛୋଟ ବଡ଼ ଶିଳ୍ପ ସଂସ୍ଥା ଅର୍ଥାତ କଳ କାରଖାନା ଓ ମୋଟର ଗ୍ୟାରେଜ ଇତ୍ୟାଦିରୁ ନିର୍ଗତ ପ୍ରଦୂଷକ । ଏଥି ସହିତ ଅବାଧରେ ବିଭିନ୍ନ ଆବର୍ଜନା ଜାଳିବା ଏବଂ ଫସିଲ୍ ଫ୍ୟୁଏଲ୍ ବ୍ୟବହାର,ବିଭିନ୍ନ ଆବର୍ଜନା ଚାଲାଣ ଓ ଏହାର ଅବାଧ କାରବାର,ପ୍ଲାଷ୍ଟିକ୍ ବର୍ଜ୍ୟ ଜାଳିବା ଏବଂ ଫସିଲ୍ ଫ୍ୟୁଏଲର ଅନିୟନ୍ତ୍ରିତ ବ୍ୟବହାର ଇତ୍ୟାଦି । ବିଶେଷକରି ଶୀତ ଋତୁର ଥଣ୍ଡା ପାଗ ଯୋଗୁଁ କମ୍ ପବନ ଗତି ଓ କୁହୁଡ଼ି ବାୟୁମଣ୍ଡଳରେ ଅଟକି ରହି ଏହାର ଘନତ୍ୱ ବଢ଼ାଇଥାଏ । ଚଳିତ ବର୍ଷ ନଭେମ୍ବରରୁ ହିଁ ଏହାର ବେଶ କୁପ୍ରଭାବ ଲକ୍ଷ୍ୟ କରାଯାଉଛି ।

ଭୁବନେଶ୍ୱରରେ ଦୀର୍ଘଦିନହେଲା ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏନସିଏପି ତଥା ନ୍ୟାସନାଲ କ୍ଲିନ ଏୟାର ପ୍ରୋଗ୍ରାମ ଅଧୀନରେ ଆକ୍ସନ୍ ପ୍ଲାନ୍ ଜାରି ରହିଛି,କିନ୍ତୁ ଏହାର କାର୍ଯ୍ୟକାରିତା ଏବେ ବି ଚିନ୍ତାଜନକ ରହିଛି । ଭୁବନେଶ୍ୱରର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଏବଂ ଓଡ଼ିଶା ଷ୍ଟେଟ୍ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡ୍ କେତେକ ପଦକ୍ଷେପ ନେଇଛନ୍ତି । ମାତ୍ର ଏହାର ସଠିକ କାର୍ଯ୍ୟକାରିତା କ୍ଷେତ୍ରରେ ପ୍ରଶାସନିକ ଉତ୍ତରଦାୟିତ୍ୱର ଅଭାବ ସାଙ୍ଗକୁ ପ୍ରଦୂଷଣର ମାତ୍ରାରେ ଆଶାତୀତ ବୃଦ୍ଧି ହେବା ଯୋଗୁଁ ଏଥିରେ ସଫଳତା ମିଳୁନି ବୋଲି କୁହାଯାଉଛି ।ଏଦିଗରେ ନିମ୍ନଲିଖିତ ମୁଖ୍ୟ ପଦକ୍ଷେପଗୁଡ଼ିକ ହେଲା ନ୍ୟାସନାଲ୍ କ୍ଲିନ୍ ଏୟାର୍ ପ୍ରୋଗ୍ରାମ ଅନୁଯାୟୀ ଭୁବନେଶ୍ୱରକୁ ନନ ଆଟେନମେଣ୍ଟ ଇଲାକା ଭାବେ ଚିହ୍ନଟ କରାଯାଇ ୨୦୧୯ରୁ ଏହା ଅଧୀନରେ ଆକ୍ସନ୍ ପ୍ଲାନ୍ ଜାରି ହୋଇଛି ।ଏହାର ଲକ୍ଷ୍ୟ ହେଉଛି ୨୦୨୬ ସୁଦ୍ଧା ବାୟୁରେ ମହଜୁଦ ପାର୍ଟିକୁଲେଟ ମ୍ୟାଟର ତଥା ପିଏମ ଅର୍ଥାତ କ୍ଷୁଦ୍ରାତି କ୍ଷୁଦ୍ର କଣିକାର ବ୍ୟାସ ତଥା ଆକାର ପିଏମ ୧୦ ଏବଂ ପି ଏମ ୨.୫ କୁ ୪୦% ହ୍ରାସ କରିବା ।ଏଥିରେ ରୋଡ୍ ଡଷ୍ଟ୍ କଣ୍ଟ୍ରୋଲ୍,ଆବର୍ଜନା ଜାଳିବା ଉପରେ କଠୋର ନିଷେଧାଜ୍ଞା ଏବଂ ଗ୍ରିନ୍ କଭର୍ ବଢ଼ାଇବା ଅନ୍ତର୍ଭୁକ୍ତ ।ଏହି କ୍ରମରେ ରୋଡ୍ ଧୂଳି ନିୟନ୍ତ୍ରଣ,ଯାନବାହାନରୁ ନିର୍ଗତ ଧୂଆଁକୁ ଏଡ଼ାଇବା ଏବଂ ଶିଳ୍ପ ନିର୍ଗମନରେ ରୋକ ଲଗାଇବା ଭଳି ଉନ୍ନତିକୁ ସୂଚାଇଥାଏ ।ଅନ୍ୟାନ୍ୟ ମଧ୍ୟରେ ଆବର୍ଜନା ଜାଳିବା ଉପରେ କଡ଼ା ନିଷେଧାଜ୍ଞା,ନିର୍ମାଣ ସ୍ଥଳରେ ଧୂଳି ନିୟନ୍ତ୍ରଣ,ଅନ୍ଲାଇନ ମନିଟରିଂ ସିଷ୍ଟମ୍ ଏବଂ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ।ଏଭଳି ସ୍ଥିତିରେ ପରିବେଶବିତ ମାନେ କୁହନ୍ତି ଯେ ଆକ୍ସନ୍ ପ୍ଲାନ୍ ଅପର୍ଯ୍ୟାପ୍ତ ଓ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି ।ରାସ୍ତା ଓ ନିର୍ମାଣ ଧୂଳି,ଆଶାତୀତ ଯାନବାହାନ ସଂଖ୍ୟା ବୃଦ୍ଧି ଏବଂ ଆବର୍ଜନା ଜାଳିବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଯାନବାହାନ ଉପରେ ପ୍ରଦୂଷଣ ନିୟମ ପ୍ରଣୟନ ସହ ଏହାକୁ କଡ଼ା କଡ଼ି ଭାବେ ପାଳନ କରିବା ସହ ବିଭିର୍ନ ନିର୍ମାଣ କାର୍ଯ୍ୟସ୍ଥଳୀ ଗୁଡ଼ିକରେ ପ୍ରଦୂଷଣ ରୋକିବାକୁ ନିୟମିତ ଯାଞ୍ଚ କରିବା ନିହାତି ଜରୁରୀ ଆବଶ୍ୟକ ।ମାତ୍ର ଏହି ପ୍ରକ୍ରିୟାରେ ମନ୍ଥରତା ହେବା ଫଳରେ ଭୁବନେଶ୍ୱରରରେ ମାତ୍ରାଧିକ ଭାବେ ପ୍ରଦୂଷଣ ବଢୁଛି ।ଉଦାହରଣସ୍ୱରୂପ ନିର୍ମାଣ ଧୂଳି,ଯାନବାହାନ ଚଳାଚଳ ରୁ ନିର୍ଗତ ଧୂଆଁ,ରୋଡ୍ ଡଷ୍ଟ୍ ଓ ନିଆଁରେ ଆବର୍ଜନା ଜାଳିବା ଇତ୍ୟାଦି ଏବେ ବି ଏହାର ମୁଖ୍ୟ ସମସ୍ୟା ଭାବେ ପରିଗଣିତ । ତେଣୁ ନିୟମଗୁଡ଼ିକ ଆଶା ଜନକ ହୋଇଥିଲେ ମଧ୍ୟ ଏକ୍ଷେତ୍ରରେ ଦୀର୍ଘକାଳୀନ ଉନ୍ନତି ପାଇଁ ଅଧିକରୁ ଅଧିକ କଠୋର ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ପରିବେଶବିଦ୍ୱାନମାନେ ମତ ପୋଷଣ କରିଛନ୍ତି ।

## ବାଳ ବିକାଶର ବନ୍ଧୁମିଳନ

ଚୌଦ୍ୱାର,(ସ.ବ୍ୟୁ.) : ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଚୌଦ୍ୱାର ସମିତି ଅଧିନରେ ଥିବା ୪ଟି ବାଲବିକାଶ ସେର ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ସ୍ଥିତ ସିଦ୍ଧଗିରି ଆଶ୍ରମ ପରିସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତର ଆବାହକ ଆବାହକ ରଞ୍ଜିତ ପ୍ରଧାନଙ୍କ ନେତୃତ୍ୱରେ ପିଲାମାନଙ୍କ ଦ୍ୱାରା ଭଜନ ଓ ନାଚଗୀତ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ମଠର ମହନ୍ତ ବିଶ୍ୱନାଥ ଦାସ ବାବା ପିଲାମାନଙ୍କୁ ବହୁ ହିତୋପଦେଶ ପ୍ରଦାନ କରିଥିଲେ ।

## ପ୍ରେମ୍ ସଭାପତିଙ୍କ ଜୟନ୍ତୀ ସମାବେଶ
# ସମାଜର ଦଳିତ, ପତିତ ଜନତାଙ୍କ ତ୍ରାଣକର୍ତ୍ତା ଡ଼. ଜାକୋବ୍ ଥୁଣ୍ଡିଲ

ମାଣ୍ଡିଆପଲ୍ଲୀ/ବ୍ରହ୍ମପୁର, (ସବ୍ୟୁ) : ଭାରତ ବର୍ଷର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରେମର ପ୍ରତିଷ୍ଠାତା ସଭାପତି ଡ଼. ଜାକୋବ୍ ଥୁଣ୍ଡିଲ କେବଳ ଜଣେ ସମାଜସେବୀ ନୁହନ୍ତି ବରଂ ସମାଜର ଦଳିତ, ପତିତ ଜନସାଧାରଣଙ୍କ ତ୍ରାଣକର୍ତ୍ତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ସୋମବାର ମାଣ୍ଡିଆପଲ୍ଲୀସ୍ଥିତ ପ୍ରେମ୍ କାର୍ଯ୍ୟାଳୟ ପରିସରରେ ତାଙ୍କର ୭୫ତମ ଜନ୍ମଦିନ ଉପଲକ୍ଷେ ଆୟୋଜିତ ସମାବେଶରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି । ପ୍ରକାଶଥାଉକି, ଦୀର୍ଘ ୪୪ ବର୍ଷ ଧରି ଡ଼. ଜାକୋବଙ୍କ ଅଙ୍ଗୀକାରବଦ୍ଧତା ଓ ନିଷ୍ଠାପର ଉଦ୍ୟମରେ ଲକ୍ଷାଧିକ ଦଳିତ ଆଦିବାସୀ ଛାତ୍ରଛାତ୍ରୀ ଆଜି ଦେଶ ବିଦେଶର ବିଭିନ୍ନ ଅଞ୍ଚଳରେ ରୋଜଗାରକ୍ଷମ ହୋଇପାରିଛନ୍ତି । ଡ଼. ଜାକୋବଙ୍କ ହାତଗଢା ଅନୁଷ୍ଠାନ ପ୍ରେମ ଚାରି ଦଶନ୍ଧି ତଳୁ ଯେଉଁ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଚିନ୍ତା କରିଥିଲା, ରାଜ୍ୟ ସରକାର ସେହି କାର୍ଯ୍ୟ ପ୍ରଣାଳୀକୁ ଆଜି ଆପଣେଇ ନେଇଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ସମାବେଶରେ ପ୍ରେମର ସମ୍ପାଦକ ଚାକୋ ପାରୁବାନାନି, ଆମେରିକା ସ୍ଥିତ ଟେକ୍ସମୋ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ହରିଅର୍ଜୁନ ପାତ୍ର, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଅଧ୍ୟକ୍ଷ ତଥା ନବୀନର ସମ୍ପାଦକ ରବି ରଥ, କୁମାର ପ୍ରଶାନ୍ତ, ଭାଲେରିଆନ ଡି ଲିମା, ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ ଡ଼. ଜାକୋବଙ୍କ ବିକାଶମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରେମର ବିଭିନ୍ନ ଶାଖା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ପ୍ରେମ ସହଯୋଗରେ ଉଚ୍ଚଶିକ୍ଷା ଲାଭ କରି ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଛାତ୍ରଛାତ୍ରୀମାନେ ନିଜ ନିଜର ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପ୍ରେମର ବରିଷ୍ଠ କର୍ମଚାରୀ ସୁଧୀର ଦିଗାଲ । ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ । ବଳରାମ ପଣ୍ଡା ନିଜ ରଚିତ ଡ଼. ଜାକୋବଙ୍କ ସମ୍ପର୍କରେ ଏକ ସଂଗୀତ ଗାନ କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ରତନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନବୀନର ୨୦୨୬ ନୂତନ କ୍ୟାଲେଣ୍ଡର ଓ ସ୍ୱତନ୍ତ୍ର ସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।




# କୃଷକ ଦିବସରେ ସମ୍ମାନିତ ହେଲେ ସଫଳ ଚାଷୀ

ଆସିକା, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ପୌରହିତ୍ୟରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଆସିକା ସମବାୟ ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ଅବସରରେ ପ୍ରକାଶ କରିଥିଲେ ଯେ ଶାଶ୍ୱତ ଯୌଗିକ କୃଷି ଦ୍ୱାରା ପରିବେଶ ଓ ପ୍ରକୃତିର ସୁରକ୍ଷା କରିବା ସହିତ ଶାରୀରିକ ଓ ମାନସିକ ସୁସ୍ଥତା ସମ୍ଭବ ହୋଇପାରିବ ଏବଂ ରାସାୟନିକ ସାର ଓ କୀଟନାଶକ ଔଷଧର କୁପ୍ରଭାବରୁ ଆମର ଭବିଷ୍ୟତ ପିଢ଼ି ସୁରକ୍ଷିତ ରହିବେ । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ଆନୁକୁଲ୍ୟରେ ସର୍ବ ଭାରତୀୟ ସ୍ତରରେ ବିଗତ ଚାଳିଶ ବର୍ଷ ଧରି ଜାରି ରହିଥିବା ବହୁମୁଖୀ କାର୍ଯ୍ୟକ୍ରମର ସୂଚନା ଦେବା ସହିତ ଶାଶ୍ୱତ ଯୌଗିକ କୃଷିକୁ ଆପଣେଇ ଲକ୍ଷ୍ୟ ଲକ୍ଷ୍ୟ କୃଷକ ଉପକୃତ ହେଉଛନ୍ତି ସୂଚନା ଦେଇଥିଲେ । କୃଷକ ଦିବସରେ କୃଷକଙ୍କୁ ସମ୍ମାନାର୍ଥେ ଏଭଳି କାର୍ଯ୍ୟକ୍ରମର ଆୟୋଜନର ପ୍ରଶଂସା ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପାଢ଼ୀ କରିବା ସହିତ ଭାରତର ସର୍ବାଙ୍ଗୀନ ବିକାଶ ନିମନ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ସମସ୍ତଙ୍କୁ ଯୋଡି ହେବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଆସିକା ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା ଆସିକାର କୃଷି ଅର୍ଥନୀତିର ମେରୁଦଣ୍ଡ ରୂପେ ସହରକୁ ସର୍ବ ଭାରତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିବା ସମବାୟ ଚିନିକଳର ଉତ୍ତରୋତ୍ତର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କିଭଳି ଆଗାମୀ ଦିନରେ ଅଞ୍ଚଳର ଆଖୁ ଚାଷିଙ୍କୁ ସ୍ୱାବଲମ୍ବୀ କରିପାରିବ ସେ ଦିଗରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ସୁଫଳ ହିତାଧିକାରୀଙ୍କୁ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଉଲ୍ଲେଖ କରିଥିଲେ । ସତ୍ୟପ୍ରିୟ ରଥଙ୍କ ସଂଯୋଜନାରେ ଅଞ୍ଚଳର ସଫଳ ଚାଷୀ ବାଉରୀବନ୍ଧୁ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ବରାଡ଼, ପ୍ରଭାତ ପାଣିଗ୍ରାହୀ, ଜଳେନ୍ଦ୍ର ଦଳାଇ, ରାଘବ ସିୟ, ଲକ୍ଷ୍ମୀନାରାୟଣ ଦୋରାଙ୍କୁ ସମ୍ମାନୀତ କରାଯାଇଥିଲା ।




# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ସୁଶାସନ ଦିବସ ପାଳିତ ହୋଇଯାଇଛି । ସିଏସଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ଅନ୍ୟାନ୍ୟ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷ ରେ ଆୟୋଜିତ ସମାରୋହରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆସିଷ୍ଟାଣ୍ଟ କଲେକ୍ଟରର ଦୀପକ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଓ ପ୍ରତିଭା ଆବାସିକ କଲେଜର ମୁଖ୍ୟ ଚିନ୍ମୟ ଦାଶ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭି. ରାଜେନ୍ଦ୍ର ରାଜୁ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ଗୁଣଗାନ କରିବା ସହିତ ଦେଶ ପାଇଁ ତାଙ୍କର ଅବଦାନ ସମ୍ପର୍କ କହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ରଶ୍ମିରାଣୀ ନିମାକା ସଂଯୋଜନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପୂର୍ବରୁ ବିଦ୍ୟାଳୟ ଏବଂ କଲେଜ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ତାଲାବନ୍ଦ ଘରୁ ୧୨ଲକ୍ଷ ଟଙ୍କା, ୧୦ ଭରି ସୁନା ଗହଣା ଚୋରି

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅଞ୍ଚଳରେ ସାଇବିହାରରେ ରହୁଥିବା ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ୧୨ଲକ୍ଷ ଟଙ୍କା ସହ ପ୍ରାୟ ୧୦ ଭରି ସୁନା ଗହଣା ଲୁଟେରା ଦଳ ଚୋରି କରି ନେଇଯାଇଛନ୍ତି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କ ଶଳା ଅରୁଣ ପାଳ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ଛାନବିନ କରୁଛି। ନିକଟରେ ଥିବା ଏକ ସିସିଟିଭି କେମେରାରେ ଦୁଇଜଣ ଯୁବକ ବାଇକରେ ସେଠାରେ ପହଞ୍ଚିଥିଲେ। ଅନ୍ୟପଟେ ଗୃହକର୍ତ୍ତା ଆସିବା ପରେ ତଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ଦେଖି ପୋଲିସ ଲୁଟେରାଙ୍କୁ ଚିହ୍ନଟ କରି ପାରିବ ବୋଲି ଆଶା କରୁଛି। ପ୍ରକାଶ ଯେ, ସୁଧାଂଶୁ ପାଣିଗ୍ରାହୀ ସାଇ ବିହାରରେ ନିଜ ପରିବାର ସହ ଭଡ଼ାରେ ରହୁଥିଲେ। ସେ ଏକ ସଂସ୍ଥାରେ କାମ କରୁଥିଲେ। ବୁଧବାର ସନ୍ଧ୍ୟାରେ ଘରର ତାଲା ପକାଇ ସେ ନିଜ ପରିବାର କୌଣସି କାମରେ ବାହାରକୁ ଯାଇଥିଲେ। ଗୁରୁବାର ସକାଳେ ତାଙ୍କ ପଡୋଶୀ ଘରର ଲୋକ ଫୁଲ ତୋଳିବା ପାଇଁ ସେଠାକୁ ଯାଇଥିଲେ। ହେଲେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖି ଘର ଭିତରୁ ଚୋରି ହୋଇଥିବା ସନ୍ଦେହ କରି ସୁଧାଂଶୁଙ୍କୁ ଫୋନ କରି ଜଣାଇଥିଲେ। ଗୃହକର୍ତ୍ତା ତାଙ୍କ ଶ୍ୱାଇଁ ଅରୁଣଙ୍କୁ ଘରକୁ ଯାଇ ଚୋରି ହୋଇଛି କି ନାହିଁ ଦେଖିବାକୁ କହିଥିଲେ। ଅରୁଣ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଘର ଭିତରକୁ ଯାଇ ଦେଖିବା ବେଳେ ଅଲମୀରା ଭଙ୍ଗାଯାଇ ସେଥିରେ ଥିବା ସୁନା ଗହଣା ଓ ଡ୍ରେସିଂ ଟେବୁଲ ଡ୍ର'ରେ ଥିବା ୧୨ ଲକ୍ଷ ଟଙ୍କା ଗାୟବ ଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୟୂରଭଞ୍ଜର ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଡାକ ବିଭାଗର ବିଭିନ୍ନ ସଂଚୟ ଯୋଜନାରେ ରଖିଥିବା ଧନକୁ ସୁରକ୍ଷିତ ରଖିବା ସହ ଠକାମୀରୁ କିପରି ପୋଲିସ ବିଭାଗ ସମ୍ବନ୍ୟାୟ ରକ୍ଷାକରି ଏକ ସୁସ୍ଥ ଓ ବିପଦମୁକ୍ତ ସମାଜ ଗଠନ କରାଯାଇପାରିଛି ତାହା ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ । ଆଧୁନିକ ମୋବାଇଲ ଯୁଗରେ ଡାକ ବିଭାଗ ଲୋକଙ୍କ ଭାବ ସହ ଏବେ ମଧ ଜଡିତ ହୋଇ ରହିଛି ଯାହାର ପ୍ରତିଫଳନ ସ୍ୱରୂପ ତକତପୁରରେ ଏକ ଜେନ ଜି ପୋଷ୍ଟଅଫିସର ଶୁଭାରମ୍ଭ । ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଆସାମ ଡାକ ପରିମଣ୍ଡଳର ଅବସରପ୍ରାପ୍ତ ଅତିରିକ୍ତ ଡାକ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ତାଙ୍କ ଅଭିଭାଷଣରେ ଡାକ ବିଭାଗରେ ବିଭିନ୍ନ ପରିବର୍ତ୍ତନ ସହ ସମୟ ଉପଯୋଗୀ ନିୟମ ଡାକ ବିଭାଗ ପ୍ରଚଳନ ଯୋଗୁ ଲୋକ ମାନେ ପୁଣି ଡାକ ଘର ପ୍ରତି ଆକର୍ଷିତ ହେଲେଣି । ବିକଶିତ ଭାରତର ଲକ୍ଷ୍ୟକୁ ଆଖିଆଗରେ ରଖିକି ଡାକ ବିଭାଗ ପ୍ରତି ଲୋକଙ୍କୁ ଡାକଘର ସହ ଯୋଡିବାକୁ ଚେଷ୍ଟା କରୁଛି ବୋଲି କହିଥିଲେ । ଏହି ସଭାକାର୍ଯ୍ୟକୁ ପୌରାହିତ କରୁଥିବା ମୟୂରଭଞ୍ଜ ଡାକ ମଣ୍ଡଳ ଅଧିକ୍ଷକ ଭାଗ୍ୟଧର ଦାସ ସ୍ୱାଗତ ଭାଷଣରେ ମୟୂର ଭଞ୍ଜ ଡାକ ମଣ୍ଡଳ ବିଗତ ତିନିବର୍ଷ ଧରି କିପରି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି ତାହା ପ୍ରକାଶ କରିଥିଲେ । ଡାକ ସହ ଅଧିକ୍ଷକ ପ୍ରଣବ କୁମାର ମିଶ୍ର ବିଭାଗର ବାର୍ଷିକ ବିବରଣୀ ପ୍ରସ୍ତୁତ କରିଥିଲେ ।



ଅତିଥିବୃନ୍ଦ ଡାକ ଜୀବନ ବୀମା କ୍ଷେତ୍ରରେ ସଫଳତା ହାସଲ କରିଥିବା ମନୋଜ କୁମାର ସେନ, ସଞ୍ଜୟ ଦାସ, ଗୀତାଞ୍ଜଳି ସାହୁ, ଅଜିତ କୁମାର ନାୟକ, ଧରଣୀଧର ଦାସଙ୍କୁ ଡାକ ବିଭାଗ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଡାକ ବିଭାଗର କର୍ମଚାରୀ ଓ ତାଙ୍କ ସନ୍ତାନ ମାନଙ୍କ ଦ୍ୱାରା ସୁନ୍ଦର ନାଚ ଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବାଲେଶ୍ୱର ଡାକ ମଣ୍ଡଳ ଓ ସମ୍ବଲପୁର ଡାକ ମଣ୍ଡଳର ଡାକ ଅଧିକ୍ଷକଙ୍କୁ ମୟୂରଭଞ୍ଜ ଡାକ ଅଧିକ୍ଷକ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆପଣଙ୍କ ଚିଠିର ପରିଚାଳନା କରୁଥିବା ଶିକ୍ଷକ ସୋମନାଥ ସିଂଙ୍କୁ ଏହି କାର୍ଯ୍ୟକ୍ରମ ମଧ୍ୟମରେ ମେଳାକୁ ଆସୁଥିବା ଓ ମେଳାର ସିଧା ପ୍ରସାରଣ ଦେଖୁଥିବା ଲୋକଙ୍କ ମଧ୍ୟରେ ଚିଠି ଲେଖାକୁ ପ୍ରୋତ୍ସାହନ କରୁଥିବାରୁ ମୟୂରଭଞ୍ଜ ଡାକ ମଣ୍ଡଳ ତରଫରୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା । ଶେଷରେ ଅଫିସ ସୁପରଭାଇଜର ଉଜ୍ଜଳ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦା ବିଜେପି ପକ୍ଷରୁ ଅଟଳ ସୁଶାସନ ଦିବସ



ବାରିପଦା, (ସବ୍ୟୁ) : ବିଜେପି ବାରିପଦା ସହର ଶାଖା ପକ୍ଷରୁ ଗୁରୁବାର ଡିସେମ୍ବର ପଚିଶ ତାରିଖ ଅଟଳବିହାରୀ ବାଜପେୟୀ ଜୟନ୍ତୀ ଦିନଟିକୁ ଅଟଳ ସୁଶାସନ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବାରିପଦା ପୌର ପରିଷଦ କଲ୍ୟାଣ ମଣ୍ଡପରେ ଏକ 'ଅଟଳ ସୁଶାସନ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଜେପି ବାରିପଦା ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓ ପୂର୍ବତନ ନଗର ସଭାପତି ବିଜୟ କୁମାର ଦାସଙ୍କ ଦ୍ୱାରା ପରିଚାଳିତ ଏହି ସମ୍ମିଳନୀରେ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ମୁଖ୍ୟଅତିଥି ଭାବେ ଉଦବୋଧନ ଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସଂଗ୍ରାମ, ସାଧନା ଓ ସୁଶାସନର ଗାଥା ଉପରେ ଆଲୋକପାତ କରିଥିବା ବେଳେ ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଜାତା ମୁର୍ମୁ, ବିଜେପି ମୟୂରଭଞ୍ଜ (ପୂର୍ବ) ସଂଗଠନିକ ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ, ନାରୀ ନେତ୍ରୀ ଶୋଭାବତୀ ଓତା ଓ ସୁମନ ସିଂ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ବାଜପେୟୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ନେଇ ଆଲୋଚନା କରିଥିଲେ। ଶେଷରେ ଯୁବମୋର୍ଚ୍ଚା ନେତା ଦେବବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ରସିକାନନ୍ଦ ମିଶ୍ର, ସୁସ୍ମିତା ଚାନ୍ଦ, ସୁସ୍ମିତା ପୃଷ୍ଟି, ଗଣେଶ୍ୱର ନାୟକ, ଦେବାନନ୍ଦ ମୁର୍ମୁ, ସୌମ୍ୟରଞ୍ଜନ ମିଶ୍ର, ରାଜେଶ ମହାନ୍ତ, ସେକ ନାଶିର ଓ ଇନ୍ଦୁଭୂଷଣ ଜେନା ପ୍ରମୁଖଙ୍କ ସମେତ ଶତାଧିକ ଯୁବକ ଯୋଗ ଦେଇଥିଲେ।

# ଛତ୍ରପୁରରେ ବଡଦିନ ପାଇଁ ଉତ୍ସବ ମୁଖର ଚର୍ଚ୍ଚ

ଛତ୍ରପୁର, (ସବ୍ୟୁ): ଆଜି ପବିତ୍ର ବଡଦିନ ଅର୍ଥାତ ଖ୍ରୀଷ୍ଟମାସ। ଆଜି ପ୍ରଭୁ ଯୀଶୁଙ୍କ ଜନ୍ମଦିନ। ଏହିଦିନ ପ୍ରଭୁ ଯୀଶୁ ଶାନ୍ତି, ଐକ୍ୟ ଓ ପ୍ରେମର ବାର୍ତ୍ତା ନେଇ ଧରାପୃଷ୍ଠରେ ଅବତରଣ କରିଥାନ୍ତି ବୋଲି ମାନ୍ୟତା ରହିଛି । ଧରାପୃଷ୍ଠରେ ପ୍ରଭୁଙ୍କ ସ୍ୱାଗତ ଲାଗି ଚର୍ଚ୍ଚଗୁଡ଼ିକ ଆଲୋକମାଳାରେ ସଜାଯିବା ସହ ଉତ୍ସବ ମୁଖର ମାହୋଲ ଦେଖିବା ପାଇଁ ମିଳୁଛି । ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ବର୍ଷସାରାର ଅନ୍ୟତମ ପବିତ୍ର ପର୍ବ। ଏଥିପାଇଁ ସବୁ ଚର୍ଚ୍ଚରେ ଚାରିଆଡ଼େ ବେଶ୍ ସାଜସଜ୍ଜା ହୋଇଛି। ଭଳିକି ଭଳି ରଙ୍ଗବେରଙ୍ଗ ଆଲୋକମାଳା ସହିତ କ୍ରୀସମାସ୍ ଟ୍ରି, ଷ୍ଟାର୍, କ୍ରିସମାସ୍ ଗୁହାଳ ଘର ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀ ଦ୍ୱାରା ଚର୍ଚ୍ଚ କୁ ସଜାଯାଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଚର୍ଚ୍ଚରେ ପାଳିଛନ୍ତି ବଡ଼ ଦିନ। ପ୍ରାର୍ଥନା କରିଛନ୍ତି, ପରସ୍ପରକୁ ଶୁଭେଚ୍ଛା ଜଣାଇ କେକ୍ ଓ ମିଷ୍ଟାନ୍ନ ବାଣ୍ଟିଛନ୍ତି। ବନ୍ଧୁମିଳନରେ ସମସ୍ତେ ସମବେତ ହୋଇ ଖୁସି ମନାଇଥାନ୍ତି। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଠାରେ ଥିବା ୟୁନିଅନ ବାପିଷ୍ଟ ଚର୍ଚ୍ଚରେ ମଧ ବଡ଼ ଧୁମ ଧାମରେ ପାଳନ ହୋଇଛି ବଡ଼ଦିନ, ସମାଜର ମଙ୍ଗଳ ପାଇଁ ଧରାପୃଷ୍ଠ ଆସିଥିଲେ ଯୀଶୁ ବୋଲି କୁହାଯାଉଛି। ଖ୍ରୀଷ୍ଟମାସ ପର୍ବ ବିଷୟରେ ବିଶ୍ୱାସ ରହିଛି ଯେ ଈଶ୍ୱର ତାଙ୍କ ପ୍ରିୟ ପୁତ୍ରଙ୍କୁ ସଂସାରକୁ ପଠାଇଥାନ୍ତି ଲୋକମାନଙ୍କୁ ପାପରୁ ମୁକ୍ତ କରିବା ପାଇଁ ଏବଂ ସେମାନଙ୍କ ନିକଟରେ ଈଶ୍ୱରଙ୍କ ବାର୍ତ୍ତା ପହଂଚାଇବା ପାଇଁ । ଖ୍ରୀଷ୍ଟ ସମ୍ପ୍ରଦାୟମାନେ ଏହି ଦିନକୁ ଅସତ୍ୟ ଉପରେ ସତ୍ୟର ବିଜୟ ବୋଲି ପାଳନ କରନ୍ତି । ଖ୍ରୀଷ୍ଟମାସ ପର୍ବ ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ଯାଏ ପାଳନ କରାଯାଏ ଏବଂ ଏହା ପରଦିନ ନୂଆ ବର୍ଷ ପାଳନ କରାଯାଇଥାଏ ।

# ବାରିପଦାରେ 'ତୁଳସୀ ପୂଜନ ଦିବସ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ 'ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ଏଠାରେ ଏକ ଅତ୍ୟନ୍ତ ମାଙ୍ଗଲ୍ୟମୟ ପରିବେଶରେ ପବିତ୍ର 'ତୁଳସୀ ପୂଜନ ଦିବସ ପାଳିତ ହୋଇଯାଇଛି। ଏ ଦୃଷ୍ଟିରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ତୁଳସୀ ଚଉରା ନିକଟରେ ଏକ ସ୍ୱତନ୍ତ୍ର ଭବ୍ୟ 'ତୁଳସୀ ପୂଜନ ଉତ୍ସବ ଆୟୋଜିତ ହୋଇଯାଇଛି। ମନ୍ଦିର ପରିସରରେ ସକାଳୁ ସକାଳୁ ମହୋତ୍ସବ ସମିତିର ମହିଳା କର୍ମକର୍ତ୍ତା ମାନେ ପହଞ୍ଚି ତୁଳସୀ ମାତାଙ୍କୁ ସ୍ନାନ, ନବ ବସ୍ତ୍ର ପରିଧାନ ପୂର୍ବକ ତାଙ୍କ ଚାରି ପାଖକୁ ଚନ୍ଦନ, ରଙ୍ଗୋଲି, ବିବିଧ ପୁଷ୍ପ ଇତ୍ୟାଦିରେ ସଜାଇ ଦେଇଥିଲେ। ତତ୍ପରେ ତୁଳସୀଙ୍କ ପାଇଁ ସଂକୀର୍ତ୍ତନ, ପୂଜାର୍ଚ୍ଚନା, ଆରତୀ ଓ ପରିକ୍ରମା ପ୍ରଭୃତି ଧାର୍ମିକ ବିଧିବିଧାନ କରାଯାଇଥିଲା। ଏହାପରେ ମହୋତ୍ସବ ସମିତି ସଂଯୋଜକ କବିବିଷ୍ଣୁ ଶତପଥୀଙ୍କ ପୌରୋହିତ୍ୟରେ ସେଠାରେ 'ତୁଳସୀ ମାତାଙ୍କ ମହତ୍ତ୍ୱ ଓ ମହନୀୟତା ଶୀର୍ଷକ ଏକ ଗୁରୁଗମ୍ଭୀର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଉଦବୋଧନ ଦେଇଥିବା ବେଳେ ଶିକ୍ଷାବିତ ସରୋଜ ଖୁଣ୍ଟିଆ, ଅଶ୍ୱିନୀ ପାତ୍ର, ଅରବିନ୍ଦ ଜ୍ୟୋତିଶୀ, ସୁମନ ସିଂ, ଶୋଭାବତୀ ଓତା, ହିରଣ୍ମୟୀ ଶତପଥୀ, ଦିବାକର ତ୍ରିପାଠୀ, ତୁଷାର ମହାନ୍ତ, ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରେମଚାନ୍ଦ ମୁଦି, ବିଶ୍ୱଜିତ ରଣା, ଜ୍ଞାନରଞ୍ଜନ ଜେନା, ସଞ୍ଜୟ ରାମ, ଅମିତ ନାୟକ, ନଳିନୀ ମହାପାତ୍ର, ରଞ୍ଜନ ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମଞ୍ଜୁ ଖଣ୍ଡେଲୱାଲ, ଶିଖା ରାମ, ତପସ୍ୱିନୀ କବି, ଦୀପାଳି ନାଏକ, ସ୍ୱୀକୃତି ଶତପଥୀ ପ୍ରମୁଖଙ୍କ ନେତୃତ୍ୱରେ ବହୁସଂଖ୍ୟକ ମହିଳା, କଲେଜ ଛାତ୍ରୀ ଉତ୍ସବ ସ୍ଥଳରେ ଆସି ସାଜସଜ୍ଜା କରିଥିଲେ। କାର୍ଯ୍ୟକ୍ରମରେ ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ ସମେତ ବିବିଧ ଧାର୍ମିକ ସଂଗଠନର ସଦସ୍ୟ ଭାଗ ନେଇଥିବା ମଧ ଦେଖାଯାଇଥିଲା।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ବାରିପଦା, (ସବ୍ୟୁ) : ବାରିପଦା ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ବାରିପଦା ଏସଡିଆଇପିଆରଓ, ଶିଶିର କୁମାର ମୁଣ୍ଡୁୟା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ, ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରା, ସମରେନ୍ଦ୍ର ବସାଙ୍କ ସମେତ ପରିଷଦର ଅନ୍ୟାନ୍ୟ ୨୫ଜଣ ପ୍ରମୁଖ କବି ଓ କବିୟତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ଉକ୍ତ କବିତା ପାଠ ଉତ୍ସବକୁ ସାହିତ୍ୟ ପରିଷଦର ସଦସ୍ୟ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ନିଜ ଅବିଭାଷଣରେ ମୁଖ୍ୟବକ୍ତା ପଦ୍ମଶ୍ରୀ ପ୍ରଫେସର ବେଶ୍ରା ଅଟଳ ଜୀଙ୍କୁ ଯୁଗନାୟକ ବୋଲି କହିଥିଲେ। ସେ କହିଥିଲେ ଯେ, ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନଥିଲେ, ଜଣେ କବି, ସମାଜସେବୀ, ସୁଲେଖକ, ବାଗ୍ମୀ ଭାବରେ ସମସ୍ତେ ତାଙ୍କୁ ଜାଣନ୍ତି। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ସ୍ୱର୍ଣ୍ଣ ଚତୁର୍ଭୁଜର ପରିକଳ୍ପନା ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ବାଜପେୟୀ ଜଣେ ରାଜନେତା ସହ ଜଣେ ଭଲ କବି ମଧ ଥିଲେ। ସଂସଦରେ ଅନେକ ଥର ସେ କବିତା ମାଧ୍ୟମରେ ନିଜ ବୟାନ ରଖିଛନ୍ତି। ତେଣୁ ସେ ଜଣେ ପ୍ରସିଦ୍ଧ କବି ଭାବରେ ସାରା ଦେଶରେ ପରିଚିତ । ଅଟଳ ବିହାରୀ ବାଜପେୟୀ ଲାଲାବାହାଦୁର ଶାସ୍ତ୍ରୀଙ୍କ ଜୟ ଯବାନ, ଜୟ କିଷାନ ସ୍ଲୋଗାନରେ ଜୟ ବିଜ୍ଞାନ ଯୋଡ଼ି ସ୍ଲୋଗାନକୁ ଆହୁରି ଲୋକାଭିମୁଖୀ କରିଥିଲେ ବୋଲି କହିଥିଲେ। ନିଜ ବକ୍ତବ୍ୟରେ, ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ସୁଶାସନ ଦିବସର ମହତ୍ୱ ରଖିବା ସହିତ, ଶାସନ ଓ ସୁଶାସନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପୋଖରାନଠାରେ ପରମାଣୁ ପରୀକ୍ଷଣ ସାରା ବିଶ୍ୱରେ ଭାରତକୁ ଏକ ପରମାଣୁ ଶକ୍ତିଯୁକ୍ତ ରାଷ୍ଟ୍ରରେ ପରିଗଣିତ କରାଇବା ପାଇଁ ଅଟଳଜୀଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବର୍ତ୍ତମାନ ସମୟରେ ଶାସନକୁ ଗ୍ରାମ୍ୟ ଅଭିମୁଖୀ କରାଇ କିପରି ଲୋକ ମାନଙ୍କ ପାଖରେ ସହଜରେ ପହଞ୍ଚାଇ ହେବ ଏବଂ ଜନ ଅଭିଯୋଗର ତ୍ୱରିତ ସମାଧାନ କରାଯିବ ସେଥିପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଏହା ଫଳରେ ସମାଜରେ ଜନକଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଧାଡିର ଶେଷ ଲୋକଟି ପାଖରେ ସରକାରଙ୍କ ସମସ୍ତ ଯୋଜନା ପହଂଚି ପାରିବ ଏବଂ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ବା ଗୁଡ଼ ଗଭର୍ଣ୍ଣାନ୍ସ ଡେ ବିଷୟବସ୍ତୁ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବାରିପଦା ଏସଡିଆଇପିଆରଓ ଶିଶିର କୁମାର ମୁଣ୍ଡୁୟା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ସୁନିତା ମହାପାତ୍ର, ଲଳିତ ରଞ୍ଜନ ନାଏକ, ଛିଟା ସୋରେନ, ରବି ନାଏକ, ଲିଜତ ପ୍ରଧାନ ଓ ଛୋଟରାୟ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଜନ୍ମ ଉତ୍ସବ

କଟକ, (ସ୍ୱପ୍ର) : ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଜନ୍ମ ଉତ୍ସବ କଟକ ରେଲୱେ ଇନଷ୍ଟିଚ୍ୟୁଟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅଣନାତି ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଆଲୋଚନା ଚକ୍ରରେ ଉପସ୍ଥିତ ରହି ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଉପରେ ଆଲୋଚନା କରିଥିଲେ। ଆଲୋଚନା ମୁଖ୍ୟ ପ୍ରସଙ୍ଗରେ ଧର୍ମର ମୂର୍ତ୍ତି ପ୍ରତୀକ ପୁରୁଷୋତ୍ତମ। ଧର୍ମର ସହ ବ୍ୟାଖ୍ୟା ଦେବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର କହିଲେ, ଯାହା ଉପରେ ଯାହା କିଛି ସବୁ ତିଷ୍ଠି ରହିଛି ତାହାହିଁ ଧର୍ମ, ଆଉ ସେ ହିଁ ପରମ ପୁରୁଷ । ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକା ଆଉ ତା'ର କୌଣସି ପ୍ରକାର୍ ନାହିଁ। ଭଗବାନ କୃଷ୍ଣ ଗୀତାରେ ପ୍ରକାଶ କଲେ ଧର୍ମରୁ ଗ୍ଲାନି ଦୂର କରିବା ପାଇଁ ଓ ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ ଭଗବାନ ଅବତାର ପୁରୁଷ ବା ପୁରୁଷୋତ୍ତମ ରୂପରେ ନର ତନୁ ଧାରଣ କରନ୍ତି। ଆଜି ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମଦିବସ । ସେହି ପୁରୁଷୋତ୍ତମ, ଯୁଗାଚାର୍ଯ୍ୟ ଅବତାର ପୁରୁଷଙ୍କ ସତ୍ୟ, ପ୍ରେମ, ଜ୍ଞାନ, ଆନନ୍ଦ ଓ ଶାନ୍ତିର ବାର୍ତ୍ତାକୁ ନେଇ ପୃଥିବୀବାସୀ ଯେତେ ଚାଲିପାରିବେ ସେତେ ପରିମାଣରେ ଶାନ୍ତିରି ଅଧିକାରୀ ହେବେ। ଏହି ୧୩୮ ତମ ଜନ୍ମତିଥି ପାଳନରେ ଡ଼ଃ ଦେବେଶ୍ ପାତ୍ର, ଡ଼ଃ ଉମେଶ ପାତ୍ର, ରଞ୍ଜନି କାନ୍ତ ଦେ, ଶ୍ୟାମସୁନ୍ଦର ଦେଙ୍କ ସହିତ ରାଜ୍ୟରୁ ଅନେକ ଭକ୍ତମାନେ ଯୋଗ ଦେଇଥିଲେ। ଏହି ଜନ୍ମତିଥି ଦୁଇ ଦିନ ଧରି ପାଳନ କରାଯାଇଥିଲା।



# ଚିନ୍ତାମଣି ବୈଦ୍ୟଙ୍କ ତ୍ରିଭୁଜର କର୍ଣ୍ଣ ଉନ୍ମୋଚିତ

ଅନୁଗୋଳ, (ସବ୍ୟୁ) : ଅନୁଗୋଳର ବିଶିଷ୍ଟ କବି ଅଧ୍ୟାପକ ଚିନ୍ତାମଣି ବୈଦ୍ୟଙ୍କ ଲିଖିତ ପୁସ୍ତକ (ଗଳ୍ପ ସଂକଳନ) ଅନୁଗୋଳର କାଞ୍ଚନ ଟକିଜ ପରିସରରେ ଉନ୍ମୋଚିତ ହୋଇଯାଇଛି । ଅନୁଗୋଳ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ସିଏ ସନ୍ତୋଷ କୁମାର ଦେହୁରୀ, ବିଶ୍ୱ ବିକାଶ, ସଂଜୀବ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ପୁସ୍ତକକୁ ଉନ୍ମୋଚିତ କରିଥିଲେ । କବି ବୈଦ୍ୟଙ୍କ ଏହା ୨ୟ ସଂକଳନ ଅଟେ । ପ୍ରଥମ ଗଳ୍ପ ସଂକଳନ ପୁସ୍ତକ ସଦାବେଳେ ହସୁଥିବା ଝିଅଟି ପୂର୍ବରୁ ଉନ୍ମୋଚିତ ହୋଇଥିଲା । ଭୁବନେଶ୍ୱରର ପଶ୍ଚିମା ପବ୍ଲିକେଶନ ପକ୍ଷରୁ ପ୍ରକାଶିତ ଓ ଡୁଡୁଲି ପ୍ରୋସେସ ଏଣ୍ଡ ଅଫସେଟ ଦ୍ୱାରା ମୁଦ୍ରିତ । ଏହି ଗଳ୍ପ ସଂକଳନ ପୁସ୍ତକଟି ଅତି ଉଚ୍ଚ କୋଟିର ହୋଇଛି ।



# ଅନୁଗୋଳ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲାରେ ସରକାରୀ ସ୍ତରରେ ଶିକ୍ଷାର ମାନ ବୃଦ୍ଧି କରିବା ସହ ପ୍ରତିଟି ପିଲାଙ୍କୁ ବୈଜ୍ଞାନିକ ଓ ବୌଦ୍ଧିକ ଶିକ୍ଷା ସହ ଯୋଡ଼ିବା ଆମର ସଂକଳ୍ପ । ବୁଧବାର ଅନୁଗୋଳ ଗସ୍ତ ଅବସରରେ ପି.ଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ନବନିର୍ମିତ ବହୁମୁଖୀ ସଭାଗୃହ ଓ 'ବିବେକାନନ୍ଦ ପାର୍କ'ର ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, ଠିକ୍ ଦୁଇ ବର୍ଷ ପୂର୍ବେ ୨୪ ଡିସେମ୍ବର ୨୦୨୩ରେ ଏହି ବହୁମୁଖୀ ହଲ୍ର ପରିକଳ୍ପନା କରାଯାଇଥିଲା, ଯାହା ଆଜି ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି । ଏହି ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ କଳାତ୍ମକ ପ୍ରତିଭା ଓ ବୌଦ୍ଧିକ କ୍ଷମତାକୁ ବିକଶିତ କରିବାରେ ଏକ ମୁଖ୍ୟ ମାଧ୍ୟମ ହେବ । ବିଦ୍ୟାଳୟରେ ପିଲାମାନଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାକୁ ସ୍କିଲ୍ ଲ୍ୟାବ୍ ଓ ଅଟଳ ଟିଙ୍କରିଂ ଲ୍ୟାବ୍ ସ୍ଥାପିତ ହୋଇଛି । ଆଗାମୀ ଦିନରେ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ଉଦ୍ଦେଶ୍ୟରେ ଡିଏମଏଫ ଓ ସିଏସଆର ପାଣ୍ଠି ସହାୟତାରେ ଅନୁଗୋଳ ଜିଲ୍ଲାରେ ଅଧିକରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ୍ ସ୍ଥାପନ କରାଯିବ ।

ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମାତୃଭାଷାରେ ଶିକ୍ଷାଦାନ ହିଁ ବିକଶିତ ଭାରତର ମୂଳଦୁଆ । ମାକାଉଲେଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷା ପଦ୍ଧତି ଭାରତୀୟ ସଂସ୍କୃତିକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିବା ବେଳେ ଆଜିର ଜାତୀୟ ଶିକ୍ଷା ନୀତି ପିଲାମାନଙ୍କୁ ମାତୃଭାଷା ମାଧ୍ୟମରେ ଆତ୍ମବିଶ୍ୱାସୀ କରୁଛି । ତାଳଚେର ଓ ଅନୁଗୋଳର ସମୃଦ୍ଧ ସାହିତ୍ୟିକ ଓ ସାଂସ୍କୃତିକ ଐତିହ୍ୟକୁ ସ୍ମରଣ କରି ସେ କହିଛନ୍ତି ଯେ, ମାତୃଭାଷା ସଶକ୍ତ ହେଲେ ହିଁ ଆମେ ସବୁ ଭାଷାକୁ ବୁଝିପାରିବା ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳରେ ସମ୍ବଳର ଅଭାବ ନାହିଁ, କେବଳ ସଠିକ୍ ଯୋଜନାର ଆବଶ୍ୟକତା ଅଛି । ଅନୁଗୋଳର ବିକାଶର ଚାବିକାଠି ଆମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ । ନବୋଦୟ ବିଦ୍ୟାଳୟ ଗୁଡ଼ିକରେ କୌଣସି ପକ୍ଷପାତିତା ନାହିଁ ଏବଂ ଏଠାରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ହିଁ ଆଗାମୀ ଦିନରେ ବିଶ୍ୱ ଦରବାରରେ ଭାରତର ନେତୃତ୍ୱ ନେବେ ।

ଏହି ଅବସରରେ ଶ୍ରୀ ପ୍ରଧାନ ବିବେକାନନ୍ଦ ପାର୍କ ପରିସରରେ ଯୁବଶକ୍ତିର ପ୍ରେରଣାଦାତା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ । ଏହାବ୍ୟତୀତ ଶ୍ରୀ ପ୍ରଧାନ ବିଦ୍ୟାଳୟ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ସହ 'ଏକ ପେଡ୍ ମାଆ କେ ନାମ' ଅଭିଯାନରେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ,ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର, ଏସପି ରାହୁଲ ଜୈନ, ଉପଜିଲ୍ଲାପାଳ ମାୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋ-ମାଂସ କାଟୁଥିବା ବେଳେ ଗୋସେବକଙ୍କ ଚଢ଼ାଉ

ବଅଁରପାଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ନାଲକୋନଗର ଥାନା ଅନ୍ତର୍ଗତ ଗୋପୀନାଥପୁର କେନାଲ ରାସ୍ତା ପାର୍ଶ୍ୱରେ ଗୋ ମାଂସ କାଟୁଥିବା ସମୟରେ ଗୋସେବକଙ୍କ ଦ୍ୱାରା ଧରାପଡ଼ିଛି ଜଣେ ଅଭିଯୁକ୍ତ । ଘଟଣାସ୍ଥଳରୁ ତିନି ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ବୁଧବାର ସନ୍ଧ୍ୟାରେ କିଛି ବ୍ୟକ୍ତି ଗୋମାତାକୁ ମାରି ମାଂସ ବିକ୍ରି କରୁଛନ୍ତି । ଏଭଳି ଖବର ଗୋସେବକମାନେ ବିଶେଷ ସୂତ୍ରରୁ ସୂଚନା ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚାରୋଟି ଗାଈକୁ କାଟିବା ପାଇଁ ଆଣିଥିବା ବେଳେ ଗୋଟିଏ ଗାଈକୁ ଟାଙ୍ଗିଆ ସାହାଯ୍ୟରେ ମାରିଦେଇଥିବାବେଳେ ଆଉ ତିନୋଟି ଗାଈକୁ ବାନ୍ଧି ରଖିଥିଲେ । ଗୋସେବକ ମାନେ ଗୋଟିଏ ଟାଙ୍ଗିଆ,ଗୋଟିଏ ମୃତ ଗାଈ ସହ ତିନୋଟି ଜୀବୀତ ଗାଈକୁ ଉଦ୍ଧାର କରିଥିବା ବେଳେ ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିବା ବେଳେ ଘଟଣା ସ୍ଥଳରୁ ତିନି ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଧରାପଡ଼ିଥିବା ଅଭିଯୁକ୍ତକୁ ନାଲକୋନଗର ଥାନା ପୋଲିସକୁ ଜିମା ଦେଇଥିଲେ । ଗୁରୁବାର ସକାଳେ ବଅଁରପାଳ ଭେଟେନାରୀ ଚିକିତ୍ସା ଅଧିକାରୀ କମଳ ଲୋଚନଙ୍କ ସହ ତାଙ୍କ ଟିମ୍ ଏବଂ ନାଲକୋନଗର ଥାନା ପୋଲିସ ସହାୟତାରେ ମୃତ ଗାଈର ଶବ ବ୍ୟବଛେଦ କରିବା ସହ ଗୋସେବକ ଅଭିଶେକ ବିଶ୍ୱାଳ ଏବଂ ତାଙ୍କ ସହଯୋଗୀଙ୍କ ସହାୟତାରେ ସମ୍ମାନର ସହ ପୋତି ଦିଆଯାଇଛି । ଘଟଣା ସମ୍ପର୍କରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତଲାସି ଜାରି ରଖିଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଉତେଜନା ପ୍ରକାଶ ପାଇଥିଲା ।

# ବିଭିନ୍ନ ମନ୍ଦିରକୁ ଟାର୍ଗେଟ କରି ଲୁଟ୍

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳରେ ବିଭିନ୍ନ ମନ୍ଦିରକୁ ଟାର୍ଗେଟ କରି ଲୁଟେରାମାନେରାତାରାତି ଲୁଟକରିବାରେ ସଫଳ ହେଉଛନ୍ତ।କିଛି ଦିନ ମଧ୍ୟରେ ରାଧାକୃଷ୍ଣ ମନ୍ଦିରରୁ ଚୋରୀ ହୋଇଥିବା ବେଳେ ପୋଲିସ ଲୁଟେରାଙ୍କ ଟେର ପାଇନଥିବା ବେଳେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରା ମାନେ ରେଙ୍କୁଳା ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ହୁଣ୍ଡିରେ ଥିବା ଟଙ୍କା ଲୁଟ କରି ଫେରାର ହେବାରେ ସଫଳ ହୋଇଛନ୍ତି।

କାମାକ୍ଷାନଗର ଅଞ୍ଚଳରେ ଲୁଟେରାଙ୍କ ଟାର୍ଗେଟରେ ବିଭିନ୍ନ ମନ୍ଦିର ରହିଛି। ଗତକାଲି ବିଳମ୍ବିତ ରାତିରେ ସହର ନିକଟରେ ଥିବା ରେଙ୍କୁଳା ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ହୁଣ୍ଡିରେ ଥିବା ଟଙ୍କାକୁ ଲୁଟିନେଇଛନ୍ତି ।ଲୁଟ ହୋଇଥିବା ସାମଗ୍ରୀର ମୂଲ୍ୟ ଆନୁମାନିକ ୭ ରୁ ୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଥିବା ବେଳେଲୁଟ ମଧ୍ୟରେ ସୁନା ଅଳଙ୍କାର ଓ ହୁଣ୍ଡି ରେ ଥିବା କୋଡିଏ ହଜାର ଟଙ୍କା ରହିଛି।ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିର ଭିତରକୁ ପ୍ରବେଶ କରି ମନ୍ଦିରର କବାଟ ଭାଙ୍ଗି ସମସ୍ତ ଅଳଙ୍କାର ଲୁଟି ନେଇଛନ୍ତି।ଆଜି ସକାଳୁ ମନ୍ଦିର ର ଦେହୁରୀ ପୂଜା କରିବାକୁ ମନ୍ଦିରକୁ ଆସିଥିବା ବେଳେ କବାଟ ଭଙ୍ଗା ହୋଇଥିବା ବେଳେ ମାଙ୍କ ଅଳଙ୍କାର ଲୁଟ ହୋଇଥିବା ନେଇ ଜାଣିବାକୁ ପାଇଥିଲେ ।ମାଙ୍କ ସୁନାର ହାର, କାନଫୁଲ, ଆଖି ପତା, ମଙ୍ଗଳସୂତ୍ର, ନାକଚଣା, ରୂପାର ଚାରିଟି ମୁକୁଟ, ଅଣ୍ଟାସୁତା ଆଦି ଦୁର୍ବୃତ୍ତ ମାନେ ଲୁଟ କରିଥିବା ବେଳେ ମନ୍ଦିର ସାମ୍ନାରେ ଥିବା ହୁଣ୍ଡିରେ ଆନୁମାନିକ ଥିବା କୋଡିଏହଜାର ଟଙ୍କା ଲୁଟି ନେଇଛନ୍ତ। ଗତ ସପ୍ତାହକ ମଧ୍ୟରେ କାମାକ୍ଷାନଗର ଥାନା ଠାରୁ ମାତ୍ର ତିନି କିଲୋମିଟର ଦୂରତାରେ ଥିବା ମାଳପୁରା ରାମମନ୍ଦିର, ଅନନ୍ତପୁର ରାଧାକୃଷ୍ଣ ମନ୍ଦିର ଓ ଆଜି ରେଙ୍କୁଳା ମଙ୍ଗଳା ମନ୍ଦିରରୁ ଦୁର୍ବୃତ୍ତ ଲୁଟ କରିଥିବା ବେଳେ ଏବେ ମନ୍ଦିର ଗୁଡିକ ଦୁର୍ବୃତ୍ତଙ୍କ ଟାର୍ଗେଟରେ ରହିଥିବା ଦେଖାଯାଉଛି।ବାରମ୍ବାର ମନ୍ଦିର ଗୁଡିକରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହେଉଥିବା ବେଳେ କାମାକ୍ଷାନଗର ପୋଲିସ ଦୁର୍ବୃତ୍ତଙ୍କ କୌଣସି ଟେର ପାଉନାହିଁ ।ପାଟ୍ରୋଲିଙ୍ଗର ଅଭାବରୁ ଏପରି ହେଉଥିବା ବେଳେ ପୋଲିସର ଅପାରଗତା ଯୋଗୁ କାମାକ୍ଷାନଗର ଅଞ୍ଚଳ ରେ ଏବେ ମନ୍ଦିର ଲୁଟେରାଙ୍କ ଦୌରାତ୍ମ ବୃଦ୍ଧି ପାଇବାରେ ଲାଗିଛି ।ତୁରନ୍ତ ଦୁର୍ବୃତ୍ତ ମାନଙ୍କୁ କାବୁ କରାଯିବା ସହ ପାଟ୍ରୋଲିଙ୍ଗ ଜୋରଦାର କରାଯିବ ସେ ନେଇ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ରକ୍ତଦାନ ଶିବିର : ୬୦ୟୁନିଟ ସଂଗ୍ରହ



ପରଜଙ୍ଗ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମତିଥି ଅବସରରେ ସରାଙ୍ଗ ଗ୍ରାମ ସୁବର୍ଣ୍ଣପୁର ପାଟଣା ସାହି ଚନ୍ଦ୍ରଚୂଡ ଶିବ ମନ୍ଦିର ପ୍ରାଙ୍ଗଣରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାହିର ବାଜି ରାଉତ ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଜି ରାଉତ ୟୁଥ୍ କ୍ଲବ୍ ର ସଭାପତି ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଜେପିନେତ୍ରୀ ବନଲତା ମହାନ୍ତି, ସମ୍ମାନିତ ଅତିଥି ତାଳଚେର ଅଞ୍ଚଳର ସମାଜସେବୀ ବିଭୂତି ସାହୁ, ପର୍ଶୁରାମ ବାରିକ, ସରାଙ୍ଗ ସମିତି ସଭ୍ୟ ବାସୁଦେବ ଦାସ , ଆରଏସଏସ ସଦସ୍ୟ ପ୍ରଦୀପ ବରାଳ,ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ତାଳଚେର ରକ୍ତଭଣ୍ଡାର ଚିକିତ୍ସକ ବିନୟ କୁମାର ପାଢୀ, ଟେକ୍ନିସିଆନ ଗୋପାଳ ସାହୁ, ସହକର୍ମୀ ତ୍ରିନାଥ ହୋତା, ଚନ୍ଦ୍ରମଣି ନାଏକ, ରାଜକିଶୋର ପ୍ରଧାନ,ସଂଯୋଜକ ବଳରାମ ପତି, ସଦସ୍ୟ ରଣଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । କ୍ଲବ୍ ର ସମସ୍ତ ସଦସ୍ୟ ଯୋଗଦେଇ ସହଯୋଗ କରିଥିଲେ।

# ତାଳଚେରରେ ବାଜପେୟୀଙ୍କ ଜୟନ୍ତୀ ସ୍ମୃତି ସମ୍ମିଳନୀ

ତାଳଚେର ,(ସବ୍ୟୁ) : ତାଳଚେର ପୌରମଣ୍ଡଳରେ ଭାରତରତ୍ନ ତଥା ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ରାଜେଶ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ସ୍ୱର୍ଗତ ବାଜପେୟୀ ଜଣେ ଦୃଢ଼ ରାଜନୈତିଜ୍ଞ ଦେଶ ତଥା ରାଷ୍ଟ୍ର ପାଇଁ ସ୍ୱର୍ଣ୍ଣ ଚର୍ତୁଭୂଜ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସର୍ବଶିକ୍ଷା ଅଭିଯାନ ଯୋଗୁଁ ଆଜି ଦେଶ ଆଗକୁ ଯାଇଥିବା ବେଳେ ସେ ଦେଶ ପାଇଁ ଆଜି ନମସ୍ୟ ଓ ପୂଜ୍ୟ। ତେଣୁ ଏଭଳି ଏକ ମହାନ୍ ଦୃଢ଼ ଦେଶଭକ୍ତ, ଏକ ସଂସ୍କୃତିବାନ୍ ରାଜନୈତିଜ୍ଞ ଯୋଗୁଁ ତାଙ୍କୁ ଭାରତରତ୍ନରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ପର୍ଶୁରାମ ବାରିକ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିତେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର୍ ଓ କାର୍ଯ୍ୟକର୍ତା ଯୋଗଦେଇଥିଲେ।

# ମହୁମାଛି ଆକ୍ରମଣ ଜଣେ ମୃତ, ୧୦ ଆହତ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ଥାନା ତରଭାରେ ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଥିବାର ଜଣାପଡିଛି।ସୂଚନା ଅନୁସାରେ, ତରଭା ନିମତଇଲା ଗ୍ରାମର ଅଖିଳ ସ୍ୱାଇଁଙ୍କ ସାନ ପୁଅ ବିରେନ ଗୁରୁବାର ଅପରାହ୍ନରେ ଗାଁ ପାଖ ଶିବ ମନ୍ଦିର ପାଖରେ ମହୁମାଛି ସଂସ୍ପର୍ଶରେ ଆସିଥିଲେ। ଫଳରେ ମହୁମାଛି ତାଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରିଥିଲେ। ନିଜ ଜୀବନକୁ ବିରେନ ବଞ୍ଚାଇବାକୁ ଯାଇ ଶିବ ମନ୍ଦିରରେ ପୂଜକ ଭାବେ ଥିବା ତାଙ୍କ ବାପାଙ୍କ ପାଖକୁ ଯାଇଥିଲେ। କୌଣସି ଉପାୟ ନପାଇ ବିରେନକୁ ବାପା ଅଖିଳ ଏକ ଘରେ ପୁରାଇ କବାଟ ବନ୍ଦ କରିଦେଇଥିଲେ। ହେଲେ ମହୁମାଛି ବିରେନଙ୍କ ପିଛା କରି ବନ୍ଦ ଘର ଭିତରେ ମଧ୍ୟ ପଶିଯାଇ ଆକ୍ରମଣ କରିଥିଲେ।ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଶିବ ମନ୍ଦିର ପାଖରେ ଥିବା ୧୦ ଜଣ ବ୍ୟକ୍ତି ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଜଣାଯାଇଛି।

# ଚୋରି ବ୍ୟାଟେରୀ ଜବତ, ୩କୋର୍ଟ ଚାଲାଣ

କଣିହାଁ,(ସବ୍ୟୁ): ଏନଟିପିସି ଟାଉନ ପୁଲିସ ଟ୍ୟାଙ୍କର ରୁ ଚୋରି ଯାଇଥିବା ବ୍ୟାଟେରୀ ଜବତ କରିବା ସହ ଏଥିରେ ସଂପୃକ୍ତ ୩ଅଭିଯୁକ୍ତ ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ୩ଅଭିଯୁକ୍ତ ହେଲେ କଣିହାଁ ଥାନା ଜରଡା ଗ୍ରାମର ଅଜୟ ହଲଦର(୨୩), କଣିହାଁ ଗ୍ରାମର ଆନନ୍ଦୀ ନାଏକ (୨୪), କଣିହାଁ ଗ୍ରାମର ମିତେନ୍ଦ୍ର କୁମାର ସାହୁ (୨୮) । ପୁଲିସ ସୁତ୍ରରୁ ପ୍ରକାଶ ଯେ, ଏନଟିପିସି ଥାନା ଲୋଧାବନ୍ଧ ଗ୍ରାମରେ ଥିବା ପଞ୍ଚୁ ଭୁତିଆଙ୍କ କ୍ୟାମ୍ପ ରେ ଥିବା ତାଙ୍କର ପାଣି ଟ୍ୟାଙ୍କରରୁ ୪ଟି ବ୍ୟାଟେରୀ ଚୋରି ଯାଇଥିବା କଥା ଥାନାରେ ଅଭିଯୋଗ ହୋଇଥିଲା । ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବା ସହ ଚୋରି ଯାଇଥିବା ବ୍ୟାଟେରୀ ଜବତ କରିଥିଲେ ।

# ସୁଶାସନ ଦିବସ ପାଳିତ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସୁଶାସନ ଦିବସ ପାଳିତ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ସୁଶାସନ ଦିବସ ପାଳିତ ହୋଇଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ ସ୍ମୃତି ସଭାରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ ବାଜପେୟୀଙ୍କ ଉତ୍ସର୍ଗୀକୃତ ଜୀବନ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ସହଯୋଗ, ସହାନୁଭୂତି ପୂର୍ଣ୍ଣ ଥିଲା ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ମୂଲ୍ୟବାନ ଅବଦାନ ଅବିସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ । ବାଜପେୟୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ଉତ୍ତମ ଶାସନ ପ୍ରତି ପ୍ରତିବଦ୍ଧତା, ଗରିବଙ୍କ କଲ୍ୟାଣ, ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରୋତ୍ସାହନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ଗୁରୁତ୍ୱ ଆଧୁନିକ ଭାରତ ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ସେ ପ୍ରକାଶ କରିଥିଲେ।

# ବାଜପେୟୀଙ୍କ ୧୦୫ତମ ଜନ୍ମ ପାଳିତ

ପାଲଲହଡା,(ସବ୍ୟୁ) :ଆଜି ସକାଳ ସାଢେ ଦଶଟା ସମୟରେ ସ୍ଥାନୀୟ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଦଳ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୫ ତମ ଜନ୍ମଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ବିଧାୟକଙ୍କ ପ୍ରତିନିଧି ତଥା ବିଜେପିର ବରିଷ୍ଠ ନେତା ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ଲିଙ୍ଗରାଜ ଦାଶ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା ,ମହିଳା ମୋର୍ଚା ସଭାନେତ୍ରୀ ଗୀତାଞ୍ଜଳି ନାୟକ, ମାମିନାଦେବ, ବିଜେପି ଯୁବମୋର୍ଚ୍ଚା ର ବହୁ ସଦସ୍ୟଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଥମେ ସ୍ୱର୍ଗତ ବାଜପାୟୀଙ୍କ ଉଦେଶ୍ୟ ରେ ଏକ ମିନିଟ ନିରବ ପ୍ରାର୍ଥନା କରି ତାଙ୍କର ସ୍ମୃତିଚାରଣ କରାଯାଇ ଅଖଣ୍ଡ ଭାରତ ଗଠନ କ୍ଷେତ୍ରରେ ଥିବା ତାଙ୍କ ଅବଦାନ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ ।

# ପିଆଜ ବିକ୍ରିକୁ ନେଇ ଉତ୍ତେଜନା

ଠାକୁର ଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଗ୍ରାମରେ ପିଆଜ ବିକ୍ରିକୁ ନେଇ ଗୁରୁବାର ଦିନ ଉତ୍ତେଜନା ଦେଖା ଦେଇଛି । ବାହାର ଅଞ୍ଚଳରୁ ଜଣେ ବ୍ୟବସାୟୀ ଆସି ବଇଣ୍ଡା ଅଞ୍ଚଳ ରେ ୩୦ କେଜି ପିଆଜ ବସ୍ତାକୁ ୩୦୦ ଟଙ୍କା ଦରରେ ବିକ୍ରି କରୁଥିଲେ । ଭଲ ଶସ୍ତା ଦରରେ ବିକ୍ରି କରା ଯାଉଥିବା ଯୋଗୁଁ ଅନେକ ଖାଉଟି ଆସି ବସ୍ତା ବସ୍ତା ପିଆଜ କିଣୁଥିବା ବେଳେ କିଛି କଳା ବ୍ୟବସାୟୀ ଆସି ଗଣ୍ଡଗୋଳ ସୃଷ୍ଟି କରିଥିଲେ । ପିଆଜ ବିକ୍ରି କରିବା ପାଇ ଟ୍ରକ ଚାଳକ ଓ ଉକ୍ତ ବ୍ୟକ୍ତି ଙ୍କୁ ଧମକ ଦେଇଥିଲେ । ଏ ପରିକି ବିଭିନ୍ନ ପ୍ରକାର ଧମକ ଦେଇଥିଲେ । ଏହାକୁ ନେଇ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଥିଲା । ପିଆଜ ବିକ୍ରି କରିବା ପାଇ ଅଞ୍ଚଳବାସି ଜିଦ ଧରିଥିବା ବେଳେ କଳା ବ୍ୟବସାୟୀ ମାନେ ଗଣ୍ଡଗୋଳ ସୃଷ୍ଟି କରିଥିଲେ । କିଛି କଳା ବ୍ୟବସାୟୀ ପିଆଜ ଉଚ୍ଚ ଦରରେ ବିକ୍ରି କରୁଥିବା ବେଳେ ଶସ୍ତାରେ ପିଆଜ ବିକକୁ ନେଇ କଳା ବ୍ୟବସାୟୀମାନେ ବାରଣ କରିଥିଲେ । ଏପରିକି ଗଣ୍ଡଗୋଳ ସୃଷ୍ଟି ହେବା ସହ ଅପ୍ରୀତିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ବଇଣ୍ଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଚି ଅଞ୍ଚଳବାସିଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ କଳା ବ୍ୟବସାୟୀଙ୍କୁ ଚିହ୍ନଟ କରି ଉଚ୍ଚ ଦରରେ ବିକ୍ରି କରା ଯାଉଥିବା ସମ୍ପର୍କରେ ଉପଖଣ୍ଡ ପ୍ରଶାସନ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ରୋମିଓଙ୍କ ବାଇକ ଦୁର୍ଘଟଣାରେ ୧୦ବର୍ଷ ବାଳକ ଗୁରୁତର

ତାଳଚେର, (ସବ୍ୟୁ) : ଆଜି ତାଳଚେର ସହର ହାଟତୋଟା ସ୍ଥିତ ମହିଳା ମହାବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ସାଇକେଲ ଚଳାଇ ଆସୁଥିବା ୧୦ବର୍ଷର ବାଳକକୁ ଏକ କେଟିଏମ ବାଇକ ଓଡ଼ି୧୯ଆର୍-୮୦୦୬ରେ ଦୁଇଜଣ ଯୁବକ ଦ୍ରୁତଗତିରେ ଆସି ବାଳକକୁ ଧକ୍କା ଦେଇଥିଲେ। ଫଳରେ ବାଳକଟି ଅଚେତ ହୋଇ ଗୁରୁତର ଅବସ୍ଥାରେ ତଳେ ଖସିପଡ଼ିଥିଲା। ତାକୁ ସ୍ଥାନୀୟ ଲୋକେ ଉଦ୍ଧାରକରି ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ଏବଂ ବାଳକର ଅବସ୍ଥା ଗୁରୁତର ହେବାରୁ ତାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ପରେ ସ୍ଥାନୀୟ ଲୋକେ ଟାଉନ ଥାନାରେ ଖବର ଦେବାପରେ ପୋଲିସ୍ ସେଠାରେ ପଂହଚି ଘଟଣାର ତଦନ୍ତ କରିବା ସହ ଦୁଇ ବାଇକ ଆରୋହୀ ଦୁଇ ବାଳକକୁ ଥାନାରେ ଅଟକ ରଖି ପଚରାଉଚରା କରିଥିବା ଜଣାପଡ଼ିଛି। ଆଜି କାଲି ପରିବାର ପକ୍ଷରୁ ପିଲାମାନଙ୍କ ପାଇଁ ଦାମୀ ଗାଡ଼ି କିଣି ଦେଉଥିବା ବେଳେ ଯୁବକମାନଙ୍କର ଲାଇସେନ୍ସ ଥାଉକି ନଥାଉ ରାସ୍ତା ମଝିରେ ଦ୍ରୁତଗତିରେ ଗାଡ଼ି ଅଙ୍କା ବଙ୍କାକରି ଚଳାଇବା ଏକ ଫ୍ୟାଶନ୍ ହୋଇଗଲାଣି ଯାହା ଫଳରେ ସାଧାରଣଜନତା ତାଙ୍କ ଗାଡ଼ି ସମ୍ମୁଖରେ ପଡ଼ି ଗୁରୁତର ଆହାତ ହେବା ସହ ମୃତାହତ ମଧ୍ୟ ହେଉଥିବା ଅଂଚଳବାସୀ ପ୍ରକାଶ କରୁଛନ୍ତି।

# ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ : ପ୍ରଶାସନ ଗାଓଁ କି ଔର କର୍ମଶାଳା

ଅନୁଗୋଳ, (ସବ୍ୟୁ) : କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍ସନ, ମନ୍ତ୍ରାଳୟଙ୍କର ନିର୍ଦ୍ଦେଶକ୍ରମେ ସୁଶାସନ ସପ୍ତାହ ତା ୧୯.୧୨.୨୦୨୫ ଠାରୁ ୨୫.୧୨.୨୦୨୫ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାରେ ବିଭିନ୍ନ ସ୍ତରରେ ପାଳନ କରାଯାଉଅଛି । ଏ ସଙ୍କ୍ରାନ୍ତରେ ଜିଲ୍ଲାସ୍ତରୀୟ କର୍ମଶାଳା ତା ୨୩.୧୨.୨୦୨୫ରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ସଭାପତି ଜିଲ୍ଲାପରିଷଦ ଶ୍ରୀମତୀ ବବିତା ପ୍ରଧାନଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାରେ ଅବସରପ୍ରାପ୍ତ ପ୍ରଶାସକ ଡା ଧରଣିଧର ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଗ୍ରାମାଞ୍ଚଳରେ କିପରିଭାବେ ସୁରୁଖୁରୁରେ ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ସରପଞ୍ଚମାନେ ଏ ସଙ୍କ୍ରାନ୍ତରେ ସେମାନଙ୍କର ଅଭିଜ୍ଞତା ଏବଂ ବିଭିନ୍ନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଉପରେ ନିଜର ମତାମତ ରଖିଥିଲେ । କର୍ମଶାଳାରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ.ଅଧୁକାରୀ ଦେବଦତ୍ତ ମହାନ୍ତ ସ୍ୱାଗତ ଭାଷଣ ଦେବା ସହିତ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଗୌରବମୟ ପ୍ରଧାନ ଅତିରିକ୍ତ ନିର୍ବାହୀ . ଅଧୁକାରୀ (ପ୍ରଶାସନ ) ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଡ଼ି ମଟର ପ୍ରଦୂ୍ୟଷଣ ପାଇଁ ୧୦ହଜାର ଫାଇନ୍

# କଳକାରଖାନାକୁ କେତେ ?



ତାଳଚେର ,(ସବ୍ୟୁ) :ସରକାର ଏଇ ନିକଟରେ ପ୍ରଦ୍ୟୁଷଣ ଯୋଗୁଁ ଅତିତରବରିଆଭାବେ ବାଇକ ଠାରୁ ଆରମ୍ଭକରି ଟ୍ରକ, ବସ୍ ପର୍ଯ୍ୟନ୍ତ ପଲ୍ୟୁସନ୍ ପ୍ରମାଣପତ୍ର ବାଧ୍ୟତାମୂଳକ କରିଛନ୍ତି। ଯେଉଁ ଯାନବାହାନ ୧ମାସ ମଧ୍ୟରେ ପଲ୍ୟୁସନ୍ ସାର୍ଟିଫିକେଟ୍ ନଦେଖାଇବେ ସେମାନଙ୍କୁ ତେଲଟଶଙ୍କିରୁ ତେଲ ମିଳିବ ନାହିଁ ଓ ୧୦ହଜାର ଟଙ୍କା ଦଣ୍ଡ ଗଣିବାକୁ ନିଷ୍ପତି ନିଆଯାଇଥିବା ଘୋଷଣା କରାଯାଇଛି। ଏହାକୁ ନେଇ ଏବେ ବାଇକ ଚାଳକଙ୍କ ଠାରୁ ଆରମ୍ଭକରି ଟ୍ରକ, ବସ ଇତ୍ୟାଦି ପଲ୍ୟୁସନ୍ ସେଂଟରରେ ଭିଡ଼ ଜମାଇଥିବା ଦେଖାଯାଇଛି। ଏହା ପୂର୍ବରୁ ସରକାର ପ୍ରଦ୍ୟୁଷଣ ହେଉଥିବାରୁ ୟୁରୋ ୨ ଓ ୩ ଗାଡ଼ିକୁ ବନ୍ଦ କରି ୟୁରୋ ୬ ଗାଡ଼ି ଯାହାର ମୂଲ୍ୟ ବଜାରରେ ଅଧିକ ରହିଛି, ସେହି ଗାଡ଼ି ଗୁଡ଼ିକୁ କିଣିବାକୁ କୁହାଗଲା। ସେହି ଅନୁଯାୟୀ ବର୍ତମାନ ବଜାରରେ ୟୁରୋ -୬ ଗାଡ଼ି ପ୍ରଚୁର ପରିମାଣରେ ବିକ୍ରି ଚାଲିଛି। ଏଠାରେ ପ୍ରଶ୍ନ ଉଠେ, ସରକାର କାହାସ୍ୱାର୍ଥରେ ୟୁରୋ -୨ ଓ ୟୁରୋ-୩କୁ ବନ୍ଦ କରିଦେଇ ୟୁରୋ-୬ ଗାଡ଼ି କିଣିବାକୁ କହିଛନ୍ତି ତାହା ଏକ ବଡ଼ପ୍ରଶ୍ନ ଉଙ୍କି ମାରୁଛି। ଅପରପକ୍ଷେ ତାଳଚେର ଅଂଚଳରେ ମାଳମାଳ ଶିଳ୍ପ କାରଖାନା ଖୋଲି ଯେଉଁ ପରିମାଣରେ ଜଳ, ସ୍ଥଳ, ଆକାଶକୁ ପ୍ରଦ୍ୟୁଷଣ କରୁଛନ୍ତି ସେମାନଙ୍କ ପାଇଁ କାହିଁକି ପଲ୍ୟୁସନ୍ ବିଭାଗ ନିରୋବଦ୍ରଷ୍ଟା ସାଜିଛି! ତାଳଚେର ଅଂଚଳରେ ବାଇକ ଠାରୁ ଆରମ୍ଭକରି ଟ୍ରକ, ବସ ପର୍ଯ୍ୟନ୍ତ ଯେଉଁ ହାରରେ ପ୍ରଦ୍ୟୁଷଣ ବୃଦ୍ଧି କରୁଛନ୍ତି ତାଠାରୁ ଅଧିକ ପ୍ରଦ୍ୟୁଷଣ କରୁଛନ୍ତି ଏହି କଳକାରଖାନା ଗୁଡ଼ିକ। ତେବେ ଏହି କଳକାରଖାନା ଗୁଡ଼ିକୁ କାହିଁକି ଫାଇନ୍ କରାଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇବା ସହିତ ଖଣିଖାଦାନ ଓ ଶିଳ୍ପଯୋଗୁଁ ଦୂଷିତ ପାଣି, ଜଳବାୟୁ ପ୍ରଦ୍ୟୁଷଣ ଯୋଗୁଁ ଏଠିକାର ଅଂଚଳବାସୀ ଅଣନିଶ୍ୱାସ ହୋଇ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହୋଇ ମୃତ୍ୟୁ ବରଣ କରୁଥିବା ବେଳେ ଆଉ କିଏ ଜୀବନ ସହ ସଗ୍ରାମ ଚଳାଇଛି। ଭାରତ ମାନଚିତ୍ରରେ ଦିଲ୍ଲୀପରେ ଅନୁଗୋଳ ଜିଲ୍ଲା ତାଳଚେର ସବଡ଼ିଭିଜନ ଅଂଚଳରେ ଅଧିକ ପ୍ରଦ୍ୟୁଷଣ ରେକର୍ଡ଼ ସୃଷ୍ଟି କରିଥିବା ବେଳେ ସରକାର ଏହି ନିଷ୍ପତିକୁ ଲୋକମାନେ ସହଜ ଗ୍ରହଣ କରି ପାରୁନାହାନ୍ତି।

## ସାତକୋଶିଆ ଅଭୟାରଣ୍ୟ ବୁଲିଲେ କେନ୍ଦ୍ରମନ୍ତ୍ରୀ

# ସାତକୋଶିଆ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ନୂଆ ପରିଚୟ ତିଆରି କରିବ : ଧର୍ମେନ୍ଦ୍ର

ଅନୁଗୋଳ,(ସବ୍ୟୁ) :କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ସ୍ଥିତ ବିଶ୍ୱପ୍ରସିଦ୍ଧ ସାତକୋଶିଆ ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । ମହାନଦୀର ନୀଳ ଜଳରାଶି ଏବଂ ସାତକୋଶିଆ ଗଣ୍ଡର ମନୋରମ ଦୃଶ୍ୟକୁ ଉପଭୋଗ କରିବା ସହ ସାତକୋଶିଆ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସାତକୋଶିଆ ଅଭୟାରଣ୍ୟ ପରିଦର୍ଶନ ସମୟରେ ପ୍ରକୃତିର ଏକ ଅପୂର୍ବ ଓ ନୈସର୍ଗିକ ସୌନ୍ଦର୍ଯ୍ୟକୁ ଅତି ନିକଟରୁ ଦେଖିବାର ସୁଯୋଗ ମିଳିଲା । ସାତକୋଶିଆ କେବଳ ଓଡ଼ିଶା ନୁହେଁ, ବରଂ ସାରା ଭାରତର ଏକ ଅନନ୍ୟ ଜୈବ ବିବିଧତା ସମ୍ପନ୍ନ ଅଞ୍ଚଳ । ଏଠାକାର ଘଞ୍ଚ ଜଙ୍ଗଲ, ବନ୍ୟପ୍ରାଣୀ, ପାହାଡ଼ ଏବଂ ନଦୀର ସଙ୍ଗମ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାର ପ୍ରଚୁର ସମ୍ଭାବନା ରଖିଛି ।

ଆମରପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଘରୋଇ ପର୍ଯ୍ୟଟନ'ର ଯେଉଁ ପରିକଳ୍ପନା କରିଛନ୍ତି, ତାହାକୁ ଆଗକୁ ବଢ଼ାଇବା ପାଇଁ ସାତକୋଶିଆ ଏକ ପ୍ରକୃଷ୍ଟ କ୍ଷେତ୍ର । ମୋଦୀ ସରକାର ଏହି ଅଞ୍ଚଳର ବିକାଶ ତଥା ଏହି ଆଇକନିକ୍ ଟୁରିଷ୍ଟ ସେଣ୍ଟରକୁ ବିଶ୍ୱମାନର କରିବା ପାଇଁ ଆର୍ଥିକ ସହାୟତା ଦେଇଛନ୍ତି । ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ପର୍ଯ୍ୟଟନର ବହୁତ ବଡ଼ ଭୂମିକା ରହିଛି । ସାତକୋଶିଆର ବିକାଶ ଏପରି ଭାବେ ହେବା ଦରକାର ଯେପରି ପ୍ରକୃତିର ସୁରକ୍ଷା ସହିତ ସ୍ଥାନୀୟ ଯୁବପିଢ଼ି ଓ ବନବାସୀ ଭାଇଭଉଣୀଙ୍କ ପାଇଁ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହୋଇପାରିବ ।

ଆଗାମୀ ଦିନରେ ଜଙ୍ଗଲ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଏହି ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ 'ପର୍ଯ୍ୟଟନ ଶିଳ୍ପ'ର ମାନ୍ୟତା ଦେବା ପାଇଁ ସମସ୍ତ ଉଦ୍ୟମ କରାଯିବ । ଏହା ଦ୍ୱାରା କେବଳ ପର୍ଯ୍ୟଟନର ବିକାଶ ହେବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବ ଏବଂ ଲୋକମାନଙ୍କର ଆର୍ଥିକ ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିବ । ଅନୁଗୋଳ, ଢେଙ୍କାନାଳ, କଟକ ଏବଂ ବୌଦ୍ଧ ଜିଲ୍ଲାର ସୀମାକୁ ସ୍ପର୍ଶ କରୁଥିବା ଏହି ବିଶାଳ ସାତକୋଶିଆ ଗଣ୍ଡର ପ୍ରାକୃତିକ ସୁରକ୍ଷାକୁ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବଦଲ ଏମ ଅଖତର, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଉପଜିଲ୍ଲାପାଳ ମାୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଖଲଣା ଗୁଳିକାଣ୍ଡ : ଆସାମୀଙ୍କୁ ଆଜୀବନ କାରାଦଣ୍ଡ



ଆନନ୍ଦପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ଖଲଣା ଗୁଳିକାଣ୍ଡ ଘଟଣାର ରାୟ ଶୁଣାଇଛନ୍ତି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ । ମୁଖ୍ୟ ଆସାମୀ ଅକ୍ଷୟ ଘୋଷଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ସହ ୨ ଲକ୍ଷ ଟଙ୍କା ଜୋରିମାନା ଶୁଣାଇଛନ୍ତି । ଜୋରିମାନା ଅନାଦେୟ ହେଲେ ୨ ବର୍ଷ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି । ୨୦୨୨ ମସିହା ଜୁଲାଇ ୧୪ ତାରିଖ ରେ ରାମଚନ୍ଦ୍ରପୁର ଥାନା ଖଲଣା ଗାଁର ସୁନନ୍ଦ ସେଠୀଙ୍କୁ ଅତି ନିର୍ମମ ଭାବେ ଅକ୍ଷୟ ଘୋଷ ଏବଂ ତାର କିଛି ସହଯୋଗୀ ଗୁଳିକରି ହତ୍ୟା କରିଥିଲେ । ଏହି ଘଟଣାରେ ମୃତ ସୁନନ୍ଦଙ୍କ ସାନଭାଇ ମନ୍ମଥ ସେଠୀ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ଗୁରୁବାର ଦିନ କୋର୍ଟ ୨୪ ଜଣ ସାକ୍ଷୀ ଏବଂ ୧୦୬ ଟି ଦସ୍ତାବିଜ ଆଧାର ରେ ଏହି ରାୟ ଶୁଣାଇଛନ୍ତି ।

## ଆଜି ଠାରୁ ଗୋନାସିକା-କେନ୍ଦୁଝର ମହୋତ୍ସବ, ଜାତୀୟ ପଲ୍ଲୀଶ୍ରୀ ମେଳା

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବ ୨୦୨୫ ଏବଂ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାର ଆୟୋଜନ ସମ୍ପର୍କରେ ବୁଧବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାପାଳ ବିଶାଲ ସିଂହ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଡିସେମ୍ବର ୨୬ ରେ ଗୋନାସିକା, ଚମ୍ପୁଆ, ଘଟଗାଁ ଏବଂ ଆନନ୍ଦପୁରରୁ ଏକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ କେନ୍ଦୁଝରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ମିଳିତ ହୋଇ କେନ୍ଦୁଝର ଷ୍ଟାଡିୟମ ପର୍ଯ୍ୟନ୍ତ ଯିବ। ଡିସେମ୍ବର ୨୬ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋନାସିକା ଓ ଜାତୀୟ ସ୍ତରୀୟ ପଲ୍ଲୀ ଶ୍ରୀ ମେଳାକୁ ଉଦଘାଟନ କରିବେ ସହିତ କିଛି ଷ୍ଟଲଗୁଡ଼ିକୁ ପରିଦର୍ଶନ କରିବେ। ବିଭିନ୍ନ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଏବଂ ଉଦ୍ୟୋଗଗୁଡ଼ିକଙ୍କ ଦ୍ୱାରା ପ୍ରାୟ ୨୦୦ ଷ୍ଟଲ ସ୍ଥାପନ କରାଯିବ, ଯାହା ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ଏବଂ ମସଲା ଉତ୍ପାଦ ପ୍ରଦର୍ଶନ କରିବ ।ଗୋନାସିକା-କେନ୍ଦୁଝର ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଡିସେମ୍ବର ୨୬ ରୁ ୩୦ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ସ୍ଥାନୀୟ, ରାଜ୍ୟ, ଜାତୀୟ ଏବଂ ବଲିଉଡ୍/ ଅଲିଉଡ ଦଳ ସମେତ ୬୧ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବ। ପ୍ରଖ୍ୟାତ କଣ୍ଠଶିଳ୍ପୀ କୈଳାଶ ଖେର, ସୁଖବିନ୍ଦର ସିଂହ, ସଲମାନ ଅଲ୍ଲୀ, ପ୍ରିୟଙ୍କା, ଶୁଭ୍ର ସୁତା ଏବଂ ଗୁରୁ ମହାରିଙ୍କ ଭଳି ପ୍ରସିଦ୍ଧ କଳାକାରମାନେ ବିଭିନ୍ନ ଦିନରେ ପ୍ରଦର୍ଶନ କରିବେ । ଅନ୍ୟାନ୍ୟ ଆକର୍ଷଣ ମଧ୍ୟରେ ଏକ ପୁସ୍ତକ ମେଳା, ଫୁଲ ଏବଂ ପତ୍ର ପ୍ରଦର୍ଶନ, ଖାଦ୍ୟ କୋର୍ଟ, କବି ସମ୍ମିଳନୀ ଏବଂ ଜିଲ୍ଲା ପ୍ରଶାସନ ଏବଂ ନାଗରିକଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନ୍ତର୍ଭୁକ୍ତ। ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ସମାପନୀ ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ଶାନ୍ତି ଶୃଙ୍ଖଳା ସହିତ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାରେ ଆଉ ପାଞ୍ଚଟି ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର, (ସବ୍ୟୁ):କେନ୍ଦୁଝର ଜିଲ୍ଲାରେ ପାଞ୍ଚଟି ନବର୍ନିମିତ ଅଙ୍ଗନୱାଡି କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ବୁଧବାର ଦିନ ଆଭାସି ମାଧ୍ୟମରେ ଏହି ପାଞ୍ଚଟି କେନ୍ଦ୍ର ଉଦଘାଟନ କରିଛନ୍ତି। ଏହା ଦ୍ୱାରା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ପୁଷ୍ଟି ସେବା ସୁଦୃଢ଼ ହେବ। ଏହି ଆଭାସି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାୟକ, ଅତିରିକ୍ତ ସୁଧା ଗୋସାମୀ, ସମାଜ କଲ୍ୟାଣ ଅଧିକାରୀ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), କାର୍ଯ୍ୟକ୍ରମ ଅଧିକାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦ୍ଘାଟିତ ହୋଇଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ହେଲା ଘସିପୁରା ବ୍ଲକ ଅନ୍ତର୍ଗତ ଗୁହାଳଡିହି ଏବଂ ହାତୀସିଲା, ଚମ୍ପୁଆ ବ୍ଲକର ଜୟମଙ୍ଗଳପୁର ଏବଂ ବରପଦା ଏବଂ ବାଂଶପାଳ ବ୍ଲକର ମାମଲାପୋଷି-ଏ। ଏହି କେନ୍ଦ୍ରଗୁଡ଼ିକ ମା'ମାନଙ୍କ ପାଇଁ ପରିପୂରକ ପୁଷ୍ଟିସାର, ସ୍ୱାସ୍ଥ୍ୟ ତଦାରଖ ଏବଂ ପରାମର୍ଶ ସେବା ସହିତ ଶିଶୁମାନଙ୍କ ପ୍ରାରମ୍ଭିକ ଶୈଶବ ଶିକ୍ଷା ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବ। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦ୍ୱାରା ସମ୍ପୃକ୍ତ ଗ୍ରାମର ୨୨୧ ଜଣ ହିତାଧିକାରୀ ଶିଶୁ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନକାରୀ ମହିଳା ଅତ୍ୟାବଶ୍ୟକ କଲ୍ୟାଣ ସେବାର ସୁବିଧା ପାଇପାରିବେ। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଉଦଘାଟନ ଦ୍ୱାରା ଜିଲ୍ଲାରେ ମୋଟ ଅଙ୍ଗନୱାଡି କେନ୍ଦ୍ର (ନିଜସ୍ୱ ଗୃହ) ସଂଖ୍ୟା ୨୨୫୦ରେ ପହଞ୍ଚିଛି। ସୂଚନାଯୋଗ୍ୟ ଜିଲ୍ଲାରେ ଏବେ ମୋଟ ୩୩୬୧ ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଉଦଘାଟନ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା ଅଧୀନରେ ସେବା ପ୍ରଦାନକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

## ସମାଜସେବୀ ଚନ୍ଦ୍ରକାନ୍ତ ଡାଙ୍ଗୁଆଙ୍କ ପରଲୋକ



ବାସୁଦେବପୁର , (ସବ୍ୟୁ): ବାସୁଦେବପୁର ପୌରପାଳିକାର ଦଶ ନମ୍ବର ୱାର୍ଡ ଡାଙ୍ଗୁଆ ସାହିର ସମାଜସେବୀ ଚନ୍ଦ୍ରକାନ୍ତ ଡାଙ୍ଗୁଆ(୬୧)ଙ୍କର ରବିବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇ ଯାଇଛି । ଡାଙ୍ଗୁଆ ସାହିର ଚନ୍ଦ୍ରକାନ୍ତ ଡାଙ୍ଗୁଆ ୧୧ ବର୍ଷ ତଳେ ଏକ ଗଛରୁ ଖସି ଶର୍ଯ୍ୟାସାୟୀ ହୋଇ ପଡିଥିଲେ । ଏହି ବିଛଣାରେ ଅସୁସ୍ଥତା ମଧ୍ୟରେ ରହି ବିଭିନ୍ନ ଲୋକମାନଙ୍କର ସମସ୍ୟା ସମାଧାନ କରୁଥିଲେ ।ସ୍ୱର୍ଗତ ଚନ୍ଦ୍ରକାନ୍ତ ଡାଙ୍ଗୁଆ ନନଫର୍ମାଲ ଓ ଶିଶୁ ଶ୍ରମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦୀର୍ଘ ଦିନ ଧରି ଶିକ୍ଷକତା କରିଥିଲେ । ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ ।ପୌରପାଳିକାର ଦଶ ନମ୍ବର ୱାର୍ଡରେ ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ । ଗତ ଏକ ବର୍ଷ ଧରି ଏକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ତଥାପି ମୃତ୍ୟୁର ତିନିଦିନ ପୂର୍ବରୁ ଅସୁସ୍ଥତା ସତ୍ତ୍ୱେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଭୁଲି ନଥିଲେ । ମୃତ୍ୟ ସମୟରେ ଏକ ମାତ୍ର ପୁତ୍ର ସତ୍ୟବ୍ରତ ଡାଙ୍ଗୁଆ, ଝିଅ ଜ୍ୱାଇଁଙ୍କ ସହିତ ସାନ ଭାଇ ତାରାକାନ୍ତ ଡାଙ୍ଗୁଆ ପରିବାର ଉପସ୍ଥିତ ଥିଲେ । ସକାଳେ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳି ଯାଇଥିଲା । ଡାଙ୍ଗୁଆ ସାହି ବାସଭବନରେ ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ, ଚିନ୍ମୟ କୁମାର ବାରିକ, ରବିନ୍ଦ୍ର ନାୟକ, ବିଜେପିର ଜିଲ୍ଲା ଉପସଭାପତି ଉଦୟନାରାୟଣ ମଲ୍ଲିକ,କାଉଁସିଲର ଜଗବନ୍ଧୁ ଦାସ,କମଳାକାନ୍ତ ବାରିକ, କୃଷ୍ଣଚନ୍ଦ୍ର ମହାକୁଡ ଓ କଂଗ୍ରେସର ଶଶିଭୂଷଣ ବାରିକ,ବିଜୟ ମହାନ୍ତି, ସୁଶାନ୍ତ କୁମାର ମହାକୁଡ, ଓକିଲ ସଂଘର ମଧୁସୂଦନ ଜେନା , ପ୍ରଦିପ କୁମାର ମହାନ୍ତି,ବାରିକ, ରାଜେନ୍ଦ୍ର ବଳ,ସୌମ୍ୟରଞ୍ଜନ ପାଢୀ, ବସନ୍ତ କୁମାର ବାରିକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ତ୍ରିଲୋଚନଙ୍କ ମୁଁ ଗଛ କହୁଛି କାର୍ଯ୍ୟକ୍ରମକୁ ସାଂସଦଙ୍କ ପ୍ରଶଂସା



କେନ୍ଦୁଝର , (ଜିପ୍ର) : ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ମୁଁ ଗଛ କହୁଛି କାର୍ଯ୍ୟକ୍ରମକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରଶଂସା କରିଛନ୍ତି ଆନନ୍ଦପୁର ପ୍ରେସ କ୍ଲବ ଦାରା ଆୟୋଜିତ ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଉଦଯାପନୀ ସଭା ଅବସରରେ ଗୁରୁବାର ଦିନ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ତ୍ରିଲୋଚନ ସାହୁଙ୍କ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ତାଙ୍କର କାର୍ଯ୍ୟକୁ ପ୍ରସଂଶା କରିବା ସହିତ ଅଧିକରୁ ଅଧିକ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ ।ତ୍ରିଲୋଚନ ସାହୁ ଫକୀରପୁରରେ ସୃଷ୍ଟି କରିଥିବା କ୍ଷୁଦ୍ର ବନକୁ ଏବଂ ବିଭିନ୍ନ ସ୍ଥାନରେ ଲଗାଇଥିବା ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକୁ ସାଂସଦ ଖୁବ ପ୍ରଶଂସା କରିଥିଲେ । କେନ୍ଦୁଝର ପୌରପରିଷଦ ଅଧକ୍ଷା ଶ୍ରୀମତୀ ନିକୁ ସାହୁ, ବିଜେପି ରାଜ୍ୟ ସମ୍ପାଦିକା ମମତା ସିଂହ, ଆନନ୍ଦପୁର ପୌରପରିଷଦର ପୂର୍ବତନ ପୌରାଧକ୍ଷ ରାମ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଘଷିପୁରା ବିଜେପି ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଆନନ୍ଦପୁର ପ୍ରେସ କ୍ଲବ ର ସଭାପତି ନାରାୟଣ ସାହୁ , ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ସମେତ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ ଉପସ୍ଥିତ ବିଭିନ୍ନ ବୁଦ୍ଧିଜୀବୀ ପ୍ରମୁଖ ତ୍ରିଲୋଚନ ସାହୁଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ବୃକ୍ଷ ରୋପଣ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଅଧିକ କାମ କରିବେ ବୋଲି ଶ୍ରୀ ସାହୁ କହିଥିଲେ ।

## ଏନଆରଆଇ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସ୍ପନ୍ଦନ'




ଭଦ୍ରକ , (ସବ୍ୟୁ): ଭଦ୍ରକ ସହରର ଆରଡ଼ି ଛକସ୍ଥିତ ବହୁଚର୍ଚ୍ଚିତ ଏନ ଆର ଆଇ ଆନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଏଥିରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି , ଭଦ୍ରକ ଉପଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ସମ୍ମାନୀତ ଅତିଥି ଏବଂ ,ଅବସରପ୍ରାପ୍ତ ପ୍ରାଧ୍ୟାପକ ଏସ. କେ. ନାସିର ବକସ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ ' ଶିକ୍ଷା ମଣିଷ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ ଏହା ଉତ୍ତମ ମଣିଷ ଗଠନ କରେ 'ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ ସ୍ୱାଗତ ଭାଷଣ ଅନୁକ୍ରମରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରିଥିଲେ ।ଅଧ୍ୟକ୍ଷ ବିବେକାନନ୍ଦ ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ତଥା ଛାତ୍ର ଛାତ୍ରୀଙ୍କର କୃତିତ୍ୱ ସମ୍ପର୍କରେ ତଥ୍ୟ ରଖିଥିଲେ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ ,କମଳା ସାହୁ , ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଅଖୁଜୀ ନାଥ, ଜ୍ୟୋସ୍ନା ରାଣୀ ନାୟକ , ସୁଶାନ୍ତ କୁମାର ପାଣି , ଲିପିପୁଷ୍ପା ପାଣି ପ୍ରମୁଖ ଅତିଥିଗଣ ମଞ୍ଚସୀନ ଥିଲେ । ପିଲାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ଶିକ୍ଷକ ନିରଞ୍ଜନ ସାମଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ , ଅଭିଭାବକ ଅଭିଭାବିକାମାନଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ଗ୍ରାମର ବସୁଦେବ ସେଠୀଙ୍କ ଝିଅ ଅନୁପମା ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା,ଚୌଧୁରୀପୋଖରୀ ଗ୍ରାମର ବଳରାମ ସେଠୀଙ୍କୁ ବିବାହ କରିଥିଲା। ତାଙ୍କର ଦେଢ଼ବର୍ଷର ଏକ କନ୍ୟା ରହିଛି। ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ଜନିତ ନିର୍ଯାତନା ଦେଉଥିବାର ଅଭିଯୋଗ ହୋଇଛି। ଏହି ସଂପର୍କରେ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ତେଣୁ ସେ ନ୍ୟାୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଆରଏଲପି ନଂ.୧୩୮୨/୨୫ରେ ଅନୁପମାଙ୍କ ଅଭିଯୋଗକୁ ଗ୍ରହଣ କରି ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଏସପିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।

## ବିଫଳ ପ୍ରେମିକର ଉନ୍ମତ୍ତ କାଣ୍ଡ, ଅଭିଯୁକ୍ତ ଗିରଫ

ସୋର,(ସବ୍ୟୁ): ସୋର ଥାନା ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଅଞ୍ଚଳର ଜଣେ ନାବାଳିକାକୁ ଅସଦାଚରଣ ସହ ଧମକ ଚମକ ଦେଉଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି।ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ସିକିଡ଼ିଆ ଗ୍ରାମର ରାଜକିଶୋର ନାୟକ(୨୦) ତାଙ୍କ ଯୋଡାମ୍ବ ଗ୍ରାମର ନିଜ ମାମୁଁ ଘରେ ରହୁଥିଲେ। ଏହି ସମୟରେ ଆଙ୍ଗୁଳା ଅଞ୍ଚଳର ଜଣେ ନାବାଳିକାକୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ତାଙ୍କୁ ଅସଦାଚରଣ କରିବା ସହିତ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳିକା ଜଣଙ୍କ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୦୮୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତିରେ ପୁଲିସ ରାଜ କିଶୋରକୁ ଗିରଫ କରିବାକୁ ସଫଳ ହୋଇଥିଲା। ଗୁରୁବାର ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ବାହାନଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ପୋଡ଼ି ଘଟଣା : ୪ଜଣିଆ ଟିମ୍‌ର ଯାଞ୍ଚ

ବାଲେଶ୍ୱର,(ସବ୍ୟୁ): ସରକାର ନିରାମୟ ଯୋଜନାରେ ମାଗଣା ଔଷଧ ପ୍ରଦାନ କରୁଥିବା ବେଳେ ତାହା ରୋଗୀପାଇବା ପରିବର୍ତ୍ତେ ଅବଧି ଥିବା ଓ ଅବଧି ସରିଯାଇଥିବା ଔଷଧଗୁଡ଼ିକୁ ବାହାନଗା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅଳିଆଗଦା ଓ ଡଷ୍ଟବିନ୍‌ରେ ପୋଡ଼ିଦିଆଯାଉଥିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏବାବଦରେ ସୂଚନା ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧିରେଶ କୁମାର ଷଡ଼ଙ୍ଗୀ ଘଟଣା ବାବଦରେ ଯାଞ୍ଚ କରିଥିଲେ । ଜିଲ୍ଲାରୁ ଟିମ୍ ଲିଡ଼ର ଡା. ମନୋଜ କୁମାର ସାହୁ, ସିନିୟର ଫାର୍ମାସିଷ୍ଟ ଯୋଗେଶ କୁମାର ମହାପାତ୍ର, ସିନିୟର ଆସିଷ୍ଟାଣ୍ଟ ନିରଞ୍ଜନ ଜେନା ଓ ଅଜିତ୍ ଶଙ୍କର ପ୍ରଧାନ ପ୍ରମୁଖଙ୍କୁ ନେଇ ୪ଜଣିଆ ଟିମ୍ ଘଟଣାର ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଗୋଟିଏମାତ୍ର ଅବଧି ଥିବା ପୋଡ଼ା ଔଷଧ ମିଳିଥିବା ବେଳେ ବାକି ସମସ୍ତର ଅବଧି ଶେଷ ହୋଇଯାଇଥିବା ଟିମ୍ ଲିଡ଼ର ଡାକ୍ତର ସାହୁ ପ୍ରକାଶ କରିଛନ୍ତି । ଔଷଧ ଅବଧି ସରିବା ପରେ ତାକୁ ପୋଡ଼ା ନଯାଇ ଏହାକୁ ଔଷଧାଳୟକୁ ପଠାଇବା କଥା ମାତ୍ର ତାହା ହୋଇନଥିବାରୁ ଘଟଣା ବାବଦରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

## ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ଆନନ୍ଦପୁର , (ସବ୍ୟୁ): ପ୍ରବାଦ ପୁରୁଷ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଗୁରୁବାର ଦିନ ପାଳନ କରାଯାଇଛି । ଆନନ୍ଦପୁର ବଡଦାଣ୍ଡସ୍ଥିତ ଆନନ୍ଦ ଭବନ ଠାରେ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ ଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଅଟଳ ଜୀ ଙ୍କ ଶାସନ କାଳରେ ଭାରତ ବର୍ଷର ଐତିହାସିକ ପ୍ରଗତି ଓ ବିକାଶ ହେଇଥିଲା। ପ୍ରଧାନମନ୍ତ୍ରୀ ସଡକ ଯୋଜନା, ଅର୍ଣ୍ଣପୂର୍ଣ୍ଣା ଖାଦ୍ୟ ଯୋଜନା, ଅନ୍ତରଦ୍ୱୈୟ ଅର୍ଣ୍ଣ ଯୋଜନା, ସର୍ଣ୍ଣ ଚତୁର୍ଭୁଜ ଯୋଜନା ଫଳରେ ଦେଶରେ ବିକାଶର ଧାରା ପ୍ରବାହିତ ହେଇଥିଲା ବୋଲି କହିଥିଲେ।କେନ୍ଦୁଝର ଜିଲ୍ଲା ରେ ଜନସଂଘ ଓ ବିଜେପି ପ୍ରତିଷ୍ଠାତା ସଭାପତି କ୍ଷୀରୋଦ ପ୍ରସାଦ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ବଜ୍ରବନ୍ଧୁ ସାହୁ, ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ଅନନ୍ତ ଦାସ ଓ ମଥୁରା ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର କଲେଜର ପୂର୍ବତନ ଅଧକ୍ଷ ରମାକାନ୍ତ ନାୟକ,ଆନନ୍ଦପୁର ଓକିଲ ସଂଘ ସଭାପତି ଦୟାନିଧି ଦାଶ,ଦେବ ରଞ୍ଜନ ସାହୁ, ବିନୋଦ ମିଶ୍ର, ବିନୋଦ ଦାସ, ଗୋଲକ ବିହାରୀ ଜେନା, ଜିତେନ୍ଦ୍ର ଦାସ, ବିରଞ୍ଚି ନାରାୟଣ ପାତ୍ର, ରବିନ୍ଦ୍ର କୁମାର ସାହୁ, ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ।

## ୨୮ରୁ ଜାନୁୟାରୀ-୪ ଯାଏ ହେବ ଉତ୍ସବ ଉତ୍ତର ଓଡ଼ିଶା

ବାଲେଶ୍ୱର, (ସବ୍ୟୁ): ବୁଧବାର ଅପରାହ୍ନରେ ସ୍ଥାନୀୟ ଷ୍ଟେସନକ୍ଲବ ଠାରେ ଉତ୍ସବ ଉତ୍ତର ଓଡ଼ିଶା ସିଜିନ୍-୨ ଡିସେମ୍ବର -୨୮ ରୁ ଜାନୁୟାରୀ-୪ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ୩ଶହରୁ ଅଧିକ ଷ୍ଟଲ ବୁକିଂ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଖାଦ୍ୟପଦାର୍ଥ, ସାଂସ୍କୃତିକ କାଯ୍ୟକ୍ରମ ଛଡ଼ା ଓଡ଼ିଶା ତଥା ଓଡ଼ିଶା ବାହାରୁ ମଧ ବହୁ ଷ୍ଟଲ ଖୋଲା ଯିବ ବୋଲି ବୁଧବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅଧକ୍ଷ ତଥା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ, ସଭାପତି ରିତ୍ୱିକ ଜୀ, ସମ୍ପାଦକ ସତ୍ୟ ଦାସ ପ୍ରମୁଖ କହିଥିଲେ । ଅନ୍ୟମାନଙ୍କ ମଧରେ ସଂଗଠନର ଅନ୍ୟତମ କାର୍ଯ୍ୟକର୍ତ୍ତା ମନୋଜ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ ଉପଦେଷ୍ଟା ରଂଜନ ବାଗ, ଶ୍ରୀନିବାସ ପ୍ରଧାନ, ସୁଜିତ ଦେବ, ଧିରେନ୍ ନାୟକ,ବସନ୍ତ ପଣ୍ଡା, ସଂଜୟ ବେହେରା, ସେଖ୍ ଆୟୁବ, କାର୍ତ୍ତିକ ସାହୁ, ଦେବାଶିଷ ଦାସ, ଅତୁଲ ଶତପଥି,ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ ଗଣମାଧମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ।

## ନିୟୁଲିଭିଙ୍ଗ ଚର୍ଚ୍ଚର ଯୀଶୁଙ୍କ ଜନ୍ମଦିନ ପାଳିତ

ନୀଳଗିରି,(ସବ୍ୟୁ): ନିୟୁଲିଭିଙ୍ଗ ଚର୍ଚ୍ଚ ପକ୍ଷରୁ ଆଜି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଚର୍ଚ୍ଚର ପ୍ରାଣ ପ୍ରତିଷ୍ଠାତା ତଥା ମୁଖ୍ୟ ଉଦ୍ୟକ୍ତା ଆଚାର୍ଯ୍ୟ ସାଧୁ ସୁନ୍ଦର ସିଂହଙ୍କ ସଭାପତିତ୍ୱରେ ଖ୍ରୀଷ୍ଟ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା । ସଭାରେ ମଧୁସୁନ୍ଦର ସିଂହ, ସୁରେଶ ସିଂ, ସୁରେଶ ବିଶ୍ୱାଳ, ଦିଗମ୍ବର ରାଉଳ, ପ୍ରତ୍ୟୁ ସୁନ୍ଦର ସିଂହ, ଝୁମୁରି ବେହେରା, ସୁବାସିନ ସିଂ, ମାଇନ ସିଂ ପ୍ରମୁଖ ଅତିଥି ମଞ୍ଚାସୀନ ରହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନରେ ଘଟିଥିବା ଅଲୌକିକ ଭକ୍ତଙ୍କ ଉଦ୍ଧାର, ପାଇଁ ତାଙ୍କର ଧରାବତାରଣ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଶଣ କରି ଜୟନ୍ତୀକୁ ଉପଭୋଗ କରିଥିଲେ।

## ଆକ୍ରମଣ କରି ପର୍ସ ଲୁଟ : ଦୁଇ ଅଟକ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ସରଖିଆ କେନାଲ ରାସ୍ତାରେ ରଘୁନାଥ ଜେନାଙ୍କୁ ଭୁଜାଲିରେ ଆକ୍ରମଣ କରି ପର୍ସ ଛିନତାଇ କରିବା ଘଟଣାରେ କୁପାରୀ ଗ୍ରାମବାସୀ ଅଭିଯୁକ୍ତ ୨ଜଣକୁ ଧରି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । କୁପାରୀ ଅମ୍ବିକା ମନ୍ଦିର ନିକଟରେ ୨ଜଣ ସିଗାରେଟ ଟାଣୁଥିବା ବେଳେ ବୁଧବାର ସେମାନଙ୍କୁ ଦେଖିଥିବା ଲୋକେ ଧରି ପୋଲିସକୁ ଖବର ଦେଇଥିଲେ । ଖଇରା ଥାନା ଆଇଆଇସି ଭୂବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ପଚରାଉଚୁରା ସରିବା ପରେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ।

## ପବିତ୍ର ତୁଳସୀ ପୂଜନ ଦିବସ ପାଳିତ

ଯୋଡ଼ା,(ସବ୍ୟୁ): କନ୍ଦୁଝର ଜିଲ୍ଲା ଯୋଡା ଖଣି ଅଞ୍ଚଳ ର ବିଭିନ୍ନ ବିଦ୍ୟାଳୟରେ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ଯୋଡା ଶାଖା ପକ୍ଷରୁ ତୁଳସୀ ପୂଜନ ଦିବସ ପାଳନ କରାଯାଉଛି ।ଏହି ଉପଲକ୍ଷେ ଯୋଡା ଖଣି ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଛାତ୍ରୀ ଛାତ୍ର,ଶିକ୍ଷୟିତ୍ରୀ,ଶିକ୍ଷକ ତଥା ଅଭିଭାବକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସମିତି ପକ୍ଷରୁ ଏହି ପ୍ରୟାସ କରାଯାଉ ଥିବା ସମିତି ସଭାପତି ପ୍ରକାଶ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।ଏହି କାର୍ଯ୍ୟକ୍ରମ ଗତ ଏକ ସପ୍ତାହ ପୂର୍ବରୁ ବିଦ୍ୟାଳୟ ଗୁଡିକରେ କରାଯାଉ ଅଛି ।ଯୋଡା ସ୍ଥିତ ଯୋଡା ବସ୍ତି ୟୁ ପି ସ୍କୁଲ,ତଳକ ହାଟିଂ ୟୁ ପି ସ୍କୁଲ,ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ,ଯୋଡା ଇଷ୍ଟ ପ୍ରାଇମେରୀ ଓ ଏମ ଇ ସ୍କୁଲ,ଜରୁଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଭୃତି ବିଦ୍ୟାଳୟ ଗୁଡିକରେ ତୁଳସୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସମାଜ ପାଶ୍ଚାତ୍ୟ ସଭ୍ୟତା କୁ ଅନ୍ଧାନୁକରଣ କାରଣରୁ ତୁଳସୀ ର ମହିମା କୁ ଧୀରେ ଧୀରେ ଭୁଲି ଯାଉଥିବାରୁ ମାନବ ଜୀବନରେ ଅଶାନ୍ତି,ରୋଗ ଓ କଳହ ବୃଦ୍ଧି ପାଉଛି ।ଏଣୁ ତୁଳସୀ ମହିମା ତଥା ଉପଯୋଗୀତା ସମସ୍ତ ଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ତୁଳସୀ ପୂଜନ ଦିବସ ପାଳନ ଆରମ୍ଭ କରାଯାଇଛି ସଂକ୍ଷିପ୍ତରେ ତୁଳସୀ ବୃକ୍ଷ ର ମହିମା ସମ୍ପର୍କରେ ସଭାପତି ପ୍ରକାଶ ମହାପାତ୍ର କହିଥିଲେ ଯେ,ତୁଳସୀ ବୃକ୍ଷରେ ବିଦ୍ୟୁତ ଶକ୍ତି ରହିଛି,ଯାହାଦାରା ଏହାର ଚର୍ତ୍ତୁଦିଗ ପ୍ରାୟ ୨୦୦ ମିଟର ପରିଧିରେ ବାୟୁ ସ୍ୱଚ୍ଛ ଓ ଶୁଦ୍ଧ ରହିଥାଏ ।ଏହାସହିତ ଆଧାତ୍ମିକ ଦୃଷ୍ଟି କୋଣରୁ ଏହାର ମାଳା ଶ୍ରଦ୍ଧା ପୂର୍ବକ ଧାରଣ କଲେ ପାପ ରାଶି ନଷ୍ଟ ହେବା ସହିତ ଜୀବନୀ ଶକ୍ତି ବୃଦ୍ଧି ହୁଏ ଓ ମାନସିକ ଅଶାନ୍ତି ରୁ ରକ୍ଷା ମିଳେ ।ତୁଳସୀ ଅତ୍ୟନ୍ତ ଉପଯୋଗୀ ଔଷଧ ଅଟେ ।ଏଣୁ ପ୍ରତ୍ୟେକ ଘରେ ଏହାର ରୋପଣ କରିବା ସହିତ ପୂଜନ କରିବା ଉଚିତ ବୋଲି କାର୍ଯ୍ୟକ୍ରମ ମାଧମରେ ସମିତି ପକ୍ଷରୁ ସଚେତନ କରା ଯାଇଥିଲା ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଫିଜିଓଥେରାପି ଶିବିର




ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଓ ଅରୁଣ ଦେ ସ୍ମୃତି ପରିଷଦ ଆନୁକୂଲ୍ୟରେ ବୁଧବାର ଦିନ ଏକ ନିଶୁଳ୍କ ଫିଜିଓଥେରାପି ଶିବିର ଅରୁଣ ଦେ ସ୍ମୃତି ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ହଷ୍ଟେଲର ଫିଜିଓଥେରାପି ଚିକିତ୍ସକ ଡ଼ାକ୍ତର ହରେକୃଷ୍ଣ ଜେନା ଶିବିରକୁ ଉଦ୍ଘାଟନ କରି ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଶିବିରରେ ଉପସ୍ଥିତ ସଂଘ ଓ ପରିଷଦର ସଦସ୍ୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଫିଜିଓଥେରାପି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରଫୁଲ୍ଲ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି, ପରିଷଦର ସମ୍ପାଦକ ରଂଜନ ବାଗ ପ୍ରମୁଖ ସଂଘ ଓ ପରିଷଦର ମିଳିତ ଆନୁକୂଲ୍ୟରେ ଆଗାମୀ ବର୍ଷରେ ଅଧିକରୁ ଅଧିକ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟସେବା ସମ୍ପର୍କିତ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ଦେବାଶିଷ ଦାସ, ଗଙ୍ଗାଧର ପୃଷ୍ଟି, ମନ୍ମଥ ପରିଜା, ଗୋପାଳଚନ୍ଦ୍ର ଜେନା, ଲଲାଟେନ୍ଦୁ ପତି, ଗୟାନିଧି ମିଶ୍ର, ନରେନ୍ଦ୍ର ନାୟକ, ମଧୁସୂଦନ ବେହେରା, ଦୁର୍ଗାଶଙ୍କର ଗିରି, ସୁଧିର କୁମାର ନନ୍ଦୀ, ବିଜୟ କୁମାର ରଣା, ବିଧୁ ଭୂଷଣ ପ୍ରଧାନ, ଦିବେୟନ୍ଦୁ କୁମାର ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ରମାକାନ୍ତ ମହାନ୍ତି, ରାଜେନ୍ଦ୍ର ନାଥ ରାଉତ, ରଜନୀକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ଦାସ, ନିରଂଜନ କର, ଅନନ୍ତପ୍ରସାଦ ପଣ୍ଡା ଓ ସରୋଜିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୈଶିଙ୍ଗା ବିଜେପି ମଣ୍ଡଳ ପଦାଧିକାରୀଙ୍କ ନାମ ଘୋଷିତ

ବେତନଟୀ , (ସବ୍ୟୁ): ଭାରତୀୟ ଜନତା ପାର୍ଟିର ସଂଗଠନ କୁ ତୃଣମୂଳ ସ୍ତରରେ ମଜବୁ କରିବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି ଙ୍କ ଅନୁମୋଦନ କ୍ରମେ ଗୁରୁବାର ବୈଶିଙ୍ଗା ମଣ୍ଡଳର ମଣ୍ଡଳ ପଦାଧିକାରୀଙ୍କ ନାମ ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ ଘୋଷଣା କରିଛନ୍ତି । ସାଧାରଣ ସମ୍ପାଦକ ଭାବରେ ବିକାଶ କୁମାର ଦାସ ଏବଂ ଶାନ୍ତନୁ ଦଳାଇଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଭାବରେ କୋଷାଧକ୍ଷ ଭାବରେ ତପନ କୁମାର ମହାନ୍ତ, ଉପ ସଭାପତି ଭାବରେ ଉତ୍ସର୍ଗ ବେହେରା,ପର୍ଶୁରାମ ଖଣ୍ଡା,ପ୍ରମୋଦ ଦାସ, ସ୍ନିଗ୍ଧାରାଣୀ ହାଁସଦା , ଲିପ୍ତିମୟୀ ସାହୁ , କାମିନିକାନ୍ତ ଶତପଥୀ ଏବଂ ସମ୍ପାଦକ ଭାବରେ ଜୟନ୍ତୀ ପୁଥାଳ, ରୁବିମଣୀ ସାହୁ,ସୁପ୍ରିୟା ପାଣି,ପିତାମ୍ବର ମହାପାତ୍ର,ପ୍ରକାଶ ମହାପାତ୍ର,ଗଜେନ୍ଦ୍ର ଗିରିଙ୍କୁ ଦାୟିତ୍ୱ ଦିଆଯାଇଛି ।

## ମତୋ ଠାରେ କଂଗ୍ରେସ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ

ଭଦ୍ରକ(ସବ୍ୟୁ) : ଚାନ୍ଦବାଲି ବ୍ଲକର ଅନ୍ୟତମ ବାଣିଜ୍ୟିକ ବଜାର ମ ତୋ ଠାରେ କଂଗ୍ରେସ ତରଫରୁ ବନ୍ଦ ପାଳନ ଶାନ୍ତି ପୂର୍ଣ୍ଣ ଥିବା ଜଣା ପଡିଛି। ସକାଳ ୬ରୁ କର୍ମୀମାନେ ଭଦ୍ରକ ଚାନ୍ଦବାଲି ରାସ୍ତାରେ ରାସ୍ତା ରୋକ କରି ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ। ଦଳର ବରିଷ୍ଠ ନେତା ରମେଶ ନାୟକ, ଯୁବ ନେତା ସତ୍ୟାନନ୍ଦ ରାଉତ, ପୂର୍ବତନ ସରପଞ୍ଚଅଭୟ ସାହୁ, ସମିତି ସଭ୍ୟ ରାଜେଶ ସ୍ୱାଇଁ ଙ୍କ ସମେତ ଏକାଧିକ ନେତା ଓ କର୍ମୀ ମାନେ ଏହି ବନ୍ଦ ପାଳନ ରେ ସାମିଲ ହୋଇଥିଲେ। ଏଭଳି ଏକ ଦୁଃଖଦ ଘଟଣା କୁ ସମସ୍ତେ ନିନ୍ଦା କରିବା ସହ ଉଭୟ ରାଜ୍ୟ ଓ ଚାନ୍ଦବାଲି ରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ସେମାନେ ଅଭିଯୋଗ କରିଥିଲେ। ଦୋଷୀ ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ।

## ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଧାମନଗର,(ସବ୍ୟୁ): ଧାମନଗର ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ବିଜୟ କୁମାର ଶତପଥୀ,ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ:ରବିନ୍ଦ୍ର ବିହାରୀ,ସମ୍ମାନିତ ଅତିଥି ଭାବେ ଅଧାପକ ସୁବ୍ରତ କୁମାର ଦାସ,ସ୍କୁଲର ଉପାଧକ୍ଷ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବହୁ ଶୈକ୍ଷିକ ଓ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଜାଇନା ଜସ୍ମିନ ଓ ମନସ୍ମିତା ମହାପାତ୍ର ଅତିଥିମାନଙ୍କୁ ମଂଚ ଆବାହନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଶିକ୍ଷକ ନନ୍ଦ କିଶୋର ଖଣ୍ଡୁଆଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶରତ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଚିତ୍ତରଞ୍ଜନ ଦାଶ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ,ଛାତ୍ର,ଛାତ୍ରୀ,ଅଭିଭାବକ ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲ୍ଲା ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଶ୍ରେଷ୍ଠ ବିବେଚିତ ହୋଇଛି। ବିଜ୍ଞାନ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନ ରେ ପ୍ରକଳ୍ପ ହାଇଟେକ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଡିଭାଇସକୁ ପ୍ରସ୍ତୁତ କରିଛନ୍ତି ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ଶ୍ରୀମାନ ହିମାଂଶୁ ସେନାପତି। ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ଅଲ୍ଟରନେଟିଭସ ଟୁ ପ୍ଲାଷ୍ଟିକ ଉପ ବିଷୟବସ୍ତୁ ଉପରେ ପ୍ରସ୍ତୁତ ଏହି ପ୍ରକଳ୍ପ ଟି ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଛି। ଶ୍ରୀମାନ ସେନାପତିଙ୍କ ଏହି ସଫଳତା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝି, ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ଶଶିଧର ସିଂ, ଶ୍ରୀ ବିନୋଦ ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଅତିଥିଗଣ ପୁରସ୍କୃତ କରିଛନ୍ତି।ସମଗ୍ର ମୟୂରଭଞ୍ଜ ଜିଲ୍ଲାର ମୋଟ ୧୮୨ ଟି ପ୍ରକଳ୍ପ ପିଏମ ସରକାରୀ ଉଚ୍ଚ ବିଦ୍ୟାଳୟ କରଞ୍ଜିଆ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ସାତଟି ଉପ ବିଷୟବସ୍ତୁ ରୁ ଶ୍ରେଷ୍ଠ ସାତ ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଆସନ୍ତା ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଡି. ଏ ନ. ହାଇ ସ୍କୁଲ କେନ୍ଦୁଝର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଅଭିଭାବକ ତଥା ପରିଚାଳନା କମିଟିର ସଦସ୍ୟ ଗଣ ଅଭିନନ୍ଦନ ଜଣାଇଛନ୍ତି।

### ଅର୍ଜ୍ଜୁନ-ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।**
**ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ।। ୪୬ ।।**

ଯଦି ଶସ୍ତ୍ରପାଣୟଃ (ଧୃତଯୁଧାଃ) ଧାର୍ତ୍ତରାଷ୍ଟ୍ରଃ (ଦୁର୍ଯ୍ୟୋଧନାଦୟଃ) ଅପ୍ରତୀକାରଂ ( ଅକୃତପ୍ରତିକାରଂ, ପ୍ରତିକାର ବିମୁଖଂ)ଅଶସ୍ତ୍ରଂ (ଶସ୍ତ୍ରହୀନଂ) ମାଂ ରଣେ ହନ୍ୟୁଃ (ହଂସ୍ୟୁଃ), ତତ୍ (ହନନଂ ଅପି) ମେ (ମମ) କ୍ଷେମତରଂ (ଅତ୍ୟନ୍ତଂ ହିତଂ ଭବେତ୍) ।। ୪୬ ।।

**(ଶ୍ରୀମଦ୍ଭଗବଦ୍ ଗୀତା ୧/୪୬)**

# ଆମେ ନିଜକୁ ଓଡ଼ିଆ ବୋଲି କହିବା କାହିଁକି ?

ଆମେ ନିଜକୁ ଓଡ଼ିଆ ବୋଲି କହି ଗର୍ବ କରିଥାଉଁ କି ? ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୮୯ ବର୍ଷ ଅତିକ୍ରାନ୍ତ ହୋଇଛି । ଆଉ ପ୍ରାୟ ତିନି ମାସ ପରେ ରାଜ୍ୟ ୯୦ ବର୍ଷରେ ପଦାର୍ପଣ କରିବ । ଆଉ ଦଶବର୍ଷ ପରେ ଆମ ରାଜ୍ୟ ତାହାର ଶତବାର୍ଷିକ ପାଳନ କରିବ । ୨୦୨୯ରେ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ଯିଏ ବି ସରକାର ଗଠନ କରନ୍ତୁ ପଛେ, ଆଉ ଛଅ ବର୍ଷ ମଧ୍ୟରେ ଶତବାର୍ଷିକ ଉତ୍ସବର ପ୍ରସ୍ତୁତି କିପରି ହେବ, ତାହା ଜାଣିବା ଏବେଠାରୁ ମୁସ୍କିଲ ।

୧୯୯୨ ମସିହାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କଦ୍ୱାରା ପ୍ରତିଷ୍ଠିତ 'ଡଗର' ପତ୍ରିକାରେ, ତାହାର ତତ୍କାଳୀନ ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର ସୁନ୍ଦର କଥାଟିଏ ଲେଖିଥିଲେ । ଏବେ ସେ ସ୍ୱର୍ଗରେ । ତାହା ହେଲା ଏହିପରି- 'ଐତିହାସିକମାନେ କହି ପାରିବେ, 'ଓଡ଼ିଶା' ଶବ୍ଦ ଆସିଲା କେଉଁଠୁଁ । ସମ୍ଭବତଃ ଓଡ଼ିଆ ଭାଷାରୁ 'ଓଡ଼ିଆ' ଶବ୍ଦ ସୃଷ୍ଟି । କିନ୍ତୁ ଯେତେବେଳେ 'ଉତ୍କଳ ସମ୍ମିଳନୀ' ଆରମ୍ଭ ହେଲା, 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ପ୍ରଚାର ହେଲା, ସେତେବେଳେ ସମଗ୍ର ଉତ୍କଳ ଖଣ୍ଡ ମଧ୍ୟରେ 'କଳିଙ୍ଗ', 'କୋଶଳ' ଶବ୍ଦର ମଧ୍ୟ ବିଲୋପ ହୋଇଗଲା ପରି ମନେ ହେଲା । 'ଉତ୍କଳ ସମ୍ମିଳନୀ'ର ଅଧିବାସ ସମୟରେ 'ଓଡ଼ିଶା', 'କଳିଙ୍ଗ' ଓ 'କୋଶଳ' ମଧ୍ୟରେ ଭେଦଭାବ ଦେଖାଯାଇ ନଥିଲା । ଓଡ଼ିଶାରେ ସର୍ବପ୍ରଥମ ବିଶ୍ୱବିଦ୍ୟାଳୟର ନାମକରଣ ମଧ୍ୟ 'ଉତ୍କଳ ବିଶ୍ୱବିଦ୍ୟାଳୟ' ବୋଲି କରାଯାଇଥିଲା । କିନ୍ତୁ ଏ ରାଜ୍ୟର ସର୍ବଶ୍ରେଷ୍ଠ ବିଚରାଳୟକୁ ଭାରତର ଅନ୍ୟାନ୍ୟ ଶ୍ରେଷ୍ଠ ବିଚାରାଳୟମାନଙ୍କ ପରି ରାଜଧାନୀର ନାମ ଅନୁସାରେ ନାମିତ ନ କରି ' ଓଡ଼ିଶା ହାଇକୋର୍ଟ' ବୋଲି କାହିଁକି କରାଗଲା ଏବଂ ତାହା ଓଡ଼ିଆମାନଙ୍କର, ଓଡ଼ିଶାର ଅଧିବାସୀମାନଙ୍କର କେଉଁ ମନୋବୃତ୍ତିରୁ ଉପଜାତ ହୋଇଥିଲା, ତାହା କହିବା କଠିନ ।.... ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟତୀତ ଦକ୍ଷିଣରେ ଏବଂ ପଶ୍ଚିମରେ ଯେଉଁ ଦୁଇଟି ବିଶ୍ୱବିଦ୍ୟାଳୟ ଗଠିତ ହେଲା ତାହାର ନାମକରଣ ସମ୍ବନ୍ଧରେ ଓଡ଼ିଶା ବିଧାନସଭାରେ ଆଲୋଚନା ଚାଲିଥିଲାବେଳେ ପ୍ରସ୍ତାବ ଉଠିଥିଲା ଯେ ଦୁଇଟିକୁ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନ କହି 'କୋଶଳ' ଏବଂ 'କଳିଙ୍ଗ' ନାମରେ ଅଭିହିତ କରାଯାଉ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ତତ୍କାଳୀନ ବିଧାନସଭାର ଶିକ୍ଷିତ ସଭ୍ୟମାନଙ୍କ ମଧ୍ୟରେ ଉତ୍କଳୀୟ ହେବାର ଭାବ ନଥିଲା କିମ୍ବା ନିଜକୁ ଓଡ଼ିଆ ବୋଲାଇବାର ସ୍ପର୍ଦ୍ଧା ନଥିଲା ।'(ଓଡ଼ିଶା ଓ ଓଡ଼ିଆ, ନିତ୍ୟାନନ୍ଦ ମହାପାତ୍ର ସଞ୍ଚୟନ, ଯାହା କେନ୍ଦ୍ରୀୟ ସାହିତ୍ୟ ଏକାଡେମୀଙ୍କ ଦ୍ୱାରା ପ୍ରକାଶିତ ଓ ଗୁରୁକଲ୍ୟାଣ ମହାପାତ୍ରଙ୍କଦ୍ୱାରା ସମ୍ପାଦିତ, ତାହାର ୯୩ ପୃଷ୍ଠାରୁ ଉଦ୍ଧୃତ ।)

ବିଚ୍ଛିନ୍ନାଞ୍ଚଳରେ ମେଦିନୀପୁର, କାନ୍ଥି, ଷଢ଼େଇକଳା, ଖରସୁଆଁ, ଚକ୍ରଧରପୁର, ମଞ୍ଜୁଷା, ଶ୍ରୀକାକୁଲମ, ରାୟପୁର ପ୍ରଭୃତି ଅଞ୍ଚଳରେ ଏବେ ବି ଓଡ଼ିଆମାନେ ଅଛନ୍ତି । କିନ୍ତୁ ଓଡ଼ିଶାର ଧର୍ମ, ସଂସ୍କୃତି, ଭାଷା ଓ ସାହିତ୍ୟ ସେମାନଙ୍କୁ ଯେପରି ବାନ୍ଧି ରଖିବା କଥା, ତାହା ସେପରି ରଖି ପାରିନାହିଁ । କେଉଁଠି କେଉଁଠି ଜଗନ୍ନାଥ ମନ୍ଦିର କରାଯାଇଛି । ଓଡ଼ିଆ ପର୍ବପର୍ବାଣୀ ମଧ୍ୟ ପାଳନ କରାଯାଉଛି । ମାତ୍ର ତାହା ଯଥେଷ୍ଟ ନୁହେଁ । ଓଡ଼ିଆ ଭାଷା ଶିକ୍ଷା ଲାଭ କରିବାକୁ ସେ ସବୁ ବିଚ୍ଛିନ୍ନାଞ୍ଚଳରେ ସ୍କୁଲମାନଙ୍କରେ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ମାତ୍ର ସେମାନେ ଠିକ୍ ସମୟରେ ମାସିକ ବେତନ ପାଇ ପାରୁ ନଥିଲେ । 'ଉତ୍କଳ ସମ୍ମିଳନୀ' ସଂଗଠନ ଜରିଆରେ ଓଡ଼ିଶା ସରକାର ପଠାଉଥିବା ଟଙ୍କାରୁ ଅନେକ କିଛି ହଡ଼ପ କରାଯାଉଥିଲା ବୋଲି ଅଭିଯୋଗମାନ ମଝିରେ ମଝିରେ ହେଉଥିଲା, ପରେ ପରେ ସେମାନଙ୍କୁ ପ୍ରତ୍ୟକ୍ଷ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ରାଜ୍ୟ ସରକାର ଅର୍ଥ ପ୍ରେରଣ କଲେ । ମାତ୍ର କେତେକ ପଡୋଶୀ ରାଜ୍ୟର ଶିକ୍ଷା ସଂଗଠନ ଜାଲ ଶିକ୍ଷକଙ୍କ ଜରିଆରେ ସେ ଟଙ୍କାକୁ ମଧ୍ୟ ହଡ଼ପ କରୁଛନ୍ତି ବୋଲି ଅଭିଯୋଗମାନ ହେଉଛି । ରାଜ୍ୟ ସରକାରୀ ଅଧିକାରୀ ବା କର୍ମଚାରୀ ମଝିରେ ମଝିରେ ତଦନ୍ତ କରୁଛନ୍ତି ବୋଲି କୁହାଯାଉଛି । କିନ୍ତୁ ଫଳାଫଳ ଜଣା ପଡ଼ିନାହିଁ । ଗୁଜରାଟର ସୁରତରେ ମଧ୍ୟ ଲକ୍ଷ ଲକ୍ଷ ଓଡ଼ିଆ ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ । ଓଡ଼ିଶା ସରକାରଙ୍କର କୌଣସି ସହାୟତା ସେଠାକାର ଓଡ଼ିଆ ଶିକ୍ଷାନୁଷ୍ଠାନମାନେ ପାଆନ୍ତି ନାହିଁ ।

ସାରା ବିଶ୍ୱରେ ହିନ୍ଦୁ ଦେବତା ଜଗନ୍ନାଥଙ୍କ ରଥଯାତ୍ରା ଏକ ସମୟରେ କରାଯିବାକୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ପୁରୀ ରାଜା ଦିବ୍ୟସିଂହ ଦେବ ଜଣାଇଛନ୍ତି । ଏପରିକି ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସେ ପତ୍ର ଲେଖିଛନ୍ତି । ମାତ୍ର ପୁରୀ ଶ୍ରୀମନ୍ଦିରରେ ଇଂରାଜୀ ନବବର୍ଷକୁ ତଥା ଖ୍ରୀଷ୍ଟଧର୍ମକୁ ଅନୁସରଣ କରି ହଜାର ହଜାର ଲୋକ ଯେପରି ରାତିଯାକ ବିଗ୍ରହମାନଙ୍କୁ ଅନିଦ୍ରା ରଖି ଭୋରରୁ ଦର୍ଶନ କରୁଛନ୍ତି, ଏହାର ବିରୋଧ ପୁରୀର ଗଜପତି ରାଜା କରୁ ନାହାନ୍ତି କାହିଁକି ? ଆମର ଓଡ଼ିଆ ନୂଆବର୍ଷକୁ ଉପେକ୍ଷା କରି ବିଦେଶୀ ଧାରାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କ ଦର୍ଶନ ପାଇଁ ଇଂରାଜୀ ନବବର୍ଷରେ ଯେଉଁ ବ୍ୟାକୁଳତା ପ୍ରକାଶ ପାଉଛି, ତାହା ଜଗନ୍ନାଥପ୍ରେମୀ ଓ ବିଭିନ୍ନ ହିନ୍ଦୁ ସଂଗଠନଗୁଡ଼ିକ ତାହାର ବିରୋଧ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

'ମୋତେ ଏତେ ଉଚ୍ଚ ସ୍ଥାନକୁ ନିଅନି
ଯେଉଁଠି ମୁଁ କୁଣ୍ଢେଇ ପାରିବିନି
ସେମାନେ ଯେ ମୋ' ଆପଣାର ନୁହନ୍ତି...'
*(ଅଟଳ ବିହାରୀ ବାଜପେୟୀଙ୍କ ଇଂରାଜୀ କବିତା Peace of Mindରୁ ଅନୁଦିତ ତିନି ଧାଡ଼ି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଅଟଳ ବିହାରୀ ବାଜପେୟୀ: ଏକ ଶ୍ରଦ୍ଧାଞ୍ଜଳି




## ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ

'ଅଟଳ ବିହାରୀ ବାଜପେୟୀ'- ଭାରତୀୟ ଜନମାନସରେ ଏକ ସଶ୍ରଦ୍ଧ, ସମ୍ମାନାସ୍ପଦ ଉଚ୍ଚାରଣ । ଜଣେ ଯଶସ୍ୱୀ ପ୍ରଧାନମନ୍ତ୍ରୀ, ପ୍ରବୀଣ କୂଟନୀତିଜ୍ଞ, ଭାରତୀୟ ମୂଲ୍ୟବୋଧ ଭିତ୍ତିରେ ସୁଶାସନର ଅନୁପମ ପ୍ରବର୍ତ୍ତକ ଓ ସର୍ବୋପରି ଜଣେ ସୃଜନଶୀଳ ଅନନ୍ୟ କବି ହିସାବରେ ସେ ଚିରସ୍ମରଣୀୟ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଅଟଳଜୀଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରିବା ସହିତ ୨୦୧୫ରୁ ତାଙ୍କ ଜନ୍ମ ଦିବସକୁ 'ସୁଶାସନ ଦିବସ' ରୂପେ ପାଳନ କରିବାର ନିଷ୍ପତ୍ତି ଯଥାର୍ଥରେ ଭାରତ ଭଳି ଏକ ମହାନ ରାଷ୍ଟ୍ର ଓ 'ବସୁଧୈବ କୁଟୁମ୍ବକମ୍' ଦର୍ଶନ ତଥା ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସ କରୁଥିବା ଏକ କୃତଜ୍ଞ ଜାତିର ତାଙ୍କ ସ୍ମୃତି ପ୍ରତି ଯେ ଅନନ୍ୟ ଶ୍ରଦ୍ଧାଞ୍ଜଳି- ଏହା ଅନସ୍ୱୀକାର୍ଯ୍ୟ ।

ଅଟଳଜୀ ଭାରତୀୟ ରାଜନୀତିରେ ଥିଲେ ଅଟଳ ପ୍ରତିଜ୍ଞାବଦ୍ଧ ପିତାମହ ଭୀଷ୍ମ । ପିତା କୃଷ୍ଣ ବିହାରୀ ଓ ମାତା କୃଷ୍ଣକୁମାରୀଙ୍କ ସୁପୁତ୍ରର ନାମ 'ଅଟଳ' ନାମକରଣ ସତେ ଯେପରି ସେହି ମହାଭାରତୀୟ ଚେତନାର 'ରାମ-କୃଷ୍ଣ-ଭୀଷ୍ମ', ଶାଶ୍ୱତ ତ୍ରି- ସତ୍ୟର ଏକ ପ୍ରତୀକାତ୍ମକ ପ୍ରକାଶ, ଏହା ଅକଳ୍ପନୀୟ । ବାଲ୍ୟକାଳରୁ ତାଙ୍କର ପ୍ରଚଣ୍ଡ ମେଧା ଓ ବାଗ୍ମୀତାର ଯୁଗଳବନ୍ଦୀ ଯେପରି ଏକ ମହାନ ଆତ୍ମାର ଧରାବତରଣକୁ ସଙ୍କେତ କରୁଥିଲା, ସେହିଭଳି ଛାତ୍ରାବସ୍ଥାରେ ଆର୍ଯ୍ୟ ସମାଜର ଆର୍ଯ୍ୟ କୁମାର ସଭାର ସଦସ୍ୟ ଓ ସାଧାରର ସମ୍ପାଦକ ହେବା, ୧୯୩୯ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗଦେଇ ୧୯୪୪ରେ ମାତ୍ର ୨୦ ବର୍ଷ ବୟସରେ ସଂଘର ଜଣେ ତରୁଣ ପ୍ରଚାରକ ଭାବେ କାର୍ଯ୍ୟକ୍ରମ କରିବା ଅର୍ଥାତ୍ ଦାର ନିଗ୍ରହ ପୂର୍ବକ ଚିରକୁମାର ରହି ରାଷ୍ଟ୍ରହିତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେବାର ଅପୂର୍ବ ଅଦ୍ଭୁତ ସଂକଳ୍ପ ସେହି ମହାନ ଆତ୍ମାର ଦେବାବତରଣକୁ ସ୍ପଷ୍ଟ କରିଥିଲା- ଏହା ନିଃସନ୍ଦେହ । ଉତ୍ତର ଭାରତରେ ବିସ୍ତାରକ ରୂପେ କାର୍ଯ୍ୟ କରୁଥିବା ବେଳେ ସେ ପଣ୍ଡିତ ଦୀନଦୟାଲଙ୍କ ସହ ଯୋଗ ଦେଇଥିଲେ ଓ ସେହି କାଳରୁ ହିନ୍ଦୀ ମାସିକ ପତ୍ରିକା 'ରାଷ୍ଟ୍ରଧର୍ମ', ସାପ୍ତାହିକ- 'ପଞ୍ଚଜନ୍ୟ' ତଥା ଦୈନିକ 'ସ୍ୱଦେଶ' ଓ 'ବୀର ଅର୍ଜ୍ଜୁନ'ରେ ଯୋଡ଼ି ହୋଇ ଯାଇଥିଲେ । ୧୯୫୧ରେ ଯେତେବେଳେ ପ୍ରଚଣ୍ଡ ପ୍ରାଜ୍ଞ, ରାଷ୍ଟ୍ରପ୍ରାଣ, ସନାତନ ଧର୍ମ ସଂରକ୍ଷକ ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହାୟତାରେ ନେହରୁ- କଂଗ୍ରେସର ଭାରତ ବିରୋଧୀ ଆଭିମୁଖ୍ୟର ପ୍ରତିରୋଧ ପାଇଁ ଭାରତୀୟ ଜନସଂଘ ଭଳି ଉଗ୍ର ଭାରତୀୟ ଚେତନାଦୀପ୍ତ ରାଜନୈତିକ ଦଳର ଶୁଭାରମ୍ଭ କଲେ, ସେତେବେଳେ ତାଙ୍କୁ ସହାୟତା ପାଇଁ ସଂଘର ସରସଂଘଚାଳକ ମାଧବ ରାଓ ସଦାଶିବରାଓ ଗୋଲଓ୍ୱାଲକରଜୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ନାନାଜୀ ଦେଶମୁଖ, ସୁନ୍ଦର ସିଂହ ଭଣ୍ଡାରୀ, ଜଗଦୀଶ ପ୍ରସାଦ ମାଥୁର ଏବଂ ଅଟଳ ବିହାରୀ ବାଜପେୟୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ରୂପେ ପରିଚିତ ଏହି ୫ ଜଣ ପ୍ରଚାରକଙ୍କ ଭିତରୁ ବୟୋଜ୍ୟେଷ୍ଠ ଦୀନଦୟାଲଙ୍କୁ ସମ୍ପାଦକ ଦାୟିତ୍ୱ ମିଳିଥିବା ବେଳେ ସର୍ବ କନିଷ୍ଠ ଅଟଳଙ୍କୁ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀ, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କର ବ୍ୟକ୍ତିଗତ ସଚିବ ଦାୟିତ୍ୱ ମିଳିଥିଲା । ତାଙ୍କ ଜୀବନରେ କବିତା ରଚନା, ସାମ୍ବାଦିକତା ସହିତ ରାଜନୀତି ଏକ ନୂତନ ଦାୟିତ୍ୱ ଯୋଡ଼ି ହୋଇଗଲା । ସେହିଦିନରୁ ହିଁ ରାଜନୀତି କ୍ଷେତ୍ରରେ ଆରମ୍ଭ ହେଲା ଅଟଳଜୀଙ୍କ ସଂଘର୍ଷମୟ ରାଜନୈତି ଅଟଳ ଯାତ୍ରା ।

ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ବିରୋଧ ସତ୍ୱେ, ନେହରୁ ଚିଠା ପ୍ରଣୟନ କମିଟିର ଅନ୍ୟତମ ସଦସ୍ୟ ଗୋପାଳସ୍ୱାମୀ ଆୟାଙ୍ଗାରଙ୍କ ସହାୟତାରେ ଜାମ୍ମୁକାଶ୍ମୀରକୁ ଭାରତଠାରୁ ଅଲଗା ରଖିବା ଚକ୍ରାନ୍ତରେ ସମ୍ବିଧାନରେ ଜାମ୍ମୁକାଶ୍ମୀରକୁ ସ୍ୱତନ୍ତ୍ରତା ଦେବା ପାଇଁ ଧାରା-୩୭୦ ଯୋଡ଼ିଥିଲେ । ଯାହାଦ୍ୱାରା ଜାମ୍ମୁକାଶ୍ମୀର ପାଇଁ ସ୍ୱତନ୍ତ୍ର ସମ୍ବିଧାନ, ପ୍ରଧାନମନ୍ତ୍ରୀ, ପତାକା ସହିତ କେନ୍ଦ୍ର ସରକାରଙ୍କ ଭାରତୀୟ ସମ୍ବିଧାନ ପ୍ରବର୍ତ୍ତିତ ଆଇନ କାନୁନ୍ ମଧ୍ୟ ଜାମ୍ମୁକାଶ୍ମୀରରେ କାର୍ଯ୍ୟକାରୀ ହେଉ ନଥିଲା । **ଏପରିକି ଜାମ୍ମୁକାଶ୍ମୀରରେ ପ୍ରବେଶ କରିବାକୁ ହେଲେ ପରମିଟ ନେବାର ମଧ୍ୟ ବ୍ୟବସ୍ଥା ଥିଲା । ଏହା ବିରୋଧରେ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀ ସ୍ଲୋଗାନ ଦେଇଥିଲେ, 'ଏକ ଦେଶ୍‌ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା,ନେହିଁ ଚଲେଗା ।' ୧୯୫୩ରେ ସେ ବିନା ପରମିଟ୍‌ରେ କାଶ୍ମୀରରେ ପ୍ରବେଶ କରିଥିଲେ । ସେହି ଅପରାଧରେ ଡଃ ମୁଖାର୍ଜୀଙ୍କୁ ଗିରଫ କରି ଜେଲ୍‌ରେ ରଖାଗଲା ଏବଂ ଜେଲ୍‌ରେ ରହିବାର ୪୦ ଦିନରେ ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା ।** ତାଙ୍କ ବଳିଦାନ ପରେ ସଂଘରୁ ଆସିଥିବା ପ୍ରଥମ ପିଢ଼ିର ଏହି ୫ ଜଣ ନେତାଙ୍କ ଉପରେ ଭାରତୀୟ ଜନସଂଘର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ପଡିଥିଲା । ଏହି ୫ଜଣଙ୍କ ଭିତରୁ କେବଳ ଅଟଳ ଜୀ ନିର୍ବାଚିତ ରାଜନୀତିକୁ ଆସିଥିବାବେଳେ ଅନ୍ୟମାନେ ନିର୍ବାଚନଠାରୁ ପ୍ରାୟ ଦୂରେଇ ରହିଥିଲେ ।



**ଅଟଳଜୀ ୧୯୫୫ରେ ଏକ ଉପନିର୍ବାଚନରେ ହାରି ଯାଇଥିଲେ ମଧ୍ୟ ୧୯୫୭ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୭ ପରେ ୧୯୬୭, ୧୯୭୧, ୧୯୭୭, ୧୯୮୦, ୧୯୯୧, ୧୯୯୬, ୧୯୯୮, ୧୯୯୯ ଓ ୨୦୦୪- ଏହିପରି ମୋଟ ୧୦ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏହାଛଡା ୧୯୬୨ ଓ ୧୯୮୬ରେ ମଧ୍ୟ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ।** ତେଣୁ ଲୋକସଭାକୁ ୧୯୫୭ରେ ନିର୍ବାଚିତ ହେବା ପରଠାରୁ ୨୦୦୯ ପର୍ଯ୍ୟନ୍ତ ଦୀର୍ଘ ୫୨ ବର୍ଷ କାଳ ମଧ୍ୟରୁ ୧୯୮୪ ଡିସେମ୍ବରରୁ ୧୯୮୬ ମେ ଅର୍ଥାତ୍ ମାତ୍ର ଦେଢ଼ ବର୍ଷକୁ ଛାଡ଼ି ଦେଲେ ଅଟଳଜୀ ପ୍ରାୟ ୫୦ ବର୍ଷ ୬ ମାସ ଧରି ସଂସଦର କୌଣସି ନା କୌଣସି ସଦନର ସଦସ୍ୟ ରହିଥିଲେ । ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୦୫ରେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ । **ସେହିଭଳି ସେ ୧୯୯୬ରେ ୧୩ ଦିନ ପାଇଁ, ୧୯୯୮ରେ ୧୩ ମାସ ପାଇଁ ଓ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ନିରବଚ୍ଛିନ୍ନ ଭାବେ ନିଜ କାର୍ଯ୍ୟକାଳକୁ ସମ୍ପୂର୍ଣ୍ଣ କରିଥିବା ସେ ଥିଲେ ପ୍ରଥମ ଅଣ କଂଗ୍ରେସ ପ୍ରଧାନମନ୍ତ୍ରୀ ।**

ଜନତା ପାର୍ଟିରୁ ଅଲଗା ହୋଇ ଭାରତୀୟ ଜନସଂଘକୁ ପୁର୍ନଜୀବିତ କରି ଭାରତୀୟ ଜନତା ପାର୍ଟି ଗଢ଼ା ହୋଇଥିଲା । ୧୯୮୬ରେ ପଣ୍ଡିତ ଦୀନଦୟାଲଙ୍କ ରହସ୍ୟଜନକ ମୃତ୍ୟୁ ପରେ ୪ ବର୍ଷ ଧରି ଭାରତୀୟ ଜନସଂଘର ସେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିଲେ । ଭାରତୀୟ ଜନତା ପାର୍ଟିର ସେ ପ୍ରତିଷ୍ଠାତା ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଥିଲେ । ଅଟଳଜୀଙ୍କର ସ୍ଥିତପ୍ରଜ୍ଞ ବ୍ୟକ୍ତିତ୍ୱ ଓ ଲାଲକୃଷ୍ଣ ଆଡଓ୍ୱାନୀଙ୍କର ଉଗ୍ର ହିନ୍ଦୁ ଜାତୀୟବାଦୀ ନେତୃତ୍ୱ, ୧୯୮୪ରେ ମାତ୍ର ଦୁଇଟି ଆସନ ପାଇଥିବା ବିଜେପିକୁ ୧୯୯୬ରେ ଦେଶର ନେତୃତ୍ୱ ନେବାର ଗୌରବ ଆଣି ଦେଇଥିଲା । ବିଜେପି ଦେଶର ସର୍ବବୃହତ୍ ସଂଖ୍ୟାଗରିଷ୍ଠ ଦଳଭାବେ ଏକାଦଶତମ ଲୋକସଭାରେ ୨୬୧ ଆସନ ଲାଭ କରି ଅନ୍ୟାନ୍ୟ ସମଭାବାପନ୍ନ ଦଳମାନଙ୍କୁ ନେଇ ସରକାର ଗଢ଼ିଥିଲେ । କିନ୍ତୁ କଂଗ୍ରେସର ଚକ୍ରାନ୍ତରେ ତାଙ୍କ ସରକାର ମାତ୍ର ଗୋଟିଏ ଭୋଟରେ ହାରିଯିବାରୁ ସେ ଇସ୍ତଫା ଦେଇଥିଲେ । ସେ ଚାହିଁଥିଲେ ତାଙ୍କ ସରକାରକୁ କୌଣସି ପ୍ରକାରେ ବିଭିନ୍ନ ଦଳକୁ ପ୍ରଭାବିତ କରି ବଞ୍ଚାଇ ପାରିଥାନ୍ତେ, କିନ୍ତୁ ସେ ତାହା ନ କରି ଉଚ୍ଚ ରାଜନୈତିକ ମୂଲ୍ୟବୋଧକୁ ସମ୍ମାନ ଦେଇ ଇସ୍ତଫା ଦେଇଥିଲେ । କିନ୍ତୁ ତାଙ୍କର ଦୀର୍ଘ ଐତିହାସିକ ଭାଷଣରେ ସେ ଗଭୀର ଆତ୍ମବିଶ୍ୱାସ ସହିତ ପୁଣି କ୍ଷମତାକୁ ବିଜେପି ଫେରିବ ବୋଲି ସଂସଦରେ ଘୋଷଣା କରିଥିଲେ । ୧୯୯୯ରେ ମଧ୍ୟ ତାର ପୁନରାବୃତ୍ତି ହେଲା । ୧୯୯୮ରେ ଅଟଳ ଦ୍ୱିତୀୟଥର ପାଇଁ ଲୋକସଭାରେ ୧୮୨ ଆସନ ପାଇ ମିଳିତ ମନ୍ତ୍ରିମଣ୍ଡଳର ନେତୃତ୍ୱ ନେଇ ପ୍ରଧାନମନ୍ତ୍ରୀ ହେବାର ୧୩ ମାସ ପରେ ଏଆଇଏଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିବାରୁ ପୁଣି କଂଗ୍ରେସ ଅବିଶ୍ୱାସ ପ୍ରସ୍ତାବ ଆଣିଥିଲା ଏବଂ ମାତ୍ର ଗୋଟିଏ ଅନୈତିକ ଭୋଟ୍‌ରେ ତାଙ୍କ ସରକାରର ପତନ ଘଟିଲା । କଂଗ୍ରେସ ସମାନ ୧୮୨ ଆସନରେ ଜିତି ମଧ୍ୟ ସରକାର ଗଢ଼ିବାରୁ ଅସମର୍ଥ ହେବାରୁ ଅଟଳଜୀ କାମଚଳା ସରକାରର ନେତୃତ୍ୱ ନେଇ ୧୯୯୯ରେ ପୁଣି ସାଧାରଣ ନିର୍ବାଚନର ସମ୍ମୁଖୀନ ହେଲେ । କିନ୍ତୁ ଏହି ନିର୍ବାଚନରେ ୨୪ ଦଳକୁ ଏକାଠି କରି ଅଟଳଜୀଙ୍କ ଏନ୍‌ଡିଏ ୫୪୩ ଆସନରୁ ୩୦୩ ଆସନ ଲାଭ କରି ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ପୂର୍ଣ୍ଣକାଳ କ୍ଷମତାରେ ରହିଥିଲା ।

ଅଟଳଜୀ 'ଶକ୍ତି ସେ ଶାନ୍ତି' ବୋଲି କହୁଥିଲେ । ଅର୍ଥାତ୍ ଦେଶ ଶକ୍ତିଶାଳୀ ହେଲେ ତାହା ଉଭୟ ଆଭ୍ୟନ୍ତରୀଣ ଓ ଆର୍ନ୍ତଜାତିକ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ସହାୟକ ହୋଇପାରିବ । **୧୯୬୪ ଅକ୍ଟୋବର ୧୫ ତାରିଖରେ ଚୀନ୍ ଯେତେବେଳେ ୧୬ କିଲୋଟନ୍ ବିଶିଷ୍ଟ ଏକ ପରମାଣୁ ବୋମା ବିସ୍ଫୋରଣ କଲା, ସେତେବେଳେ ରାଜ୍ୟସଭା ସଦସ୍ୟ ଭାବେ ଅଟଳ ବିହାରୀ ବାଜପେୟୀ 'ଏକ ପରମାଣୁ ବୋମାର ଉତ୍ତର କେବଳ ଏକ ପରମାଣୁ ବୋମା' ବୋଲି କହିଥିଲେ । 'ଚୀନ୍‌ଠାରୁ ପରମାଣୁ ଆକ୍ରମଣର ଆଶଙ୍କା ରହିଛି । ତେଣୁ ଭାରତ ତୁରନ୍ତ ପରମାଣୁ ବୋମା ପ୍ରସ୍ତୁତ କରୁ' ବୋଲି ସେ ଦାବି କରିଥିଲେ ।** କିନ୍ତୁ ୧୯୭୪ ପର୍ଯ୍ୟନ୍ତ ଭାରତକୁ ପରମାଣୁ ବୋମା ବିସ୍ଫୋରଣ କରିବାକୁ ଅପେକ୍ଷା କରିବାକୁ ପଡ଼ିଥିଲା । ବାଜପେୟୀ ପ୍ରଧାନମନ୍ତ୍ରୀ ହେବା ପରେ ୧୯୯୬ରେ ସେ ପରମାଣୁ ବୋମା ପରୀକ୍ଷଣ ପାଇଁ ଚାହିଁଥିଲେ କିନ୍ତୁ ତାଙ୍କ ସରକାରର ଆକସ୍ମିକ ପତନ ହେବାରୁ ତାଙ୍କୁ ୧୯୯୮ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା । ମେ ୧୧ ତାରିଖରେ ରାଜସ୍ଥାନର ପୋଖରାନ ଠାରେ ଏକାବେଳେ ପାଞ୍ଚୋଟି ପରମାଣୁ ବୋମା ବିସ୍ଫୋରଣ କରି ଭାରତକୁ ଏକ ପରମାଣୁ ଶକ୍ତି ରୂପେ ପ୍ରତିଷ୍ଠା କରିଥିଲେ । ସ୍ପଷ୍ଟ ଭାବେ ସେତେବେଳେ ବାଜପେୟୀ କହିଥିଲେ, '୧୯୬୨ରେ ଆମ ପଡୋଶୀ ଆମ ଉପରେ ଆକ୍ରମଣ କରିଥିବାରୁ ତାକୁ ଜବାବ ଦେବା ପାଇଁ ଆମ ସୀମାନ୍ତରେ ଆମେ ପରମାଣୁ ବୋମା ମୁତୟନ କରିବୁ, ଆମ ସୀମାନ୍ତର ସୁରକ୍ଷା ଓ ଆମ ଭିତରେ ଥିବା ଅବିଶ୍ୱାସ ଯୋଗୁଁ ଏହା ଆମକୁ କରିବାକୁ ହେବ ।' ସେତେବେଳେ କଂଗ୍ରେସ ଓ ବାମପନ୍ଥୀ ଦଳମାନେ ଏହାକୁ ସମାଲୋଚନା କରିଥିଲେ ।

ଅଟଳଜୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଚାରି ପ୍ରମୁଖ ମହାନଗରୀ ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇକୁ ସଂଯୁକ୍ତ କରି ସ୍ୱର୍ଣ୍ଣ ଚର୍ତୁଭୁଜ ଜାତୀୟ ରାଜପଥ, ଦିଲ୍ଲୀ ମେଟ୍ରୋ ସଂପ୍ରସାରଣ ପ୍ରୋଜେକ୍ଟ, ଲୁକ୍ ଇଷ୍ଟ ନୀତି ଜରିଆରେ ଅବହେଳିତ ଉତ୍ତର ପୂର୍ବ ରାଜ୍ୟ ସମୂହର ବିକାଶ ପାଇଁ ବ୍ୟାପକ ଯୋଜନା, ଚନ୍ଦ୍ରାୟନ ପ୍ରକଳ୍ପର ଶୁଭାରମ୍ଭ, ନୂଆ ଟେଲିକମ୍ ପଲିସି ସହିତ ଟେଲିକମ୍ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କ ପ୍ରବର୍ତ୍ତିତ 'ସର୍ବଶିକ୍ଷା ଅଭିଯାନ' ଭାରତ ବର୍ଷରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିପାରିଛି । ଏହାଦ୍ୱାରା ୬ରୁ ୧୪ ବର୍ଷର ପିଲାମାନଙ୍କ ପାଇଁ ନୂଆ ଶିକ୍ଷା ଭିତ୍ତିଭୂମି ଗଢ଼ି ଉଠିଛି । ମହିଳାମାନଙ୍କ ବିକାଶ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍.ଏଚ୍.ଜି ଗ୍ରୁପ ଗଠନ ଓ ତାଙ୍କୁ ଆର୍ଥିକ ସହାୟତା ଦେଶରେ ମହିଳାଙ୍କ ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ । ସେହିଭଳି ପଡୋଶୀ ପାକିସ୍ତାନ ସହିତ ସମ୍ପର୍କର ଉନ୍ନତି ପାଇଁ ତାଙ୍କର ଲାହୋର ବସ୍‌ଯାତ୍ରା ଓ ଦିଲ୍ଲୀ ଲାହୋର ବସ୍ ସେବା, ଲାହୋର ଘୋଷଣାନାମା, ଚୀନ ସମେତ ଆମେରିକା, ଜାପାନ ଓ ବିଭିନ୍ନ ଇଉରୋପୀୟ ରାଷ୍ଟ୍ରମାନଙ୍କ ସହ ବୁଝାମଣା ଉଲ୍ଲେଖନୀୟ । ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ୨୦୦୦ ମାର୍ଚ୍ଚରେ ଦିଲ୍ଲୀ ଗସ୍ତ ଆମେରିକା ସହିତ ଆମ ସମ୍ପର୍କକୁ ଏକ ନୂଆ ମୋଡ଼ ଦେଇଥିଲା । ଏଠାରେ ପ୍ରକାଶ କରାଯାଇ ପାରେ ଯେ ଅଟଳଜୀ ଜନତା ପାର୍ଟି ସରକାରରେ ବୈଦେଶିକ ମନ୍ତ୍ରୀ ଥିବାବେଳେ ୧୯୭୮ରେ ଆମେରିକା ରାଷ୍ଟ୍ରପତି ଜିମି କାର୍ଟର ଭାରତଗସ୍ତ କରିଥିଲେ । ତାର ଦୀର୍ଘ ୨୨ ବର୍ଷ ପରେ ସେ ପ୍ରଧାନମନ୍ତ୍ରୀ ଥିବାବେଳ ବିଲ୍ କ୍ଲିଣ୍ଟନଙ୍କ ଭାରତ ଗସ୍ତ ସମ୍ଭବ ହୋଇଥିଲା । ସେ ନିଜେ ୨୦୦୦ ସେପ୍ଟେମ୍ବରରେ ଆମେରିକା ଗସ୍ତ କରିଥିଲେ । ଏହି ସମୟରେ ଭାରତ ଆମେରିକା ଭିତରେ ବ୍ୟବସାୟ ଠାରୁ ପ୍ରତିରକ୍ଷା ପର୍ଯ୍ୟନ୍ତ ବିଭିନ୍ନ କଥାକୁ ନେଇ ଷ୍ଟ୍ରେଟେଜିକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ ହୋଇଥିଲା ।

ଅଟଳଜୀଙ୍କ ସମୟରେ ଭାରତର ଆର୍ଥିକ ସ୍ଥିତି ସର୍ବୋତ୍ତମ ଥିଲା । ବିଭିନ୍ନ ଶିଳ୍ପର ସେ ଘରୋଇକରଣ କରିଥିଲେ । ଜିଡିପି ହାର ୮ ପ୍ରତିଶତରୁ ଅଧିକ ଥିଲାବେଳେ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ଥିଲା । ତାଙ୍କରି ସମୟରେ ହିଁ ଭାରତର ବୈଦେଶିକ ମୁଦ୍ରା ରିଜର୍ଭ ୧୦୦ ବିଲିଅନ ଆମେରିକୀୟ ଡ଼ଲାରର ଉର୍ଦ୍ଧ୍ୱକୁ ଯାଇଥିଲା ।

ଅଟଳଜୀଙ୍କ ସମସ୍ତ ପ୍ରଚେଷ୍ଟା ସତ୍ୱେ ଭାରତ- ପାକିସ୍ତାନ ସମ୍ପର୍କରେ ଉନ୍ନତି ଆଶା କରା ଯାଉଥିବାବେଳେ ନଓ୍ୱାଜ ସରିଫଙ୍କ ପତନ ପରେ ପରଭେଜ ମୁସାରଫ ଭାରତ ବିରୋଧରେ କାରଗିଲ ଯୁଦ୍ଧ କରିଥିଲେ । କିନ୍ତୁ ଭାରତ ଏହି ଯୁଦ୍ଧରେ 'ଅପରେସନ ବିଜୟ' ମାଧ୍ୟମରେ ଜିତିଥିଲା । ତାଙ୍କରି ଭାଷାରେ ତାଙ୍କ ଜୀବନ ଥିଲା- **'ହାର ନେହିଁ ମାନୁଙ୍ଗା, ରାର ନେହିଁ ଠାନୁଙ୍ଗା, କାଲ୍‌କି କପାଲ ପର ଲିଖତା ହୁଁ, ମିଟାତା ହୁଁ, ଗୀତ ନୟା ଗାତା ହୁଁ....'** । ଅଟଳଜୀଙ୍କ ଆଦର୍ଶ , ସତ୍ୟନିଷ୍ଠତା, ନିର୍ମଳ ଚରିତ୍ର, ସମ୍ବିଧାନ ପ୍ରତି ଅଟଳ ସମ୍ମାନ, ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କ ପ୍ରତି କେନ୍ଦ୍ରର ଦୃଷ୍ଟିକୋଣ, ଦେଶର ସାମୂହିକ ବିକାଶ ପାଇଁ ସ୍ୱପ୍ନ, ସଂକଳ୍ପ ଓ ତାର ସଫଳ ରୂପାୟନ ତାଙ୍କୁ ଜଣେ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀର ଆସନ ଦେଇଥିଲା ।

**ମୋ- ୯୫୫୭୧୨୦୨୨୫**
**(ଲେଖକ ଜଣେ ପୂର୍ବତନ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ, ଉଚ୍ଚଶିକ୍ଷା ଉପନିର୍ଦ୍ଦେଶକ ଏବଂ ବିଶିଷ୍ଟ ନାଟ୍ୟକାର)**

# ମୋବାଇଲରେ ପାଠ ପଢ଼ା ପ୍ରସଙ୍ଗ

## ଗିରିଧାରୀ ସାମଲ

ମୋବାଇଲ ଆଁରେ ପୁରା ଶୈଶବଦ୍ଧା । ଖେଳକୁଦ, ଗୀତନାଚ, ଆଈମାଆ କାହାଣୀ, ଅଜାଙ୍କ ସହ ବଜାରବୁଲା ଆଦି ସବୁ କିଛି ଏବେ କେବଳ ବହିର ପୃଷ୍ଠା ପାଲଟିଛି । ବାସ୍ତବ ଜୀବନରେ ତ ସେ ସବୁର ସ୍ଥାନ ମୋବାଇଲ ଫୋନ ନେଇସାରିଛି । ବିଶେଷକରି କୋଭିଡ଼ ମହାମାରୀ ପରଠାରୁ ପାଠପଢ଼ାରେ ମୋବାଇଲକୁ ଯୋଡ଼ାଯିବା ପରେ ଏହି ସମସ୍ୟା ଅଧିକ ବୃଦ୍ଧି ପାଇଛି । ଅନ୍‌ଲାଇନ କ୍ଲାସ, ଅନ୍‌ଲାଇନ ଟ୍ୟୁସନ, ହ୍ୱାଟସଆପରେ ହୋମଓ୍ୱାର୍କ ଯୋଗୁଁ ପିଲାମାନେ ମୋବାଇଲକୁ ଧରିବାକୁ ବାଧ୍ୟ ହେଉଛନ୍ତି । ଏଭଳି ପରିସ୍ଥିତିରେ ଅଭିଭାବକ ଚାହିଁଲେ ମଧ୍ୟ ନିଜ ପିଲାକୁ ମୋବାଇଲଠୁଁ ଦୂରରେ ରଖି ପାରୁନାହାନ୍ତି ।

ଚଳିତ ମାସ ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୧୨ ବର୍ଷ ବୟସ ଭିତରେ ପିଲାଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦେଲେ ଶିଶୁ ଭିତରେ ମୁଣ୍ଡ ବିନ୍ଧା, ନିଦ୍ରାହୀନତା, ଦୃଷ୍ଟିହୀନତା, ମାନସିକ ଅସ୍ଥିରତା ପରି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ସେହିପରି ଚଳିତ ବର୍ଷ ଜୁଲାଇ ମାସରେ 'ଜର୍ଣ୍ଣାଲ ଅଫ ଦି ହ୍ୟୁମାନ ଡେଭଲପମେଣ୍ଟ ଆଣ୍ଡ କାପାବିଲିଟିଜ'ରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ପିଲାମାନଙ୍କୁ ୧୩ ବର୍ଷ ବୟସ ପୂର୍ବରୁ ସ୍ମାର୍ଟଫୋନ ଦେବା ଅନୁଚିତ । ଏହା ମାନସିକ ରୋଗର କାରଣ ହୋଇପାରେ । ଏହା ପିଲା ଭିତରେ ଜୀବନ ହାରିବା ଭଳି ମାନସିକତା ବି ସୃଷ୍ଟି କରିପାରେ ।

ପିଲାମାନଙ୍କୁ ମୋବାଇଲ ଜରିଆରେ କ୍ଲାସ ଓ୍ୱାର୍କ ପଠାଇବା, ହୋମଓ୍ୱାର୍କ ଦେବା ଆଦିରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିରତ ରହିବା ଉଚିତ । କରୋନା ପୂର୍ବରୁ ପିଲାଏ ପାଠପଢ଼ା କ୍ଷେତ୍ରରେ ମୋବାଇଲ ଉପରେ ନିର୍ଭର କରୁନଥିଲେ । ସେତେବେଳେ କ'ଣ ସେମାନେ ପାଠ ପଢୁନଥିଲେ ? ନା ସେତେବେଳେ ପିଲା କେହି ଡାକ୍ତର, ଇଞ୍ଜିନିୟର ହେଉ ନଥିଲେ? ଏବେ କିଛି ବର୍ଷ ହେଲା ପିଲାମାନଙ୍କୁ ପାଠ ପଢ଼ିବାକୁ କହିଲେ ସେମାନେ ଆଗ ମୋବାଇଲ ମାଗୁଛନ୍ତି । କାହିଁକି ନା, ସେମାନଙ୍କର ଅଧା ପାଠ ରହୁଛି ହ୍ୱାଟସଆପ ଗ୍ରୁପରେ । ମୋବାଇର କୁପରିଣାମ ଜାଣିବା ପରେ ବି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାରଣ କରିପାରୁନାହାନ୍ତି । ବାରଣ କଲେ ପଢ଼ାରେ କ୍ଷତି ହେବା ଭୟ ରହୁଛି । ବିଚରା ଅଭିଭାବକମାନେ କ'ଣ କରିବେ?

ଆଜିକାଲି ସବୁ ପିଲା ମୋବାଇଲ ଧରୁଛନ୍ତି । ଟିକେ ଧନୀ ଘର ହେଲେ ତ ପିଲାଙ୍କୁ ବ୍ୟକ୍ତିଗତ ଫୋନ ଦିଆଯାଉଛି । ଏହା ଅବାଟକୁ ଯିବା ପାଇଁ ବାଟ ଖୋଲି ଦେଉଛି । ସେଥିପାଇଁ ତ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ମୋବାଇଲ ବ୍ୟାନ କରିଦେଲା । ରାଜସ୍ଥାନରେ ମଧ୍ୟ ପିଲାମାନଙ୍କୁ କ୍ୟାମେରା ଥିବା ମୋବାଇଲ ଦିଆଯାଉ ନଥିବା ଜଣାଯାଇଛି । ଏବେ ପିଲାମାନେ ମୋବାଇଲ ସହ ଏତେ ଅଭ୍ୟସ୍ତ ଯେ ବାପାମାଆ କହିଲେ ବି ସେମାନେ ଛାଡ଼ିବେନି । ଆମେ ସେମାନଙ୍କ ହାତରୁ ସିଧା ମୋବାଇଲ ଛଡ଼ାଇ ନେଇପାରିବା ନାହିଁ । ହେଲେ ସେମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖିବା ଲାଗି ବିଭିନ୍ନ ବାଟ ଅଛି । ଅଭିଭାବକମାନଙ୍କ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସଫ୍ଟୱେର ଅଛି । ସେମାନେ ସେହି ସଫ୍ଟୱେର ଜରିଆରେ ପିଲାଙ୍କ ଉପରେ ନଜର ରଖିପାରିବେ । ପିଲାଙ୍କ ମୋବାଇଲରେ ନିଜ ମେଲ ଆଇଡି ଦେଲେ ସେମାନଙ୍କ ସର୍ଚ୍ଚ ହିଷ୍ଟ୍ରି ଆପଣ ଦେଖିପାରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଲିଗ୍ରାମ ଓ ସ୍ନାପଚାଟ କିମ୍ବା କିଛି ଗେମ ଆପ ଦେଖିଲେ ତୁରନ୍ତ ତାହାକୁ ହଟାଇଦେବେ । ଏଗୁଡ଼ିକ ସବୁ ଏକ ପ୍ରକାରର ନିଶା । ପିଲା ଏହା କବଳରେ ପଡ଼ିଗଲେ ମୁକୁଳିବା ମୁସ୍କିଲ । ପୁଣି ବହୁ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ବି ସହୁଛନ୍ତି । ବିଭିନ୍ନ ପ୍ରକାର ଅନ୍‌ଲାଇନ ଗେମ କେବଳ ଟଙ୍କା ଶୋଷିବାକୁ ଅଛି । ପିଲା ଥରେ ଗେମ ନିଶାରେ ପଡ଼ିଗଲେ ଆପ ଯେତେଥର ଟଙ୍କା ମାଗିବ ସେମାନେ ଖେଳ ଆଶାରେ ସେତେଥର ନିଜ ବାପାମାଆଙ୍କ ୟୁପିଆଇରୁ ଟଙ୍କା ଦେଇଚାଲିବେ। ବିଭିନ୍ନ ଆପରେ ତ ଅଟୋ ପେ ସେଟିଂ ରହିଛି। ଥରେ ଲଗ୍‌ଇନ୍ କଲେ, ନିର୍ଦ୍ଦିଷ୍ଟ ସମୟରେ ଟଙ୍କା କଟି ଚାଲିବ । ସେଥିପାଇଁ ପିଲାଙ୍କର ନିଶା ହେବା ପୂର୍ବରୁ ଅଭିଭାବକ ତାହାକୁ ରୋକିବା ଜରୁରୀ । ପିଲାଙ୍କ ପାଇଁ ମୋବାଇଲ ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନର ଭଣ୍ଡାର ପାଲଟିଛି ଏହାକୁ କେହି ଅସ୍ୱୀକାର କରିବେ ନାହିଁ କିନ୍ତୁ ଏଥିରେ ନିୟନ୍ତ୍ରଣ ରହିବା ଜରୁରୀ ।

**ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଣେଶ...

ଅଧିକାରୀମାନେ କହିଛନ୍ତି ଯେ, ଗଣେଶ ଉଇକେ ଦେଶର ସବୁଠାରୁ ମୋଷ୍ଟ ୱାଣ୍ଟେଡ୍ ମାଓ ନେତାମାନଙ୍କ ମଧ୍ୟରୁ ଜଣେ । ୨୦୧୩ ଝିରମ୍ ଉପତ୍ୟକା ହତ୍ୟାକାଣ୍ଡ ବ୍ୟତୀତ, ସେ ବିଭିନ୍ନ ରାଜ୍ୟରେ ଅନେକ ହାଇପ୍ରୋଫାଇଲ୍ ମାଓ ଆକ୍ରମଣରେ ସାମିଲ ଥିଲା । ଏହି ଏନକାଉଣ୍ଟରରେ ସୁରକ୍ଷା ବାହିନୀଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି । ପଡୋଶୀ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀ ଓଡ଼ିଶା ଡିଜିପି ଓାଇ ବି ଖୁରାନାଙ୍କ ନିକଟରେ ଆତ୍ମସମର୍ପଣ କରିବାର ଗୋଟିଏ ଦିନ ପରେ ଏହି ଏନକାଉଣ୍ଟର ଘଟିଛି ।

ଗଣେଶ ଉଇକେ : ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲାର ମୂଳ ବାସିନ୍ଦା ପ୍ରାୟ ଚାରି ଦଶନ୍ଧି ଧରି ମାଓ ଆନ୍ଦୋଳନରେ ସକ୍ରିୟ ଥିଲା । ସେ ପକ୍କା ହନୁମନ୍ତୁ, ରାଜେଶ ତିଓ୍ୱାରୀ ଏବଂ ରୂପା ଭଳି ଅନେକ ନାମରେ ଜଣାଶୁଣା । ସେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ନେତୃତ୍ୱ ନେଉଥିଲେ ଏବଂ କେନ୍ଦ୍ରୀୟ ମିଲିଟାରୀ ୟୁନିଟ୍ ଗୁଡ଼ିକ ମଧ୍ୟରେ ମୁଖ୍ୟ ସଂଯୋଗକାରୀ ଥିଲେ । କିଛି ବର୍ଷ ପୂର୍ବେ ତାଙ୍କୁ ନିଷିଦ୍ଧ ସଂଗଠନର କେନ୍ଦ୍ରୀୟ କମିଟିରେ ସାମିଲ କରାଯାଇଥିଲା । ସେ ଗତ ତିନି ବର୍ଷ ଧରି ଓଡ଼ିଶାର କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ । ସେ ଗରିଲା କାର୍ଯ୍ୟକଳାପର ସମନ୍ୱୟ କରୁଥିଲେ ଏବଂ ମାଓ ନେଟୱାର୍କକୁ ମଜବୁତ କରୁଥିଲେ । ଝିରମ୍ ଉପତ୍ୟକା ହତ୍ୟାକାଣ୍ଡ ସାମିଲ ଥିଲେ

୨୦୧୩ ମଇ ୨୫ ତାରିଖରେ ଛତିଶଗଡ଼ର ବସ୍ତର ଜିଲ୍ଲାରେ ଘଟିଥିବା ଝିରମ ଘାଟି ହତ୍ୟାକାଣ୍ଡକୁ ଭାରତର ସବୁଠାରୁ ଭୟଙ୍କର ମାଓ ଆକ୍ରମଣ ବୋଲି ବିବେଚନା କରାଯାଏ । ଏହି ଆକ୍ରମଣରେ ନକ୍ସଲମାନେ କଂଗ୍ରେସ ଦଳର ପରିବର୍ତ୍ତନ ଯାତ୍ରା ଅଭିଯାନ ଦଳ ଉପରେ ଆକ୍ରମଣ କରିଥିଲେ ଏବଂ ରାଜ୍ୟର ଶୀର୍ଷ ନେତୃତ୍ୱକୁ ପ୍ରାୟତଃ ନିଶ୍ଚିହ୍ନ କରିଦେଇଥିଲେ ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ ଓଡ଼ିଶାର କନ୍ଧମାଳରେ ଏକ ବଡ଼ ଅପରେସନରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ଛଅ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏହି ବଡ଼ ସଫଳତା ସହିତ ଓଡ଼ିଶା ସମ୍ପୂର୍ଣ୍ଣ ମାଓବାଦ ମୁକ୍ତ ହେବା ଦ୍ୱାରରେ ପହଞ୍ଚିଛି । ଆମେ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ମାଓବାଦକୁ ମୂଳପୋଛ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ଏକ୍ସରେ କହିଛନ୍ତି,ମାଓମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କନ୍ଧମାଳ ଜିଲ୍ଲାରେ ଚାଲୁଥିବା ମିଳିତ ଅପରେସନରେ ନିଷିଦ୍ଧ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ଆମର ସାହସୀ ସୁରକ୍ଷାକର୍ମୀଙ୍କ ଅଦମ୍ୟ ସାହସ ଓ ସଠିକ ସମନ୍ୱୟ ପାଇଁ ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓଡ଼ିଶାକୁ ମାଓବାଦ ମୁକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି । ଆମ ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ମାଓମୁକ୍ତ କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ । ରାଜ୍ୟର ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା । କେବଳ ଶାନ୍ତି ଏବଂ ପ୍ରଗତି ହିଁ ଆମ ରାଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

ମାଓମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କନ୍ଧମାଳ ଜିଲ୍ଲାରେ ଚାଲୁଥିବା ମିଳିତ ଅପରେସନରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ ସମେତ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ଆମର ସାହସୀ ସୁରକ୍ଷାକର୍ମୀଙ୍କ ଅଦମ୍ୟ ସାହସ ଓ ସଠିକ ସମନ୍ୱୟ ପାଇଁ ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । ଓଡ଼ିଶା ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଗଞ୍ଜାମ ଜିଲ୍ଲାର ସୀମାରେ ଏକ ବଡ଼ ମାଓ ବିରୋଧୀ ମିଳିତ ଅଭିଯାନ ଚାଲିଛି । ଗୁରୁବାର ସକାଳେ,ଓଡ଼ିଶା ପୁଲିସ ଏବଂ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛନ୍ତି । କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଉଇକେଙ୍କ ସମେତ ଚାରି ମାଓବାଦୀଙ୍କୁ ନିପାତ କରିଛନ୍ତି । ଗଣେଶ ଓଡ଼ିଶାର ସମସ୍ତ ମାଓ ଅଭିଯାନର ମୁଖ୍ୟ ଥିଲା । ମାଓ ଆତଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି । ଏହା ରାଜ୍ୟରେ ମାଓବାଦୀଙ୍କ ସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ ।

## ଜନସେବା...

ଦାର୍ଶନିକ । ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର । ରାଜନୀତିକୁ କେବେ ହେଲେ ସେ ଏକ ପେସା ଭାବେ ଗ୍ରହଣ କରିନଥିଲେ । ଜନସେବା ଏବଂ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରି ସାମାଜିକ ଜୀବନରେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ।

ଶାସକ ପକ୍ଷ ହେଉ ଅଥବା ବିରୋଧୀ ପକ୍ଷ ରାଷ୍ଟ୍ରହିତକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ । ଦେଶର ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ରହିଛି । ସ୍ୱର୍ଣ୍ଣଚତୁର୍ଭୂଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ, ବିତ୍ତୀୟ ଅନୁଶାସନ ପାଇଁ ଏଫ୍‌ଆର୍‌ବିଏମ୍ ଆକ୍ଟ ପ୍ରଣୟନ ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱର୍ଗତ ବାଜପେୟୀଙ୍କ ପରିକଳ୍ପିତ । ବାଜପେୟୀଜୀଙ୍କ ଏହି ସବୁ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ଯୋଗୁ ତାଙ୍କ ପ୍ରତି ସମ୍ମାନ ଜଣାଇ ତାଙ୍କ ଜୟନ୍ତୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଶାସନ ଦିବସ ଭାବେ ଉତ୍ସର୍ଗ କରିଛନ୍ତି ।

ଓଡିଶା ପ୍ରତି ସ୍ୱର୍ଗତ ବାଜପେୟୀଙ୍କ ପ୍ରମୁଖ ଅବଦାନ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଟଳଜୀଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏଆଇଆଇଏମ୍‌ଏସ୍ ଖୋଲାଯାଇଥିଲା । ୧୯୯୯ ମହାବାତ୍ୟା ସମୟରେ ଓଡିଶାର ବନ୍ଧୁ ସାଜି ଉଦ୍ଧାର, ରିଲିଫ୍, ପୂନଃ ଥଇଥାନ ଓ ପୁନଃନିର୍ମାଣର ମହାନାୟକ ସାଜିଥିଲେ ଅଟଳଜୀ । ଓଡିଶାରେ ପ୍ରତିଷ୍ଠା ପାଇଥିବା ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପ ମାନଙ୍କରେ ଅଟଳଜୀଙ୍କ ସ୍ୱାକ୍ଷର ରହିଛି ।

ସେ ପୁଣି କହିଥିଲେ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶ ସହିତ ଦେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ଦେଶକୁ ନୂଆ ଭାରତର ଏକ ସଞ୍ଜ୍ଞା ଦେଇଛନ୍ତି ।

ମୋଦୀଜୀଙ୍କ ସୁଶାସନର ମନ୍ତ୍ର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍'କୁ ପାଥେୟ କରି ସମାଜର ଚାରି ବର୍ଗ- ମହିଳା, ଗରୀବ, ଯୁବ ଓ ଅନ୍ନଦାତାଙ୍କ ସର୍ବାଙ୍ଗିନ ବିକାଶ ପାଇଁ ଆମ ସରକାର ନିରନ୍ତର କାର୍ଯ୍ୟରତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମୁଖମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । ବିଭାଗ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏମ୍ସ ପରିସରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ସୀମିତ ସମୟ ପାଇଁ ରହିଥିଲେ ମଧ ତାଙ୍କ କାର୍ଯ୍ୟ ପ୍ରଣାଳୀ ଯୋଗୁ ଆମେ ଆଜି ସୁଖଦ ଅନୁଭବ କରୁଛୁ । ବାଜପେୟୀଙ୍କ କୀର୍ତ୍ତି ଓ କୃତୀକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ ।

ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ସୁଶାସନର ପରିଭାଷା । ଅଭିବୃଦ୍ଧି ହାର ବଢାଇବା ପାଇଁ ସୁଶାସନ ନିହାତି ଆବଶ୍ୟକ ବୋଲି ସେ କହିଥିଲେ । ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ତଥା ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ କହିଥିଲେ ଯେ, ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ କରିବାରେ ସ୍ୱର୍ଗତ ବାଜପେୟୀଙ୍କ ବଳିଷ୍ଠ ଭୂମିକା ରହିଥିଲା ।

କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ସୁଶାସନ ଦିବସ ପାଳନ ଆମକୁ ସ୍ମରଣ କରାଇ ଦେଇଥାଏ ଯେ, ସରକାରୀ ସେବାକୁ ଆମକୁ ଆହୁରି ଅଧିକ ଜନାଭିମୁଖୀ କରିବାକୁ ପଡିବ । ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିବ୍ୟାଙ୍ଗ...

ସାଙ୍ଗକୁ ପରିବହନ ବାଧାପ୍ରାପ୍ତ ହୋଇଥିଲା ।

ଭଦ୍ରକ ଚାନ୍ଦବାଲି ରାସ୍ତାରେ ଯାତ୍ରୀ ବାହି ବସ ଗୁଡ଼ିକ ଗଦି ଛକ ଠାରୁ ଭଦ୍ରକକୁ ଯିବା ଆସିବା କରିବା ଦେଖିବାକୁ ମିଳିଥିଲା । ଗୁରୁବାର ସରକାରୀ ଛୁଟି ଥିବାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିଥିଲା । ବ୍ଲକର ଖେରଙ୍ଗ, ଦିଗ ଛିଆ, ମତୋ ସାଙ୍ଗକୁ ସଦର ଚାନ୍ଦବାଲି ରେ ନେତା ଓ କର୍ମୀମାନେ ଏହି ବନ୍ଦରେ ସାମିଲ ହୋଇ ବନ୍ଦ ପାଳନ କରିଥିଲେ । ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରି ଥିଲେ । ଖେରଙ୍ଗ ଠାରେ ସରପଞ୍ଚ ଜିତେନ୍ଦ୍ର ବିଶାଳ ଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ବେଳେ ଦିଗ ଛିଆ ଠାରେ ବ୍ଲକ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା । ଚାନ୍ଦବାଲି ବିଜେଡି କାର୍ଯ୍ୟାଳୟ ଠାରେ ବିଧାୟକ ଡ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବ୍ଲକ ଅଧକ୍ଷା ମିନତି ସୁତାର, ଏନ ଏ ସି ଅଧକ୍ଷା ଶାନ୍ତିଲତା ସେଠୀ, ବରିଷ୍ଠ ନେତା ବିଶ କେଶରୀ ମହାନ୍ତି, ର୍ନିବାଚନ ମଣ୍ଡଳୀରେ ଯୁବ ସଭାପତି ପ୍ରଭାସ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । କଂଗ୍ରେସ ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡା ଙ୍କ ନେତୃତ୍ୱରେ କର୍ମୀ ମାନେ ଏକ ବାଇକ ଶୋଭାଯାତ୍ରାରେ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହ ବନ୍ଦ ପାଳନ ରେ ସାମିଲ ହୋଇଥିଲେ । ସେହି ପରି ମିଳିତ ବାମ ଦଳ,(ସି ପି ଆଇ, ସି ପି ଏମ ) ତରଫରୁ ଏନ ଏ ସି ର ମଧୁ ବାବୁ ଛକ ଠାରେ କର୍ମୀ ମାନେ ରାସ୍ତା ଅବରୋଧ କରିବା ସହିତ ବନ୍ଦରେ ସାମିଲ ହୋଇଥିଲେ । ସି ପି ଆଇ (ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଜେନା, ସଭ୍ୟ ମଳୟ ଭୋଇ, ତିହିଡି ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାସ, କୃଷକ ସଭା ସମ୍ପାଦକ ଅଶୋକ ବେହେରା, ମହିଳା ସଭା ନେତ୍ରୀ ମଧୁସ୍ମିତା ପାକଳ, ଙ୍କ ସମେତ ଶତାଧିକ କମ୍ରେଡ ଏହି ବନ୍ଦରେ ସାମିଲ ହୋଇଥିଲେ । ସମସ୍ତେ ଉକ୍ତ ଘଟଣା କୁ ନିନ୍ଦା କରିବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରିଥିଲେ ।ପୀଡ଼ିତା ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବା ସହିତ ଦୋଷୀକୁ କଠୋର ଦଣ୍ଡ ଦେବା ସହିତ ତ୍ୱରିତ ବିଚାର ଉପରେ ଜୋର ଦେଇଥିଲେ ।ଉକ୍ତ ଘଟଣା ଚାନ୍ଦବାଲି ଛବିକୁ ରାଜ୍ୟରେ ମଳିନ କରିଥିବାରୁ ସେମାନେ ଉଦବେଗ ପ୍ରକାଶ କରିଥିଲେ । ବନ୍ଦ ପାଳନ ବେଳେ ଶାନ୍ତି ଶୃଙ୍ଖଳା କରିବାକୁ ପୁଲିସ ତରଫରୁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଥିଲା । ଏସ ଡି ପି ଓ ତ୍ରିଲୋଚନ ସେଠୀ ଙ୍କ ନେତୃତ୍ୱରେ ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତି, ବଂ ।ଶଡ । ଥାନା ଅଧିକାରୀ ମହମ୍ମଦ ହାଫିଜ, ତିହିଡି ଥାନା ଅଧିକାରୀ ସତ୍ୟବ୍ରତ ଗୁହା ଚାର୍ଯ୍ୟ, ପିର ହାଟ ଥାନା ଅଧିକାରୀ ରୋଜାଲିନ ବେହେରା, ଧାମରା ସାମୁଦ୍ରିକ ଥାନା ଅଧିକାରୀ ପ୍ରିୟଦର୍ସନି ଖଟୁଆ, ମତୋ ଫାଣ୍ଡି ଅଧିକାରୀ ସତୀଶ ଚନ୍ଦ୍ର ଗୋଛିଙ୍କ ସମେତ ଚାରି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

## ଆଜି...

ସେ ନିର୍ବାହ କରୁଛନ୍ତି । ବିଜେଡି କ୍ଷମତାରୁ ଯିବାପରେ ଏବେ ଏକ ଉତ୍ତରାଧିକାରୀ ଚର୍ଚ୍ଚା ରାଜନୈତିକ ମହଲରେ ଜୋର ଧରିଛି । ନବୀନ ବାବୁଙ୍କ ଉତ୍ତରାଧିକାରୀ କିଏ ହେବ ଏହାକୁ ନେଇ ଦଳ ଭିତରେ ଅନେକ ଗୁଞ୍ଜରଣ ସୃଷ୍ଟି ହୋଇଛି । କ୍ଷମତାରୁ ଯିବାପରେ ବି ଦଳ ଭିତରେ ଏବେ ଭିନ୍ନ ମତ ଦେଖିବାକୁ ମିଳୁଛି । ବଳିଷ୍ଠ ନେତାମାନେ ଏକ ପୃଥକ୍ ଗୋଷ୍ଠୀ କରି ଏକାଠି ହେଉଥିବାବେଳେ ଯୁବନେତାମାନେ ଅଲଗା ଗୋଷ୍ଠୀ କରି ଭୋଜିଭାତ କରୁଛନ୍ତି । ଏହି ଯୁବଗୋଷ୍ଠୀ ମଧ୍ୟରେ ଥିବା ଅଧିକାଂଶ ନେତା ହେଉଛନ୍ତି ଅଣକଂଗ୍ରେସ ରାଜନୀତିର ବହୁ ପ୍ରତିଷ୍ଠିତ ରାଜନେତାଙ୍କର ପୁଅ । ସେମାନଙ୍କ ମଧ୍ୟରୁ କେତେକ ଏବେ ବିଧାୟକ ଥିବାବେଳେ ୨୦୨୪ରେ ଆଉକେତେକ ହାରି ଯାଇଛନ୍ତି । ତେବେ ବଡ ପ୍ରଶ୍ନ ଉଠୁଛି ନବୀନଙ୍କ ଉତ୍ତରାଧିକାରୀକୁ ନେଇ । ତେବେ ନବୀନ ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଉତ୍ତରାଧିକାରୀ ରାଜ୍ୟବାସୀ ବାଛିବେ । ଏ ପ୍ରସଙ୍ଗରେ ସିଏ ମୁହଁ ଖୋଲୁ ନଥିବାବେଳେ ଦଳର କିଛି ନେତା ଅନ୍ୟ କାହାକୁ ନେଇ ଆଶଙ୍କା କରି ପରିସ୍ଥିତିକୁ ଗୋଳିଆ ମୋଳିଆ କରୁଛନ୍ତି । ତେବେ ଏହା ସ୍ପଷ୍ଟ ଯେ ନବୀନଙ୍କ ନେତୃତ୍ୱକୁ ନେଇ କେହି ପ୍ରଶ୍ନ ଉଠାଉନାହାନ୍ତି । ସେ ବରିଷ୍ଠ ହୁଅନ୍ତୁ କି ଯୁବଗୋଷ୍ଠୀ କି ମହିଳା । ସମସ୍ତଙ୍କର ଗୋଟିଏ ସ୍ୱର ନବୀନ ପଟ୍ଟନାୟକ ହେଉଛନ୍ତି ତାଙ୍କର ନେତା । ଏବେ ବି ସେ ସୁସ୍ଥ ଓ କର୍ମଠ ଅଛନ୍ତି । ଦଳକୁ ନେତୃତ୍ୱ ଦେବାପାଇଁ ସେ ସକ୍ଷମ । କୌଣସି ତୃତୀୟ ଲୋକର ଆବଶ୍ୟକତା ନାହିଁ । ଏଭଳି ଏକ ପରିସ୍ଥିତି ମଧ୍ୟରେ ଦଳ ୨୯ତମ ପ୍ରତିଷ୍ଠା ଦିବସ ଆସନ୍ତାକାଲି ପାଳିବାକୁ ଯାଉଛି । ଶଙ୍ଖ ଭବନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଥିବାବେଳେ ଏଥର ନିର୍ବାଚନୱାରୀ ଏହାକୁ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଆସନ୍ତାକାଲି ପ୍ରତିଷ୍ଠାକୁ ରାଜନୈତିକ ମହଲ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେବାସହ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି ।

## ଦୁର୍ଘଟଣାରେ...

ଆହତ ହୋଇଛନ୍ତି । ତେବେ ୪୫ ସ୍କୁଲ ପିଲାଙ୍କୁ ନେଇ ଦର୍ଶାଲିରୁ ତାଣ୍ଡେଲି ଆସୁଥିବା ଏକ ବସଟି ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲା । ଟ୍ରକର ଡ୍ରାଇଭର ଆଗରେ ଯାଉଥିବା ଗାଡି ଧକା ହେବା ଦେଖି ଅନ୍ୟ ପାଖକୁ ଚାଲିଯାଇଥିଲା । ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ନିକଟତମ ଆତ୍ମୀୟ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଓ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଘୋଷଣା କରିଛନ୍ତି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ବସ ଦୁର୍ଘଟଣାର ତଦନ୍ତ ହେବ ବୋଲି ଘୋଷଣା କରିଛନ୍ତି । ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି । ସଠିକ ତଦନ୍ତ କରାଯାଇ ଏହାର କାରଣ ଖୋଜା ଯିବ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ ଘଟଣା ଲାଗି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

## ଦେଶର...

କରିଛନ୍ତି । କଟକରେ ମଧ ବାୟୁର ଗୁଣବତ୍ତା ମାନ ୨୬୨ ରେକର୍ଡ କରାଯାଇଛି । ଓଡ଼ିଶାରେ ପ୍ରଦୂଷଣ ବଢୁଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି । କମ୍ ଶିଳ୍ପ ଥିବା ରାଜ୍ୟରେ ବାୟୁ ପ୍ରଦୂଷଣ ବଢ଼ିବା ନିହାତି ଚିନ୍ତାର କାରଣ । ଏବେଠୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହୋଇପାରେ ବୋଲି ମତ ପ୍ରକାଶ ପାଉଛି ।

## ଆଉ ୪...

ଅନେକ ସ୍ଥାନରେ ଘନକୁହୁଡିର ଆଚ୍ଛାଦିତ ଦେଖିବାକୁ ମିଳିଛି । ରାଜଧାନୀ ଭୁବନେଶ୍ୱରରେ ଘନକୁହୁଡ଼ି ଆଚ୍ଛାଦିତ କରିଥିଲା । ଏୟାରପୋର୍ଟ ଅଞ୍ଚଳରେ ସକାଳ ୫ଟା ୩୦ରୁ ୭ଟା ୩୦ କୁହୁଡ଼ିର ସର୍ବନିମ୍ନ ଦୃଶ୍ୟମାନ ଦୂରତା ୧୦୦ମିଟର ରେକର୍ଡ ହୋଇଥିଲା ।

ଆସନ୍ତାକାଲି(ଶୁକ୍ରବାର) ଠାରୁ ୨୯ ତାରିଖ ଯାଏଁ କୁହୁଡ଼ି ଲାଗି ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲ୍ଲାକୁ ଘନକୁହୁଡ଼ି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ଅନୁଗୁଳ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ରହିପାରେ । ରାଜ୍ୟରେ କୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ଜାରି ରହିଛି । ଆଭ୍ୟନ୍ତରୀଣରେ ରାତିର ପାରଦ ଏବେ ବି ତଳମୁହାଁ ରହିଛି । ଗୁରୁବାର ସିମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୬.୧ ଡିଗ୍ରୀ ରହିଥିବା ବେଳେ କୋରାପୁଟରେ ୬.୮ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ, ଫୁଲବାଣୀରେ ୭ ଡିଗ୍ରୀ, ନବରଙ୍ଗପୁରରେ ୮.୬ ଡିଗ୍ରୀ, ଝାରସୁଗୁଡ଼ାରେ ୮.୬ ଡିଗ୍ରୀ, ଭବାନୀପାଟଣାରେ ୯.୨ ଡିଗ୍ରୀ, ଚିପିଲିମାରେ ୯.୮ ଡିଗ୍ରୀ, ବଲାଙ୍ଗୀରରେ ୧୦.୮ ଡିଗ୍ରୀ, ଅନୁଗୁଳରେ ୧୦ ଡିଗ୍ରୀ, କଟକରେ ୧୩.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

# ମହଙ୍ଗା ପଡ଼ିଲା ପୋଲିସକୁ ସାକ୍ଷୀ ଦେବା
# ଯୁବକକୁ ମାଡ଼ମାରି ଫଟାଇ ଦେଲେ ଆଖି

ଭଦ୍ରକ,(ସବ୍ୟୁ):ପୋଲିସକୁ ସାକ୍ଷୀ ଦେବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି । ଅଭିଯୁକ୍ତମାନେ ସଂପୃକ୍ତ ଯୁବକଙ୍କୁ ମାଡ଼ ମାରି ତାଙ୍କ ଆଖି ଫଟାଇ ଦେଇଛନ୍ତିବାଂଶଡା ଥାନା ନୂଆଗାଁ ପଞ୍ଚାୟତ ବିଜୁପୁର ଗ୍ରାମରେକିଛି ଦିନ ତଳେ ଜଣେ ମହିଳାଙ୍କୁ ବିଚ ରାସ୍ତାରେ ସ୍ୱାମୀ,ଶଶୁର ଶାଶ,ଦେଢ଼ସୁର ମାଡ଼ ମାରୁଥିବାବେଳେ ସେହି ଗ୍ରାମର ଯୁବକ ଜଣକ ୧୧୨କୁ ଫୋନ କରିଥିଲେ । କିଛି ସମୟ ପରେ ୧୧୨ପହଁଚି ଅଭିଯୁକ୍ତମାନଙ୍କ କବଳରୁ ସେହି ନିର୍ଯାତନା ପାଉ ଥିବା ମହିଳାକୁ ଆଣି ନିକଟସ୍ଥ ଥାନାରେ ପହଂଚାଇ ଥିଲା ଏବଂ ମାମଲା ମଧ ରୁଜୁ କରାଯାଇଥିଲା । ଏହି ଘଟଣାକୁ ନେଇ ଅଭିଯୁକ୍ତମାନେ ସାକ୍ଷୀ ଦେଇଥିବା ଯୁବକକୁ କଣ ପାଇଁ ପୋଲିସକୁ ସାକ୍ଷୀ ଦେଲୁ କହି ନିର୍ଦ୍ଧୁମ ମାଡ ମାରିଥିଲେ । ତାର ବାମ ଆଖିକୁ ମାରି ରକ୍ତାକ୍ତ କରି ଦେଲେ । ଯୁବକ ଜଣକ ଥାନାରେ ପହଂଚି ଥାନାରେ ଥିବା କାର୍ଯ୍ୟରତ ଏସଆଇ ରବୀନ୍ଦ୍ର ସିଂକୁ ଜଣାଇ ଥିଲେ । ପୋଲିସ କିଛି ନବୁଝି ଯୁବକ ଜଣଙ୍କୁ ଦୁର୍ବବ୍ୟବହାର କରି ଥିବା ଯୁବକ ଗାଣମାଧକୁ କହି ଥିଲେ । ଯୁବକ ଜଣକରକ୍ତ ଜୁଡୁବୁଡୁରେ ଚିକାର କରୁଥିବାବେଳେ ବହୁ ବିଳମ୍ବରେ ମେଡିକାଲ ଯାଇଚିକିତ୍ସା ହୋଇଥିଲେ । ସେହି କଥାକୁ ନେଇ ମଙ୍ଗଳବାର ସକାଳରେ ଯୁବକ ଜଣକ ଏକ ଦୋକାନ ପାଖରେ ବସି ଥିବାସମୟରେ ଅଭିଯୁକ୍ତମାନେ ଆସି କଣ ପାଇଁ ଏତଲା ଦେଲୁ କହି ବ୍ଲେଡ ଖୋଲି ଯୁବକକୁ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ । ପରେ ଯୁବକ ଜଣକ ନିକଟସ୍ତ ଚାନ୍ଦବାଲି ମେଡିକାଲକୁ ଯାଇ ଚିକିସିତ ହୋଇ ବାଂଶଡା ଥାନାରେ ପହଂଚି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯଯାନୁଷ୍ଠାନ ନେବାକୁ ଥାନା ଅଧିକାରୀ ମହମଦ ହାପିଜଙ୍କୁ ଜଣାଇ ଥିଲେ । ପୋଲିସ ତୁରନ୍ତ ପଦକ୍ଷେପ ନେବ ବୋଲି ଚିକିତ୍ସିତ ଯୁବକକୁ କହିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ

ଭଦ୍ରକ,(ସବ୍ୟୁ):ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ଏକ ଆଲୋଚନା ଚକ୍ର ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ,ଭଦ୍ରକ ଦ୍ୱାରା ଭଦ୍ରକସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ।ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟଅର୍ପଣ କରାଯାଇ ତାଙ୍କର ଦେଶପ୍ରେମ ଓ ତ୍ୟାଗକୁ ସ୍ମରଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଏବେକାର ଯୁବପିଢ଼ୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ଗୋକୁଳାନନ୍ଦ ମହାନ୍ତିଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ଗୋକୁଳାନନ୍ଦ ମହାନ୍ତି ସ୍ମୃତି କମିଟିର ସଭାପତି ଲଲାଟେନ୍ଦୁ ମହାନ୍ତି,ଉପସଭାପତି ବିଷ୍ଣୁମୋହନ ମହାପାତ୍ର,ସମ୍ପାଦକ ଜୟୋତିପ୍ରକାଶ ମହାନ୍ତି, ଦିବ୍ୟସିଂହ ନାୟକ,ପବନ ଶର୍ମା,ପଦ୍ମନ ରାୟ,ଶିକ୍ଷାବିତ୍ ଡ଼.ରମାକାନ୍ତ ନାୟକ,ଗାନ୍ଧୀ ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢ଼ୀ,ଗୋକୁଳାନନ୍ଦଙ୍କର ପୁତ୍ରବଧୂ ଝରଣା ପଟ୍ଟନାୟକ,ତ୍ୟାଗଭୁମି ସଭାପତି ଅଜୟ ନାୟକ,ସଂଯୁକ୍ତା ବଳ ନାୟକ,ଶୁକାନ୍ତି ମହାପାତ୍ର,ରାଧାରାଣୀ ମହାପାତ୍ର ଯୋଗଦେଇ ଗୋକୁଳାନନ୍ଦ ମହାନ୍ତିଙ୍କ ଗାନ୍ଧୀବାଦୀ ନୀତି,ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଜୟନ୍ତୀ ଅବସରରେ ସୁପ୍ରତିଷ୍ଠ କ=ଶିଳ୍ପୀ ସୋନାଲି ଦାସ ଓ ସ୍ମୃତିଶ୍ରୀୟା ମହାନ୍ତିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଉକ୍ତ ସଭାକାର୍ଯ୍ୟକୁ ଡେପୁଟୀ କଲେକଟର ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ସଂଯୁକ୍ତ ଭାବେ ପରିଚାଳନା କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନାରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍ଖା ଓ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମିନାକ୍ଷୀ ଗରାବଡୁ ସହଯୋଗ କରିଥିଲେ ।

# ଓଡ଼ିଶାର ମହାପୁରୁଷଙ୍କ ଏଆଇ ଭିଡ଼ିଓରେ ଫକୀରମୋହନ ଗାଇଲେ ଗୀତ

ବାଲେଶ୍ୱର,(ସବ୍ୟୁ): ସାମ୍ପ୍ରତିକ ସମୟକୁ ଆର୍ଟିଫିସିଆଲ ଇନଫୋର୍ମେସନ ( ଏଆଇ) ଧୀରେ ଧୀରେ ସବୁ କ୍ଷେତ୍ରକୁ କବଳିତ କରିବାକୁ ବସିଥିବା ବେଳେ ଦିବଙ୍ଗତ ମହାପୁରୁଷଙ୍କ ଚଳମାନ ଭିଡିଓ ମଧ ତିଆରି କରାଯାଇ ସମସ୍ତଙ୍କୁ ଚକିତ କରୁଛି । ଏବେ ସୋସିଆଲ ମିଡିଆରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗୀତ ଗାଇବା ଏକ ସୁନ୍ଦର ଭିଡିଓ ଭାଇରାଲ ହେଉଛି । ଭିଡିଓଟିରେ ଫକୀରମୋହନ ଶିଳ୍ପୀ କେଶୁଦାସ ରଚିତ ବହୁ ପ୍ରଶଂସିତ ୬ ମିନିଟର କେନେ କିସ ଜିଲ୍ଲାର ଛୁଆ ଆମେ ରେ ଗୀତଟିକୁ ୧୦ ସେକେଣ୍ଡରେ ସୁନ୍ଦର ଢଙ୍ଗରେ ଗାଉଛନ୍ତି । ଏହି ଏଆଇ ଭିଡ଼ିଓକୁ ଶିଳ୍ପୀ କେଶୁଦାସ ପ୍ରଯୋଜନା କରୁଥିବା ବେଳେ ଯୁବ ଶିଳ୍ପୀ ଆୟୁଷ୍ମାନ ଯାଦବ ଜୀବନ୍ତ ଭାବରେ ଏଡିଟିଙ୍ଗ କରିଛନ୍ତି । ଓଡ଼ିଶାର ଦିବଙ୍ଗତ ମହାପୁରୁଷଙ୍କୁ ପ୍ରଥମ ଏଆଇ ଭିଡ଼ିଓ ବୋଲି ଶିଳ୍ପୀ କେଶୁଦାସ ଦାବୀ କରିଛନ୍ତି । କେନେ କିସ ଜିଲ୍ଲାର ଛୁଆ ଆମେ ରେ ଗୀତଟି ସମ୍ପୂର୍ଣ୍ଣ ୬ ମିନିଟରେ ପ୍ରସ୍ତୁତ କରାଯିବ ଟୀକାକାର ଶ୍ରୀଧର ସ୍ୱାମୀ, ଦୀନକୃଷ୍ଣ ଦାସ, ଫକୀରମୋହନ, ରାଧାନାଥ ରାୟ, ମନୋଜ ଦାସ, ମନ୍ମଥ ଦାସ, ଶାନ୍ତି ଦାସ, ଗୋଦାବରୀ ଦେବୀ ପ୍ରମୁଖ ଗୀତଟି ଗାଇବାର ଦୃଶ୍ୟ ରହିବ ବୋଲି ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି ।

# ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍‌ରେ ସଂସ୍କୃତିର ଝଲକ

ଭୁବନେଶ୍ୱର: ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ଚଳିତ ବର୍ଷର ସଂସ୍କରଣରେ ଏକ ଯୁଗାନ୍ତକାରୀ ଫ୍ୟାଶନ୍ କାହାଣୀ ସହିତ ଫ୍ୟାଶନ୍ କ୍ରାଫ୍ଟର ପାରମ୍ପରିକତାକୁ ପରିବର୍ତ୍ତନ କରିଛି । ପ୍ରତିଷ୍ଠିତ ହାଓ୍ୱଡ଼ା ବ୍ରିଜ୍‌ର ନାଟକୀୟ ପୃଷ୍ଠଭୂମି ଏବଂ ସହରର ଐତିହାସିକ ହୁଗୁଳି ନଦୀକୁ ଏକ ଚମତ୍କାର ରନୱେରେ ରୂପାନ୍ତରିତ କରି ପ୍ରଦର୍ଶିତ କରିଛି । ଶେଷ ସଂସ୍କରଣରେ ଡିଜାଇନର ଅନାମିକା ଖାନ୍ନା ଏକେ/ ଓକେ, ପ୍ରଦର୍ଶନକାରୀ ଭାବରେ କରିସ୍ମାଟିକ୍ ସୋଷ୍ଟପର ଈଶାନ ଖଟ୍ଟରଙ୍କ ସହିତ ଏକ ପରୀକ୍ଷାମୂଳକ ସଂଗ୍ରହ ଉପସ୍ଥାପନ କରାଯାଇଛି । ଏହି ଅବସରରେ ଦେବଶ୍ରୀ ଦାସଗୁପ୍ତା, ସିଏମଓ, ପର୍ନୋଡ୍ ରିକାର୍ଡ ଇଣ୍ଡିଆ କହିଛନ୍ତି, "ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ସର୍ବଦା ଫ୍ୟାଶନ୍ ଏବଂ ସାଂସ୍କୃତିକ ଆଲୋଚନାକୁ ଆକାର ଦେବାରେ ଆଗରେ ରହିଆସିଛି । ଏହି ସଂସ୍କରଣର ଶେଷ ଅଧ୍ୟାୟ ଭାବରେ, କୋଲକାତା ଫ୍ୟାଶନ୍ କୁ ପ୍ରକୃତରେ ପରିବର୍ତ୍ତନକାରୀ କରୁଥିବା ଜିନିଷର ସାରାଂଶ ପ୍ରଦାନ କରିଛି । 'ଫ୍ୟୁଚର୍ ଇଜ୍ କ୍ରାଫ୍‌ଟେଡ୍' କେବଳ ଏକ ପ୍ରଦର୍ଶନୀ ନଥିଲା - ଏହା ଐତିହ୍ୟ ଏବଂ ନବସୃଜନ ଏକ ଅସାଧାରଣ ଜିନିଷ ସୃଷ୍ଟି କରିବା ଦିଗରେ ଏକ ଶକ୍ତିଶାଳୀ ବିବୃତି ଥିଲା ।' ଡିଜାଇନର୍ ଅନାମିକା ଖାନ୍ନା, ଶୋ'ରେ ତାଙ୍କର ମତାମତ ପ୍ରଦାନ କରି କହିଛନ୍ତିଯେ, "ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ସହିତ, ମୁଁ ଭାରତୀୟ କାରିଗରୀଙ୍କୁ କିପରି ରୂପାନ୍ତରିତ କରାଯାଇପାରିବ ଏବଂ ଆଧୁନିକ ବିଶ୍ୱ ପାଇଁ ପୁନଃପରିକଳ୍ପନା କରାଯାଇପାରିବ ତାହା ପ୍ରଦର୍ଶନ କରି ଖୁସି ହୋଇଥିଲି ।' ଶୋ\'ଷ୍ଟପର ଈଶାନ ଖଟ୍ଟର କହିଛନ୍ତି, \"ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର ଅଂଶ ହେବା ମୋର ନିଜସ୍ୱ ପରୀକ୍ଷଣ ଏବଂ ଆଶାଠାରୁ ଅଧିକ ଆଗକୁ ବଢ଼ିବା ସହ ସମ୍ପୂର୍ଣ୍ଣ ସମନ୍ୱୟରେ ଅନୁଭବ ହୋଇଥିଲା । ଏପରି ଏକ ପ୍ରତିଷ୍ଠିତ ପୃଷ୍ଠଭୂମିରେ ଫ୍ୟାଶନ୍ କେବଳ ଦେଖାଯାଇନଥିଲା, ବରଂ ସକ୍ରିୟ ଭାବରେ ଆକୃତି ପାଇଥିଲା ।' ଏଫଡିସିଆଇର ଚେୟାରମ୍ୟାନ, ସୁନୀଲ ସେଠୀ କହିଛନ୍ତିଯେ," ଏଫଡିସିଆଇ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ସହିତ ସହଯୋଗ କରିଥିବାରୁ ଆନନ୍ଦିତ । କୋଲକାତା ସଂସ୍କରଣ ସୃଜନଶୀଳତା, ସଂସ୍କୃତିକୁ ପାଳନ କରିଥିଲା ଏବଂ ଭାରତୀୟ ଫ୍ୟାଶନ୍‌ରେ ଭବିଷ୍ୟତ କ'ଣ ହେବ ତାହାର ଗତି ସ୍ଥିର କରିଥିଲା ।"

**AFFIDAVIT**

By Virtue of an affidavit Before the Notary Public, Bhubaneswar. I, **Chagala Behera,** aged about 58 years, S/o.: Budhi Behera, Village: Gandarpur, P.S.: Mancheswar, Dist.: Khurda declare that my name has been wrongly mentioned in my Identity Card as Bhabanishankar Subudhi son of Budhi Subudhi instead of Chagala Behera son of Budhi Behera. That Bhabanishankar Subudhi son of Budhi Subudhi and Chagala Behera son of Budhi Behera is one and same Person. Henceforth I shall be known as **Chagala Behera** for all purposes.

**LOST**

By virtue of an affidavit sworn before Notary Public, Jajpur road, Jajpur on dated-12.12.2025. I, Raghunath Rath, S/o- Late Krupasindhu Rath At/P.o- Angarua, P.S-Ramachandrapur, Dist - Keonjhar declare that I have lost my Regd. Sale Deed vide No-4867 dated-19.06.1976 in the name of my deceased father Krupasindhu Rath, S/o- Late Laxman Rath.I have lost the document while I was marketing at Kanheipur, Jajpur road on dated 05.09.2025. I could not trace the document in spite of my best efforts.

**AFFIDAVIT**

I, Chandra Kala Karnani, W/O- Nand Kishor Karnani, resident of At- Lalbazar, PO./PS.- Baripada, Ward No.- 04, Dist.- Mayurbhanj, Odisha, Pin- 757001 declare by this affidavit No.- Vol-106, Sl. No.- 05, Dtd.- 22.12.2025 that, now onwards I shall be known as **Chandrakala Karnani** for all future purposes.
Sd/-Chandrakala Karnani

# ନିଆଳି ମାଧବ ମନ୍ଦିର ଓ ଜୟଦେବ ପୀଠ ପରିଦର୍ଶନ



ଭୁବନେଶ୍ୱର (ସବ୍ୟୁ) : ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମରେ ସମସ୍ତେ ନିଆଳି ମାଧବ ମନ୍ଦିର, ଜୟଦେବ ପିଠ, ଶୈବ ପିଠ ମା ବରାହୀ ମନ୍ଦିର ପରିଦର୍ଶନ କରି ଥିଲେ । ଅନୁଷ୍ଠାନ ପକ୍ଷରୁ ଜଗନ୍ନାଥଙ୍କ ପୁରୀ ମନ୍ଦିର ସହିତ ସମ୍ପର୍କ ଥିବା ମନ୍ଦିର ଗୁଡିକ ପରିଦର୍ଶନ କାର୍ଯ୍ୟକ୍ରମ ମାସେ କିମ୍ବା ଦୁଇ ମାସରେ ଥରେ କରାଯାଇଥାଏ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳା ମହିମାର ତଥ୍ୟକୁ ବିଶ୍ୱ ରେ ପ୍ରଚାର ପ୍ରସାର ପାଇଁ ଏହି ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ନିଆଳି ମାଧବ ମନ୍ଦିରରୁ ପୁରୀ ମନ୍ଦିରକୁ ପ୍ରଥମାଷ୍ଟମୀରେ ପଢୁଆଁ ଭାର ଯାଇ ଥାଏ, ନିଆଳି ମାଧବ ମନ୍ଦିର ଶ୍ରୀଜଗନ୍ନାଥଙ୍କ ମାମୁଁ ଘର, ମହାପ୍ରଭୁଙ୍କ ସଂସ୍କୃତି ଆମ ଓଡ଼ିଆଙ୍କ ଘର ସଂସ୍କୃତି, ତେଣୁ ଆମର ପ୍ରୟାସ ଶ୍ରୀଜଗନ୍ନାଥ ସଂସ୍କୃତିର ୩୬୫ ଦିନର କାର୍ଯ୍ୟକ୍ରମ ଡିଜିଟାଲ ଫିଲ୍ମ କାହାଣୀ କରି ୟୁ ଟ୍ୟୁବ ଚାନେଲରେ ଛଡ଼ାଯିବ । ପ୍ରତେକ ବାର ତିଥି ନକ୍ଷେତ୍ର ଦେଖି କେଁଉ ଦିନ ପ୍ରଭୁଙ୍କ କଣ ପୂଜା ଅର୍ଚ୍ଚନା ଓ ଜାନି ଯାତ୍ରା କରାଯିବ ତାହାର ସମ୍ପୂର୍ଣ ତଥ୍ୟ ଏହି ଫିଲ୍ମ ଗୁଡିକରେ ଦିଆଯାଇ । ବିଶ୍ୱରେ ପ୍ରଚାର ଓ ପ୍ରସାର କରିବାକୁ ପ୍ରୟାସ କରାଯିବ । ଆଜି ଏଇ ମନ୍ଦିର ପରିଦର୍ଶନ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ "ଭକ୍ତ ଓ ଭଗବାନ" ର ଏକ ପତ୍ରିକା ବିଶିଷ୍ଟ କଥାବାଚକ ଶ୍ରୀପ୍ରଶାନ୍ତ କୁମାର ମିଶ୍ର, ରବିନାରାୟଣ ମହାପାତ୍ର, ଡ଼ ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ବଂଶୀଧର ନାୟକ, ଅଜୟ ଦାସ ଓ ଉପସ୍ଥିତ ଅନ୍ୟ ସଦସ୍ୟ ଓ ଦଦସ୍ୟା ଦ୍ୱାରା ଉନ୍ମୋଚନ କରାଯାଇଛି । ନିଆଳି ମାଧବ ମନ୍ଦିରରେ ଜଗନ୍ନାଥ ସହସ୍ର ନାମ ଓ ଜୟଦେବ ପିଠରେ ଶ୍ରୀତ କାମଳ (ଗୀତ ଗୋବିନ୍ଦ ) ଗାନ କରାଯାଇଥିଲା । ଆଜିର ପରିଦର୍ଶନ କାର୍ଯ୍ୟକ୍ରମରେ ଶରତ ମହାପାତ୍ର ବିଜୟ ପଣ୍ଡା ପ୍ରଫୁଲ ଦାସ ଅକ୍ଷୟ ସାହୁ ଶ୍ରୀନିବାସ ରାଓ ବିଜୟ ଡାକୁଆ ପ୍ରାଚୀତୋଷ ପ୍ରିୟତୋଷ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ ୧୦୦୦ତମ

# ଫ୍ଲାଏଆଶ୍ ରେକ୍ ପଠାଇବା ସହିତ ବୃତ୍ତାକାର ଅର୍ଥନୀତି ନେତୃତ୍ୱକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ୟୁନିଟରୁ ୧୦୦୦ତମ ଫ୍ଲାଏ ଆଶ୍ ରେକ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀତ୍ୱ ଏବଂ କାର୍ଯ୍ୟକ୍ଷମ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି। ଏହି ସଫଳତା କମ୍ପାନୀର ବୃତ୍ତାକାର ଅର୍ଥନୀତି ନୀତି ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ୨୦୨୨ ମସିହାରେ ଏହାର ଫ୍ଲାଏ ଆଶ୍ ରେକ୍ ପଠାଯିବା ପଦକ୍ଷେପ ଆରମ୍ଭ କରିବା ପରଠାରୁ, ବେଦାନ୍ତ ଝାରସୁଗୁଡ଼ା ସମଗ୍ର ଭାରତରେ ସିମେଂଟ ନିର୍ମାତା ଏବଂ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ୪ ନିୟୁତ ଟନ୍ ରୁ ଅଧିକ ଫ୍ଲାଏ ଆଶ୍ ଯୋଗାଇଛି। ଏହି ବୃହତ ପରିମାଣର ବ୍ୟବହାର ମିଶ୍ରିତ ଏବଂ ସବୁଜ ସିମେଂଟ ଉତ୍ପାଦନକୁ ସମର୍ଥନ କରେ, ଚୂନପଥର ଭଳି ପ୍ରାକୃତିକ ସମ୍ପଦ ଉପରେ ନିର୍ଭରତା ହ୍ରାସ କରିବା ସହିତ ପାରମ୍ପରିକ ସିମେଂଟ ଉତ୍ପାଦନ ସହିତ ଜଡିତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି।

ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଆମର ୧୦୦୦ତମ ଫ୍ଲାଏ ଆସ୍ ରେକ୍ ପଠାଯିବା ଶୃଙ୍ଖଳାଗତ



କାର୍ଯ୍ୟାନ୍ୱୟନ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ମାଇଲଖୁଂଟ ଦର୍ଶାଏ ଯେ ଶିଳ୍ପ ଦକ୍ଷତା, ପରିବେଶଗତ ଦାୟିତ୍ୱ ଏବଂ ସହଯୋଗୀ ସହଭାଗୀତା କିପରି ଶିଳ୍ପ, ସମ୍ପ୍ରଦାୟ ଏବଂ ଗ୍ରହ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଏକତ୍ରିତ ହୋଇପାରେ। ଡାଲମିଆ ସିମେଂଟର କମୋଡିଟି ଏବଂ କ୍ରୟ ମୁଖ୍ୟ ତରୁଣ ଆହୁଜା ସହଭାଗୀତା ଉପରେ ଆଲୋକପାତ କରି କହିଛନ୍ତି, "ଫ୍ଲାଏ ଆସ୍ ପଠାଯିବା କାର୍ଯ୍ୟକ୍ରମ ସିମେଂଟ ଏବଂ ଭିତିଭୂମି କ୍ଷେତ୍ର ପାଇଁ ଏକ ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳ ନିର୍ମାଣ କରିଛି, ଯେତେବେଳେ ନିରାପଦ ଏବଂ ବୈଜ୍ଞାନିକ ପାଉଁଶ ପରିଚାଳନା ସୁନିଶ୍ଚିତ କରିଛି। ଏହା ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିଛି ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିଛି। ଏହି ମାଇଲଖୁଂଟ ଭୂମି ଦଳଗୁଡ଼ିକର ଉତ୍ସର୍ଗତା ଏବଂ ରେଳ, ଲଜିଷ୍ଟିକ୍ସ ପାର୍ଟନର ଏବଂ ଗ୍ରାହକମାନଙ୍କ ସହିତ ନିର୍ବିଘ୍ନ ସମନ୍ୱୟକୁ ଦର୍ଶାଇଛି।"

ବେଦାନ୍ତ ଝାରସୁଗୁଡାର ଫ୍ଲାଏ ଆସ୍ ପରିଚାଳନା ରଣନୀତି ୧୦୦% ପାଉଁଶ ବ୍ୟବହାର, ଲ୍ୟାଣ୍ଡଫିଲ୍ ବ୍ୟବହାରକୁ କମ କରିବା ଏବଂ ସ୍ଥାୟୀ ନିର୍ମାଣକୁ ପ୍ରୋତ୍ସାହିତ କରିବା ଜାତୀୟ ଉଦ୍ଦେଶ୍ୟ ସହିତ ସମାନ। ରେଳ ପରିବହନକୁ ଉପଯୋଗ କରି, କାର୍ଯ୍ୟକ୍ରମ ରାସ୍ତା ଭିଡ଼ ଏବଂ ନିର୍ଗମନକୁ ହ୍ରାସ କରେ, କମ୍ପାନୀର ପରିବେଶ-ଅନୁକୂଳ ଲଜିଷ୍ଟିକ୍ସ ପଦ୍ଧତିକୁ ସୁଦୃଢ଼ କରିଥାଏ। ଭାରତର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଭାବରେ, ବେଦାନ୍ତ ଝାରସୁଗୁଡା ନବସୃଜନ, ପ୍ରକ୍ରିୟା ଅପ୍ଟିମାଇଜେସନ୍ ଏବଂ ଅଂଶୀଦାରଙ୍କ ସହଯୋଗ ମାଧ୍ୟମରେ ସ୍ଥାୟୀତ୍ୱକୁ ସମନ୍ୱିତ କରି ଚାଲିଛି, ପ୍ରତିବଦ୍ଧତାକୁ ମାପଯୋଗ୍ୟ ଫଳାଫଳରେ ପରିଣତ କରିଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ରେ ଭାରତର ଅଧାରୁ ଅଧିକ ଆଲୁମିନିୟମ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଉତ୍ପାଦନ କରୁଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୫ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# ପୁରୀ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

ପୁରୀ, (ସବ୍ୟୁ) : ମଣିଷ ପଣିଆ ସହ ଆଗକୁ ବଢ଼ିବା ହିଁ ସୁଶାସନ। ସାଧାରଣ ଲୋକ ମାନଙ୍କୁ ସାମାଜିକ ନ୍ୟାୟ ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଯେଉଁ ଅବଦାନ ରଖି ଯାଇଛନ୍ତି ତାହା ପ୍ରକୃତ ସୁଶାସନ। ଅଟଳଜୀ ସୁଶାସନ ର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର। ଗୁରୁବାର ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡା ପାତ୍ର ବାଜପେୟୀ ଜଣେ ବହୁବିଧ ପ୍ରତିଭାର ଅଧିକାରୀ, ରାଷ୍ଟ୍ରନୀତିଜ୍ଞ,ଧୈର୍ଯ୍ୟ ଓ ସହନଶୀଳତା ର ପ୍ରତୀକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସାଧାରଣ ଲୋକ ଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ହିଁ ସୁଶାସନ ବୋଲି କହିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା ସହ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଜପେୟୀଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଏବଂ ୧୦ମ ଅଟଳ ସମ୍ମାନ

# ଅଟଳଜୀଙ୍କ ପ୍ରେରଣାକୁ ପାଥେୟ କରି ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଭାରତ ବିଶ୍ୱଗୁରୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦିନେ କହିଥିଲେ। ବାସ୍ତବରେ ଏହାର ମୂଳଦୁଆ ପକାଇଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ



ବିହାରୀ ବାଜପେୟୀଜୀ। ନିରନ୍ତର ପ୍ରୟାସ ଫଳରେ ଆମେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇପାରିବା ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଙ୍କ ୧୦୧ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଆୟୋଜିତ "୧୦ମ ଅଟଳ ସମ୍ମାନ-୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥିଲେ ଅଟଳଜୀ। ସେ ବିକାଶର ଅଭିଳାଷକୁ ବୁଣି ଭାରତବର୍ଷକୁ ସଡ଼କ ପଥରେ ଏକାକାର କରିବାର ଯୁଗପୁରୁଷ ଥିଲେ। ସେ କେବେ କାହାର ଚାପରେ ଆସୁ ନ ଥିଲେ। ପରମାଣୁ ପରୀକ୍ଷଣ କରିବାଠାରୁ କାର୍ଗିଲ୍ ଯୁଦ୍ଧ ପର୍ଯ୍ୟନ୍ତ ସବୁଥିରେ ସଫଳ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦିଗଦର୍ଶନରେ ଓଡିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ନିଜ ଜୀବନ ଯୌବନକୁ ସମର୍ପଣ କରି ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାର, ସମୀର ମହାନ୍ତି ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡ. ଭାଗ୍ୟଲିପି ମଲ୍ଲଙ୍କୁ ଅଟଳ ସଂସ୍କୃତି ସମ୍ମାନ, ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଅଟଳ କବିତା ସମ୍ମାନ, ସମ୍ବଲପୁରର ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ ଉର୍ଦ୍ଧ୍ୱଗକୁ ଅଟଳ ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସଙ୍କୁ ଅଟଳ ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଫୋର୍ଟିସ୍ କେମିକାଲ୍ ଏବଂ ସିଏସ୍ଆଇଆର-ସିଆରଆରଆଇର

# ଗର୍ତ୍ତ ମରାମତି ପ୍ରଯୁକ୍ତିବିଦ୍ୟା ପାଇଁ ଲାଇସେନ୍ସିଂ ଚୁକ୍ତିନାମା ସ୍ୱାକ୍ଷର

ଭୁବନେଶ୍ୱର (ସବ୍ୟୁ): ୨୪ ତାରିଖରେ ଫୋର୍ଟିସ୍ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ନୂଆ ଦିଲ୍ଲୀର ସିଏସ୍ଆଇଆର ବିଜ୍ଞାନ



କେନ୍ଦ୍ରରେ ଅଭିନବ "ଟୁ-ପ୍ୟାକ୍ ଅନ୍-ସାଇଟ୍ ଗର୍ତ୍ତ ଫିଲିଂ ମିଶ୍ରଣ" ପାଇଁ ସିଏସ୍ଆଇଆର-ସେଣ୍ଟ୍ରାଲ୍ ରୋଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ସହିତ ଏକ ପ୍ରଯୁକ୍ତି ଲାଇସେନ୍ସିଂ ଚୁକ୍ତିନାମା ସ୍ୱାକ୍ଷର କରିଛି । ସିଏସ୍ଆଇଆରର ମହାନିର୍ଦ୍ଦେଶକ ଏବଂ ଡିଏସ୍ଆଇଆରର ସଚିବ ଡକ୍ଟର ଏନ. କଲାଇସେଲଭି; ସି ଏ ସ୍ ଆ ଇ ଆ ର - ସିଆରଆରଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡା, ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକ୍ଟର ଶିକ୍ଷା ସ୍ୱରୂପା କରଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ପେଟେଂଣ୍ଟେଡ୍, ଏମଲ୍ସନ୍-ଆଧାରିତ, ଦ୍ରାବକ-ମୁକ୍ତ ଥଣ୍ଡା-ମିଶ୍ର ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଗରମ-ମିଶ୍ର ପଦ୍ଧତି ତୁଳନାରେ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରି ଦ୍ରୁତ, ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଗର୍ତ୍ତ ମରାମତିକୁ ସକ୍ଷମ କରିଥାଏ କ୍ଷ ଫୋର୍ଟିସ୍ କେମିକାଲ୍ସକୁ ସମଗ୍ର ଭାରତରେ ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ବଜାରୀକରଣ ପାଇଁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି। ଫୋର୍ଟିସ୍ କେମିକାଲ୍ସ ମଧ୍ୟ ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ୮୪ତମ ଭାରତୀୟ ସଡ଼କ କଂଗ୍ରେସ (ଓଜଉ) ବାର୍ଷିକ ଅଧିବେଶନରେ ଅଂଶଗ୍ରହଣ କରିଥିଲା, ଯାହାକୁ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ପରିଦର୍ଶନ କରିଥିଲେ ଲ ସେ ଓଡ଼ିଶା ପାଇଁ ୧ ହଜାର କୋଟିର ସଡ଼କ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ସହଯୋଗ ସ୍ଥାୟୀ ଏବଂ ମୂଲ୍ୟ-ପ୍ରଭାବଶାଳୀ ସଡ଼କ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି, ଯାହା ସାରା ଦେଶରେ ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ସଡ଼କ ଭିତ୍ତିଭୂମିରେ ଯୋଗଦାନ ଦେବ।

## ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କର ୮୦ତମ ଜନ୍ମୋତ୍ସବ ପାଳିତ ଏବଂ ସ୍ୱରଚିତ ଶ୍ରୀଗୁରୁ ଭାଗବତ ର ୨୫ତମ ଜନ୍ମୋତ୍ସବ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସ ସହିତ ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ ପାଳିତ ହୋଇଛି । ଏଥିରେ ଦେଶ ବିଦେଶରୁ ବହୁ ସଂଖ୍ୟକ ଭକ୍ତ, ଶ୍ରଦ୍ଧାଳୁ, ବିଦ୍ୱାନ, ଗୁଣି ଜ୍ଞାନୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହି ଅବସରରେ ଗୁରୁଜୀଙ୍କ ରଚିତ ପୁସ୍ତକ ଶିରିଡି ସାଇ ବାବା ଏକ ପ୍ରେରଣାଦାୟକ ଜୀବନ ଉନ୍ମୋଚିତ ହୋଇଥିଲା । ଯାହାକି ଇଂରାଜୀ ଭାଷାରେ ପ୍ରଥମେ ପ୍ରକାଶିତ ହୋଇ ବେଷ୍ଟ ସେଲର ପୁସ୍ତକ ଭାବରେ ମାନ୍ୟତା ଲାଭ କରିଛି । ଏହି ପୁସ୍ତକ ଟି ପୂର୍ବରୁ ହିନ୍ଦୀ ଓ ମରାଠୀ ଭାଷାରେ ମଧ



ପ୍ରକାଶିତ ହୋଇଛି । ଆଜି ଓଡ଼ିଆ ସଂସ୍କରଣ ଲୋକାର୍ପିତ ହୋଇଛି । ଏହା ବ୍ୟତୀତ ଗୁରୁଜୀଙ୍କ ରଚିତ ପ୍ରସିଦ୍ଧ କାବ୍ୟଗ୍ରନ୍ଥ ଶ୍ରୀ ଗୁରୁ ଭାଗବତ ଯାହାକି ୯ ଖଣ୍ଡରେ ପ୍ରକାଶିତ ହୋଇଛି ଏବଂ ଭାରତର ପ୍ରାୟ ସବୁ ପ୍ରାନ୍ତର ଭାଷାରେ ଅନୁବାଦିତ ହୋଇଛି । ଆଜି ସାନ୍ତାଳୀ ଭାଷାର ପ୍ରଥମ ସଂସ୍କରଣ ଗୁରୁଜୀଙ୍କ କରକମଳରେ ଉନ୍ମୋଚିତ ହୋଇଛି ।

# ଆଇଜି ଡ୍ରୋନ୍‌ସ ଆଇଜି ଡିଫେନ୍ସରେ ପରିଣତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସବୁଠାରୁ ବିଶ୍ୱସନୀୟ ଅନ୍‌ମ୍ୟାନ୍‌ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ , ଆଇଜି ଡିଫେନ୍ସରେ ପରିଣତ ହୋଇଛି । ଏହି ରୂପାନ୍ତରଣ ଭାରତର ଭବିଷ୍ୟତ ପାଇଁ ଏକ ସାର୍ବଭୌମ, ନିର୍ଭରଯୋଗ୍ୟ ଓ ଯୁଦ୍ଧ ପ୍ରସ୍ତୁତ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଏକ ସରଳ କିନ୍ତୁ ଗମ୍ଭୀର ମିଶନକୁ ପ୍ରତିଫଳନ କରୁଛି । ଆଜିର ସଂଘର୍ଷଗୁଡିକ ଅଟୋନୋମି, ଇଂଟେଲିଜେନ୍ସ, ଇଲେକ୍ଟ୍ରୋନିକ ପ୍ରାଧାନ୍ୟତା, ସାଇବର ସ୍ଥିରତା ଏବଂ ବାୟୁ, ସ୍ଥଳଭାଗ, ସମୁଦ୍ର ପଥ ଓ ମହାକାଶରେ ବାଧାମୁକ୍ତ ସହଯୋଗିତା ଦ୍ୱାରା ରୂପ ନେଉଛି । ଅପରେଶନ ସିନ୍ଦୁର ଭଳି ସାମ୍ପ୍ରତିକ ଜଟିଳ ଅଭିଯାନଗୁଡିକ, ଯେଉଁଠାରେ ଆଇଜି ଡ୍ରୋନସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଏକ ସ୍ପଷ୍ଟ ବାସ୍ତବତା ଉପରେ ମହତ୍ୱ ଦେଉଛି । ଭାରତ ଆମଦାନୀ କରାଯାଉଥିବା ସିଷ୍ଟମଗୁଡିକ ଉପରେ ନିର୍ଭର କରିପାରିବ ନାହିଁ, ଯାହାକୁ ବିଦେଶୀ ସିଦ୍ଧାନ୍ତ ଓ ବିଦେଶୀ ଯୁଦ୍ଧକ୍ଷେତ୍ର ପାଇଁ ଡିଜାଇନ କରାଯାଇଛି । ବାସ୍ତବ ରଣନୈତିକ ସ୍ୱାୟତତା ଭାରତରେ, ଭାରତୀୟ ଭୂଭାଗ, ଭାରତୀୟ ସୈନ୍ୟବଳ ଓ ଭାରତୀୟ ମିଶନଗୁଡିକ ପାଇଁ ନିର୍ମିତ ଟେକ୍ନୋଲୋଜିର ଆବଶ୍ୟକ କରୁଛି । ଡିଫେନ୍ସ ଏହାର ବରିଷ୍ଠ ନେତୃତ୍ୱରେ ଭାରତର କିଛି ସର୍ବାଧିକ ସମ୍ମାନିତ ମିଲିଟାରୀ ଲିଡରଙ୍କୁ ଏକାଠି କରିଛି । ଏହା ଏକ ମିଳିତ ବିଶ୍ୱାସକୁ




ଏହି ସମ୍ପର୍କରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, "ଆଇଜି ଡିଫେନ୍ସ ଦାୟିତ୍ୱର ଏକ ଗଭୀର ଭାବନାର ପ୍ରତିନିଧିତ୍ୱ କରୁଛି । ଏହି ସମ୍ପ୍ରସାରଣ ଅଭିଯାନକୁ ସମର୍ଥନ କରିବା ପାଇଁ ଆଇଜି ପ୍ରତିଫଳନ କରୁଛି ଯେ, ଭାରତର ଭବିଷ୍ୟତର ପ୍ରତିରକ୍ଷା କ୍ଷମତାଗୁଡ଼ିକୁ ପରିଚାଳନାଗତ ଅଭିଜ୍ଞତା ଓ ସ୍ୱଦେଶୀ ଟେକ୍ନୋଲୋଜି ବିକାଶ ମଧ୍ୟରେ ଘନିଷ୍ଠ ସମନ୍ୱୟ ମାଧ୍ୟମରେ ବିକଶିତ କରାଯିବା ଉଚିତ ।

## ପାୱାରଅପ୍ ମନି ସିରିଜ୍ -ଏରେ ୧୨ ନିୟୁତ ଡଲାର ସଂଗ୍ରହ

ଭୁବନେଶ୍ୱର(ସବ୍ୟୁ): ଏକ ମ୍ୟୁଚୁଆଲ୍ ଫଣ୍ଡ ପରାମର୍ଶଦାତା ୱେଲ୍‌ଟେକ୍ ପ୍ଲାଟଫର୍ମ, ପାଓ୍ୱାରଅପ୍ ମନି ଏହା ପିକ୍ ଏକ୍ସଭି ନେତୃତ୍ୱରେ ସିରିଜ୍ ଏ ପାଣ୍ଠିରେ ୧୨ ନିୟୁତ ଡଲାର ସଂଗ୍ରହ କରିଛି । ଯାହାର ପରିଣାମସ୍ୱରୂପ, ବିଦ୍ୟମାନ ନିବେଶକମାନେ ଆସେଲ୍, ବ୍ଲୁମ୍ ଭେଂଚର୍ସ ଏବଂ କାଇ କ୍ୟାପିଟାଲ୍, ସେମାନଙ୍କର ପୂର୍ବ ପ୍ରତିଶ୍ରୁତିକୁ ଦ୍ୱିଗୁଣିତ କରିଛନ୍ତି । ଏହି ରାଉଣ୍ଡରେ ୮ଆଇ ଭେଞ୍ଚର୍ସ ଏବଂ ଡେଭିସି ରୁ ମଧ୍ୟ ନିରନ୍ତର ସମର୍ଥନ ମିଳିଛି ଏବଂ କମ୍ପାନୀ ୭.୨ ନିୟୁତ ଡଲାର ସିଡ୍ ପାଣ୍ଠି ସଂଗ୍ରହ କରିବାର ମାତ୍ର ଛଅ ମାସ ପରେ ଏହା ହାସଲ କରିଛି । ପାୱାରଅପ୍ ମନିର ପ୍ରତିଷ୍ଠାତା ଏବଂ ସିଇଓ ପ୍ରତୀକ ଜିନ୍ଦଲ କହିଛନ୍ତି ଯେ ଯେତେବେଳେ ଅଧିକ ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡରେ ଅଂଶଗ୍ରହଣ କରନ୍ତି, ପ୍ରକୃତ ବ୍ୟବଧାନ ବିଶ୍ୱସନୀୟ, ଗବେଷଣା-ନେତୃତ୍ୱାଧୀନ ପରାମର୍ଶର ପ୍ରବେଶରେ ରହିଛି ଯାହା ନିବେଶକମାନଙ୍କୁ ଶୃଙ୍ଖଳିତ, ଦୀର୍ଘକାଳୀନ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ ।

# କୂଆଖିଆ ମହୋତ୍ସବରେ ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟିତ

କଟକ, (ସ୍ୱପ୍ର) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୂଆଖିଆ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୧୨ ଦିନ ବ୍ୟାପି ଏହି ମହୋତ୍ସବରେ ଭଳି କି ଭଳି ମନଲୋଭା ସମ୍ଭାର ସାଙ୍ଗକୁ ମୀନାବଜାର ଯାତ୍ରୀଙ୍କୁ ବେଶ ମନୋରଞ୍ଜନ ଯୋଗାଇ ଥିଲା । ଏହି ଅବସରରେ ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ହାସଲ କରିଥିବା ଖାଇବା ତେଲ ଫ୍ରିଡମର ଷ୍ଟଲ ବିତରକ ଗଜନ୍ନାଥ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଦିଲ୍ଲୀପ ସାମଲଙ୍କ ସଂଯୋଜନାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରତ୍ୟେକ ତେଲର କ୍ରୟ ଉପରେ ଆକର୍ଷଣୀୟ



ରିହାତି ରହିଥିବା ବେଳେ ୫ଲିଟର ଜାର କିଣିଲେ ଗୋଟିଏ ବାଲଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡିଶା ମୁଖ୍ୟ ଅମୀୟ କୁମାର ଧଳ ସୂଚନା ଦେଇଛନ୍ତି । ସେ ମହୋତ୍ସବକୁ ଆସୁଥିବା ପ୍ରତ୍ୟେକ ଯାତ୍ରାପ୍ରେମୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏହି ଉଦଘାଟନୀ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ବସନ୍ତ କୁମାର ଘଡେଇ, ପ୍ରଦୀପ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

### ଏଏମ୍/ ଏନ୍‌ଏସ୍ ଇଣ୍ଡିଆକୁ ସିଆଇଆଇ ପକ୍ଷରୁ

# ୨୦୨୫ର ଅନ୍ୟତମ ଶ୍ରେଷ୍ଠ ୧୦୦ ଅଭିନବ କମ୍ପାନୀର ମାନ୍ୟତା

ଭୁବନେଶ୍ୱର, (ସବ୍ୟୁ) : କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) କୁ ୨୦୨୫ ମସିହାର ଅନ୍ୟତମ ୩୯ଶ୍ରେଷ୍ଠ ୧୦୦ ଅଭିନବ କମ୍ପାନୀ୩୯ ଭାବେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ହୋଟେଲ ଲି ମେରିଡିଏନରେ ଆୟୋଜିତ ଟେକ୍ନୋଲୋଜି, ଆର ଆଣ୍ଡ ଡି ଏବଂ ବୌଦ୍ଧିକ ସମ୍ପତ୍ତି ସମ୍ପର୍କିତ ୩୯ସିଆଇଆଇ ଗ୍ଲୋବାଲ୍ ସମ୍ମିଳନୀ ୩୯ ଅବସରରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏକ ଗ୍ରାଣ୍ଡ ଜୁରୀଙ୍କ ଦ୍ୱାରା କଠୋର ମୂଲ୍ୟାଙ୍କନ ଓ ବିଚାର ବିମର୍ଶ ପରେ କମ୍ପାନୀକୁ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି, ଯାହା ଟେକ୍ନୋଲୋଜି ଏବଂ ଅନୁସନ୍ଧାନ କ୍ଷେତ୍ରରେ ଅଗ୍ରଗାମୀ ଉଦ୍ଭାବନ ତଥା ଉତ୍କର୍ଷତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ସିଆଇଆଇ ଇଣ୍ଡଷ୍ଟ୍ରିଆଲ୍ ଇନୋଭେସନର ଅଧ୍ୟକ୍ଷ ବିପିନ୍ ସୋନ୍ଧୀ ଓ ସହ-ଅଧ୍ୟକ୍ଷ ଆଲୋକ ନନ୍ଦ, ସହ-ଅଧ୍ୟକ୍ଷ ପ୍ରଫେସର ରଷିକେଶ ଟି. କ୍ରିଷ୍ଣନ୍ ଏବଂ ସିଆଇଆଇ ଟେକ୍ନୋଲୋଜି, ଇନୋଭେସନ ଆଣ୍ଡ ଆଇପି ବିଭାଗର କାର୍ଯ୍ୟନିର୍ବାହୀ




ନିର୍ଦ୍ଦେଶକ ଡକଫର ଆଶିଷ ମୋହନଙ୍କଠାରୁ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପାରାଦ୍ୱୀପ କ୍ୟାପଟିଭ୍ ପାୱାର ପ୍ଲାଣ୍ଟର ମୁଖ୍ୟ ରାଜଶ୍ରୀ ସିହ୍ନା, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମେକାନିକାଲ୍ ମୁଖ୍ୟ ପାର୍ଥପ୍ରତିମ ଚାଟାର୍ଜୀ, ପେଲେଟ୍ ପ୍ଲାଣ୍ଟର ପ୍ରଡକ୍ସନ ସେକ୍ସନ ହେଡ୍ ଶିବା କ୍ରୀଷ୍ଣା ଜି ଏବଂ ହାଜିରା ପ୍ଲାଣ୍ଟ ବିଜନେସ୍ ଏକ୍ସଲେନ୍ସ ବିଭାଗର ମନୋଜ ନନ୍ଦ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ମାନ୍ୟତା ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆର ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ବୌଦ୍ଧିକ ସମ୍ପତ୍ତି ବିକାଶ ମାଧ୍ୟମରେ ଶିଳ୍ପ ଜଗତର ଭବିଷ୍ୟତ ଗଠନରେ ଏହାର ଭୂମିକାକୁ ଦର୍ଶାଉଛି । ୨୦୨୫ର ଶ୍ରେଷ୍ଠ ୧୦୦ ଅଭିନବ କମ୍ପାନୀ ତାଲିକାରେ ଅନ୍ତର୍ଭୁକ୍ତ ହେବା, ସ୍ଥାୟୀ ଅଭିବୃଦ୍ଧି ନିମନ୍ତେ ପରିବର୍ତ୍ତନଶୀଳ ସମାଧାନ ପ୍ରସ୍ତୁତ କରିବା କ୍ଷେତ୍ରରେ କମ୍ପାନୀର ଅଗ୍ରଣୀ ଭୂମିକାକୁ ପୁନଃ ପ୍ରତିପାଦିତ କରିଛି ।

# ଜାତୀୟ ଶିକ୍ଷାନୀତି - ୨୦୨୦ ସଂପର୍କରେ ଆଲୋଚନାଚକ୍ର

କଟକ, (ସବ୍ୟୁ):ସାରା ଭାରତ ଶିକ୍ଷା ବଂଚାଅ କମିଟି କଟକ ଜିଲ୍ଲା ପକ୍ଷରୁ କଟକର ଗୋପାଳପୁରଠାରେ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଜି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅବସପ୍ରାପ୍ତ ବିଶିଷ୍ଟ ଶିକ୍ଷକ ରଞ୍ଜନ କୁମାର ଲେଙ୍କା ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସାରା ଭାରତ ଶିକ୍ଷା ବଂଚାଅ କମିଟି, ରାଜ୍ୟ ଉପ-ସଭାପତି ବିଶ୍ୱାବସୁ ଦାସ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଓ ରାଜ୍ୟ ଅଫିସ ସଂପାଦକ ତଥା କଟକ ଜିଲ୍ଲା ସଂପାଦକ ବବି ବଳବନ୍ତରାୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବିଶିଷ୍ଟ କବି ଅକ୍ଷୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବ୍ରଜ କିଶୋର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସି. ଆର. ଦାସ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାସ, ଜୟନ୍ତ କୁମାର ଦାସ, ସୁକାନ୍ତ ଚନ୍ଦ୍ର ଷଡଙ୍ଗୀ, ପ୍ରଦୀପ୍ତ କୁମାର ପଣ୍ଡା, ସନାତନ ଦାସ, ଭାବଗ୍ରାହୀ ଦାସ, ରୁଦ୍ର ନାରାୟଣ ଲେଙ୍କା, କଲ୍ୟାଣୀ ରାଉତ, ଶିକ୍ଷକ ଅନିତା ମଣ୍ଡଳ, ଗନ୍ଧର୍ବ ଚରଣ ଦାସ, ଆନନ୍ଦ ଚନ୍ଦ୍ର ବେହେରା, ପ୍ରଭାତ କୁମାର ମହାନ୍ତି, ସଂଗଠନର ଜିଲ୍ଲା କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜାତୀୟ ଶିକ୍ଷା ନୀତି ବହୁ ଶିକ୍ଷାବିତ୍, ବୈଜ୍ଞାନିକ, ବୁଦ୍ଧିଜୀବି, ଶିକ୍ଷକ, ଅଧ୍ୟାପକ, ଅଭିଭାବକ, ଛାତ୍ର ତଥା ଜନସାଧାରଣଙ୍କ ମୂଲ୍ୟବାନ ମତାମତକୁ ଉପେକ୍ଷା କରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଏବଂ ଏକତରଫା ଭାବରେ କେନ୍ଦ୍ର କ୍ୟାବିନେଟ୍ ଜାତୀୟ ଶିକ୍ଷାନୀତି - ୨୦୨୦କୁ ଅନୁମୋଦନ କରି ସାରା ଦେଶରେ କାର୍ଯ୍ୟକାରୀ କରାଯାଇଛି । ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ସମସ୍ୟା ଯଥା ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ମାତ୍ରାଧିକ ଫିସ ଆଦାୟ, ଶିକ୍ଷାକ୍ଷେତ୍ରରେ ସରକାରୀ ଖର୍ଚ୍ଚ କାଟ, ଶିକ୍ଷାର ସ୍ୱାତନ୍ତ୍ରତା ଉପରେ ଆକ୍ରମଣ ଇତ୍ୟାଦି ସମସ୍ୟାର ସମାଧାନ ପରିବର୍ତ୍ତେ ଜାତୀୟ ଶିକ୍ଷାନୀତି ଏସବୁକୁ ବୈଧ ଘୋଷଣା କରିଛି । କେବଳ ସୁନ୍ଦର ସୁନ୍ଦର ଶବ୍ଦ ଏବଂ ଅଳଙ୍କାରର ଆଢୁଆଳରେ ଏହା ପଛରେ ଥିବା ଅସଲ ଉଦ୍ଦେଶ୍ୟକୁ ଲୁକ୍କାଇତ ରଖାଯାଇଛି । ବିଶ୍ୱବଜାରରେ ଶିକ୍ଷାକୁ ଏକ ଲାଭଦାୟକ ପଣ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ଶିକ୍ଷାର ଏକାଡେମୀକ ଓ ପ୍ରଶାସନିକ କେନ୍ଦ୍ରୀକରଣ କରିବା ପାଇଁ ଏହି ଶିକ୍ଷାନୀତିରେ ବ୍ୟବସ୍ଥା କରାଯାଇଛି । ଆଦ୍ୟ ଶୈଶବ ଯତ୍ନ ଶିକ୍ଷା, ବିଦ୍ୟାଳୟ କମ୍ପ୍ଲେକ୍ସ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଜରିଆରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଶିକ୍ଷାନୁଷ୍ଠାନଗୁଡିକରେ ନାମଲେଖାର ବ୍ୟବସ୍ଥା କରିବା, ବ୍ଲେଣ୍ଡେଡ ପଦ୍ଧତିରେ ଶିକ୍ଷାଦାନ, ଚାରି ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ କରିବା ଭଳି ମିଠା କଥାର ଆଢୁଆଳରେ ଏହା ଶିକ୍ଷାର ବ୍ୟବସାୟୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ।

# ଆଜିଠୁ ବର୍ଦ୍ଧିତ ରେଳ ଯାତ୍ରୀ ଭଡ଼ା ଲାଗୁ

**ନୂଆଦିଲ୍ଲୀ:** ଭାରତୀୟ ରେଳବାଇ ଯାତ୍ରୀ ଭଡ଼ା ଢାଞ୍ଚାକୁ ଯୁକ୍ତିସଂଗତ କରିଛି । ଏହି ନୂଆ ଢାଞ୍ଚା ୨୬ ଡିସେମ୍ବର ୨୦୨୫ ଠାରୁ ଲାଗୁ ହେବ । ଯାତ୍ରୀଭଡ଼ାକୁ ସୁଲଭ କରିବା ଏବଂ ପରିଚାଳନାଗତ ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସଂଶୋଧିତ ଯାତ୍ରୀ ଭଡ଼ା ଢାଞ୍ଚାରେ ଉପସହରାଞ୍ଚଳ ରେଳ ସେବା ପାଇଁ ଦର ବୃଦ୍ଧି କରାଯାଇନାହିଁ । ସେହିପରି ଉଭୟ ଉପସହରାଞ୍ଚଳ ଏବଂ ଅଣ-ଉପସହରାଞ୍ଚଳ ମାର୍ଗରେ ଋତୁକାଳୀନ ଟିକେଟ୍ ଦର ମଧ୍ୟ ଅପରିବର୍ତ୍ତିତ ରହିଛି ।



ସାଧାରଣ ଅଣ ଏସି (ଅଣ-ଉପସହରାଞ୍ଚଳ) ସେବା ପାଇଁ ଯାତ୍ରୀ ଭଡ଼ାକୁ ଦ୍ୱିତୀୟ ଶ୍ରେଣୀ ସାଧାରଣ, ସ୍ଲିପର କ୍ଲାସ୍ ସାଧାରଣ ଏବଂ ପ୍ରଥମ ଶ୍ରେଣୀ ସାଧାରଣ ଆଧାରରେ କ୍ରମବଦ୍ଧ ଭାବେ ଯୁକ୍ତିସଂଗତ କରାଯାଇଛି ।

ଦ୍ୱିତୀୟ ଶ୍ରେଣୀ ସାଧାରଣ ବର୍ଗରେ, ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି କରାଯାଇ ନାହ । ଏହାଦ୍ୱାରା କମ୍ ଦୂରତା ଏବଂ ଦୈନନ୍ଦିନ ଯାତ୍ରୀମାନେ ପ୍ରଭାବିତ ହେବେ ନାହିଁ । ୨୧୬ କିଲୋମିଟରରୁ ୭୫୦ କିଲୋମିଟର ଦୂରତା ପାଇଁ, ଭଡ଼ା ମାତ୍ର ୫ ଟଙ୍କା ବୃଦ୍ଧି ହୋଇଛି । ଲମ୍ବା ଯାତ୍ରା ପାଇଁ ଏହି ବୃଦ୍ଧି ପର୍ଯ୍ୟାୟକ୍ରମେ ପ୍ରୟୋଗ କରାଯାଇଛି, ଯଥା - ୭୫୧ କିଲୋମିଟରରୁ ୧୨୫୦ କିଲୋମିଟର ଦୂରତା ପାଇଁ ୧୦ ଟଙ୍କା, ୧୨୫୧ କିଲୋମିଟରରୁ ୧୭୫୦ କିଲୋମିଟର ଦୂରତା ପାଇଁ ୧୫ ଟଙ୍କା ଏବଂ ୧୭୫୧ କିଲୋମିଟରରୁ ୨୨୫୦ କିଲୋମିଟର ଦୂରତା ପାଇଁ ୨୦ ଟଙ୍କା ବୃଦ୍ଧି କରାଯାଇଛି ।

ସ୍ଲିପର କ୍ଲାସ ସାଧାରଣ ଏବଂ ପ୍ରଥମ ଶ୍ରେଣୀ ସାଧାରଣ ବର୍ଗରେ, ଅଣ-ଉପସହରାଞ୍ଚଳ ଯାତ୍ରା ପାଇଁ ଭଡା ପ୍ରତି କିଲୋମିଟର ୧ ପଇସା ହାରରେ ସମାନ ଭାବରେ ସଂଶୋଧିତ କରାଯାଇଛିଛ ଏଥିରେ ଯାତ୍ରୀ ଭଡାକୁ ଧୀରେ ଧୀରେ ଏବଂ ସୀମିତ ହାରରେ ବୃଦ୍ଧି ସୁନିଶ୍ଚିତ କରାଯାଇଛି ।

ମେଲ୍ / ଏକ୍ସପ୍ରେସ୍ ଟ୍ରେନଗୁଡ଼ିକରେ, ନନ୍-ଏସି ଏବଂ ଏସି ଶ୍ରେଣୀ ପାଇଁ ପ୍ରତି କିଲୋମିଟର ପିଛା ୨ ପଇସା ଭଡ଼ା ବୃଦ୍ଧିକୁ ଯୁକ୍ତିସଂଗତ କରାଯାଇଛି । ଏଥିରେ ସ୍ଲିପର୍ କ୍ଲାସ, ପ୍ରଥମ ଶ୍ରେଣୀ, ଏସି ଚେୟାର କାର୍, ଏସି ୩-ଟାୟାର, ଏସି ୨-ଟାୟାର ଏବଂ ଏସି ପ୍ରଥମ ଶ୍ରେଣୀ ଅନ୍ତର୍ଭୁକ୍ତଛ ଉଦାହରଣ ସ୍ୱରୂପ, ନନ୍-ଏସି ମେଲ୍/ଏକ୍ସପ୍ରେସ୍ କୋଚ୍ରେ ୫୦୦ କିଲୋମିଟର ଯାତ୍ରା ପାଇଁ, ଯାତ୍ରୀମାନଙ୍କୁ କେବଳ ପ୍ରାୟ ୧୦ ଟଙ୍କା ଅତିରିକ୍ତ ଭଡ଼ା ଦେବାକୁ ପଡିବ ।

ତେଜସ ରାଜଧାନୀ, ରାଜଧାନୀ, ଶତାବ୍ଦୀ, ଦୂରନ୍ତୋ, ବନ୍ଦେ ଭାରତ, ହମସଫର, ଅମୃତ ଭାରତ, ତେଜସ, ମହାମନା, ଗତିମାନ, ଅନ୍ତ୍ୟୋଦୟ, ଗରିବ ରଥ, ଜନ ଶତାବ୍ଦୀ, ଯୁବ ଏକ୍ସପ୍ରେସ, ନମୋ ଭାରତ ରାପିଡ୍ ରେଳ ଏବଂ ସାଧାରଣ ଅଣ-ଉପସହରାଞ୍ଚଳ ସେବା (ଯେଉଁଠି ଆବଶ୍ୟକ, ଏସି ମେମୁ/ମେମୁକୁ ବାଦ ଦେଇ) ସମେତ ପ୍ରମୁଖ ଟ୍ରେନ୍ ସେବାଗୁଡ଼ିକର ବର୍ତ୍ତମାନର ମୂଳ ଭଡ଼ାରେ ସଂଶୋଧନ କରାଯାଇଛି । ଏହାକୁ ଅନୁମୋଦିତ ଶ୍ରେଣୀ-ୱାରି ମୂଳ ଭଡ଼ା ବୃଦ୍ଧି ନିୟମ ଅନୁସାରେ ଯୁକ୍ତିସଂଗତ କରାଯାଇଛି । ପ୍ରଯୁଜ୍ୟ ଶ୍ରେଣୀଗୁଡ଼ିକରେ ସମାନ ଭାବରେ ଏବଂ ଏକ କ୍ରମାନୁସାରେ ଏହି ସଂଶୋଧନ କରାଯାଇଛି ।

ଉଲ୍ଲେଖ ଯୋଗ୍ୟ, ସଂରକ୍ଷିତ ଶୁଳ୍କ, ସୁପରଫାଷ୍ଟ ସରଚାର୍ଜ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଶୁଳ୍କରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଏଗୁଡ଼ିକ ପ୍ରଚଳିତ ନିୟମ ଅନୁଯାୟୀ ଆଦାୟ କରାଯିବ । ଜିଏସଟିର ପ୍ରୟୋଗ ମଧ୍ୟ ଅପରିବର୍ତ୍ତିତ ରହିଛି ଏବଂ ପ୍ରଚଳିତ ମାନଦଣ୍ଡ ଅନୁଯାୟୀ ମୋଟ୍ ଭଡ଼ା ନିର୍ଦ୍ଧାରଣ କରାଯିବ ।

ସଂଶୋଧିତ ଭଡ଼ା କେବଳ ୨୬ ଡିସେମ୍ବର ୨୦୨୫ କିମ୍ବା ତା'ପରେ ବୁକ୍ ହୋଇଥିବା ଟିକେଟ୍ ଉପରେ ଲାଗୁ ହେବ । ନୂଆ ଦର ଲାଗୁ ହେବା ତାରିଖ ପରେ ଯାତ୍ରା କଲେ ମଧ୍ୟ ପୂର୍ବରୁ ବୁକ୍ ହୋଇଥିବା ଟିକେଟ୍ ପାଇଁ କୌଣସି ଅତିରିକ୍ତ ଶୁଳ୍କ ଲାଗୁ ହେବ ନାହିଁ ।

ଷ୍ଟେସନଗୁଡ଼ିକରେ ପ୍ରଦର୍ଶିତ ଭଡ଼ା ତାଲିକାକୁ ସଂଶୋଧିତ କରାଯାଇ ୨୬ ଡିସେମ୍ବର ୨୦୨୫ଠାରୁ ଲାଗୁ ନୂଆ ଦର ପ୍ରଦର୍ଶନ କରାଯିବ ।

▸▸ ଆଜି ବୀର ବାଳ ଦିବସ

## 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର' ପ୍ରଦାନ କରିବେ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଆସନ୍ତା କାଲି ବୀର ବାଳ ଦିବସ ପାଳନ କରାଯିବ ।ଭାରତର ଯୁବ ନାୟକମାନଙ୍କର ସାହସ, ତ୍ୟାଗ ଓ ଅନୁକରଣୀୟ ମୂଲ୍ୟବୋଧକୁ ସ୍ମରଣ କରିବାକୁ ଏହି ଦିବସ ପାଳନ କରାଯାଉଛି ।ଏହି ଦିନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର (ପିଏମଆରବିପି) ପ୍ରଦାନ କରାଯିବ ।




ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ସାହସ, କଳା ଏବଂ ସଂସ୍କୃତି, ପରିବେଶ, ସମାଜସେବା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ଉତ୍କର୍ଷତା ପାଇଁ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମାନ ।୨୦୨୫ ମସିହାରେ, ୧୮ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୨୦ ଜଣ ପିଲାଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛିଛ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିବେ । ବୀର ବାଳ ଦିବସ ୨୦୨୫ର ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ୨୬ ଡିସେମ୍ବର, ୨୦୨୫ ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ । ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ସେ ଏହି ଅବସରରେ ଭାରତର ଶିଶୁ ଏବଂ ଯୁବକମାନଙ୍କୁ ସମ୍ବୋଧନ କରିବା ସହ ଦେଶ ନିର୍ମାଣରେ ଯୁବ ନାଗରିକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବେ । ଏହି କାର୍ଯ୍ୟକ୍ରମରେ ପିଲା ଏବଂ ଯୁବକମାନଙ୍କୁ ଅନୁପ୍ରାଣିତ କରିବାକୁ ସାହସିକତା, ସହନଶୀଳତା ଏବଂ

■ ୨୦ ପିଲାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଳ ପୁରସ୍କାର

■ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

ନିଃସ୍ୱାର୍ଥପର ସେବାର କାହାଣୀମାନ ପ୍ରଦର୍ଶିତ ହେବ । ଏହା ଦ୍ୱାରା ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ସଶକ୍ତ ଏବଂ ଦାୟିତ୍ୱବାନ ନାଗରିକମାନଙ୍କୁ ଗଢିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ସୁଦୃଢ ହେବ । ଏହି ଅବସରରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସ୍ୱାଗତ ଭାଷଣ ଦେବେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ପିଲା, ପିଏମଆରବିପି ପୁରସ୍କାର ବିଜେତା ଏବଂ ସାରା ଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ । ଭାରତର ସମୃଦ୍ଧ ସଭ୍ୟତା ଐତିହ୍ୟ ଏବଂ ସାହସିକତାର ଭାବନାକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଏହି ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଏବଂ ଆଦର୍ଶକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦଘାଟନ କରିଛନ୍ତି । ରାଷ୍ଟ୍ର ପ୍ରେରଣା ସ୍ଥଳରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚ କାଂସ୍ୟ ପ୍ରତିମୂର୍ତ୍ତି ରହିଛି । ଏଥିରେ ଭାରତର ଜାତୀୟ ଯାତ୍ରା ଏବଂ ନେତୃତ୍ୱ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ପଦ୍ମ ଆକୃତିର ଅତ୍ୟାଧୁନିକ ସଂଗ୍ରହାଳୟ ମଧ୍ୟ ରହିଛି ।




## ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

**ଢାକା:** ବାଂଲାଦେଶରେ ଦୀପୁ ଦାସଙ୍କ ନିର୍ମମ ଭୀଡ଼ହତ୍ୟାକୁ ନେଇ ସମଗ୍ର ବିଶ୍ୱ ସ୍ତବ୍ଧ ଥିବାବେଳେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ଉଗ୍ର ଭୀଡ଼ । ମୃତ ଯୁବକଙ୍କ ନାଁ ଅମୃତ ମଣ୍ଡଳ ଓରଫ ସମ୍ରାଟ ।

ଏଥର, ଅପରାଧୀମାନେ ଇଷ୍ଟନିନ୍ଦାର ବାହାନା ନ ପାଇ ଏକ ନୂତନ ଅଭିଯୋଗ ଉଦ୍ଭାବନ କରିଥିଲେ ଏବଂ ଏକ ଜନଗହଳିପୂର୍ଣ୍ଣ ବଜାରରେ ୨୯ ବର୍ଷୀୟ ଯୁବକଙ୍କୁ ନିର୍ମମ ଭାବରେ ଆକ୍ରମଣ କରିଥିଲେ ଯେ ସେ ଚେତାଶୂନ୍ୟ ହୋଇଗଲେ । ପୂର୍ବ ଘଟଣା ପରି ଏଥର ବି ପୁଲିସ ମୂକ ଦର୍ଶକ ସାଜିଥିଲା ଓ ଘଟଣା ପରେ ମାମଲାର ଲୋକଦେଖାଣିଆ ତଦନ୍ତ କରୁଛି । ପାଂଶା ଉପ-ଜିଲ୍ଲାର ହୋସାଇଣ୍ଡଙ୍ଗା ପୁରୁଣା ବଜାରରେ ବୁଧବାର ରାତି ପ୍ରାୟ ୧୧ଟା ସମୟରେ ଏହି ଘଟଣା ଘଟିଥିବା ଜଣା ପଡ଼ିଛି । କିନ୍ତୁ ପୁଲିସ ତୁରନ୍ତ ଜନସାଧାରଣଙ୍କୁ ଏ ନେଇ ସୂଚନା ଦେଇ ନଥିଲାଛ ପୁଲିସ ଅନୁଯାୟୀ, ଅମୃତ ମଣ୍ଡଳଙ୍କ ଉପରେ ଦାଦାବଟି ଆଦାୟ ଅଭିଯୋଗ ଥିଲା । ପାଂଶା ମଡେଲ ପୁଲିସ ଷ୍ଟେସନର ଭାରପ୍ରାପ୍ତ ଅଧିକାରୀ ଶେଖ ମୋଇନୁଲ ଇସଲାମ ଗୁରୁବାର ସକାଳେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ଅମୃତ ମଣ୍ଡଳ ଓରଫ ସମ୍ରାଟ ପୁଲିସ ଦ୍ୱାରା କଳାତାଲିକାଭୁକ୍ତ ସମ୍ରାଟ ବାହିନୀର ଜଣେ ନେତା ଥିଲା । ସେ ହୋସାଇଣ୍ଡଙ୍ଗା ଗାଁର ବାସିନ୍ଦା ଅକ୍ଷୟ ମଣ୍ଡଳଙ୍କ ପୁଅ ଥିଲେ । ପୁଲିସ ଏବେ ମାମଲାର ତଦନ୍ତ କରୁଛି, ଏବଂ ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।



### ପ.ବଙ୍ଗରେ ବାଂଲା ବିରୋଧୀ ଆନ୍ଦୋଳନ

## ହାଓଡ଼ାରେ ବିଜେପି ସମର୍ଥକ-ପୋଲିସ ମୁହାଁମୁହିଁ

**କୋଲକାତା:** ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ବାଂଲାଦେଶ-ବିରୋଧୀ ଆନ୍ଦୋଳନ ଜାରି ରହିଛି । ଆଜି ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାର ଅନେକ ସ୍ଥାନରେ ହିନ୍ଦୁ ସମର୍ଥିତ ସଂଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ ପିଟିପିଟି ହତ୍ୟା ଘଟଣାକୁ ବିରୋଧ କରି ଏହି ଆନ୍ଦୋଳନ ହୋଇଛି । ଆନ୍ଦୋଳନ ସମୟରେ ଆଜି ହାଓଡ଼ାରେ ପୁଲିସ ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଛି । ହାଓଡ଼ା ବ୍ରିଜ୍ ଅଭିମୁଖେ ଯାଉଥିବା ଏକ ଶୋଭାଯାତ୍ରାକୁ ପୁଲିସ ଅଟକାଇବାରୁ ସମସ୍ୟା ଉପୁଜିଥିଲା । ଆନ୍ଦୋଳନକାରୀ ଏବଂ ପୁଲିସ ମଧ୍ୟରେ ପ୍ରବଳ ବଚସା ହୋଇଥିଲା । ହାଓଡ଼ା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସାଧାରଣ ଜୀବନ ବାଧାପ୍ରାପ୍ତ କରିବାପାଇଁ ଆମେ କାହାକୁ ସୁଯୋଗ ଦେବୁନାହିଁ । ସନାତନୀ ଐକ୍ୟ ପରିଷଦର ସଦସ୍ୟମାନେ ଉତ୍ତର ୨୪ ପ୍ରଗଣାର ପେଟ୍ରାପୋଲ ଏବଂ ଘୋଜଡଙ୍ଗା , ମାଲଦାର ମନୋହରପୁର ମୁଚିଆ ଏବଂ କୁଚବିହାର ଜିଲ୍ଲାର ଚାଙ୍ଗରବାନ୍ଧାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉତ୍ତର ୨୪ ପ୍ରଗଣାରେ ବିଜେପି ବିଧାୟକ ଅଶୋକ କିର୍ତ୍ତନିଆ ଜୟନ୍ତିପୁର



ବଜାରରୁ ପେଟ୍ରାପୋଲ ସୀମାକୁ ଏକ ଶୋଭାଯାତ୍ରା କରିଥିଲେ । ଆନ୍ଦୋଳନକାରୀଙ୍କୁ ବିଏସ୍ଏଫ୍ ଦ୍ୱାରା ଜିରୋ ପଏଣ୍ଟ ନିକଟରେ ଅଟକାଯାଇଥିଲା । ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ ଏବଂ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶ ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଥିଲେ । ଆନ୍ଦୋଳନଯାତ୍ରା ସମୟରେ କିର୍ତ୍ତନିଆ କହିଛନ୍ତି ଯେ ବାଂଲାଦେଶ ପ୍ରଶାସନକୁ ଏକ ଶିକ୍ଷା ଦେବାପାଇଁ ସୀମା ବାଣିଜ୍ୟ ବନ୍ଦ କରିଦେବା ଉଚିତ । ପଡ଼ୋଶୀ ରାଷ୍ଟ୍ରରେ ସଂଖ୍ୟାଲଘୁଙ୍କ ଅଧିକାର ଏବଂ ସୁରକ୍ଷା ସୁନିଶ୍ଚିତ ହେବା ପର୍ଯ୍ୟନ୍ତ ସୀମା ବାଣିଜ୍ୟ ବନ୍ଦ ହେବା ଉଚିତ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ମାଲଦାର ମନୋହରପୁର ସୀମାରେ ହିନ୍ଦୁ ସମ୍ପ୍ରଦାୟ ସଦସ୍ୟମାନେ ପାରମ୍ପରିକ ବାଦ୍ୟ ଉପକରଣ ବଜାଇ ଏକ ପ୍ରତୀତାତ୍ମକ ଆନ୍ଦୋଳନ କରିଛନ୍ତି ।

## ଖଡ଼ଗେଙ୍କୁ ଭେଟିଲେ ଶିବକୁମାର

**ବେଙ୍ଗାଲୁରୁ:** କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୁରୁବାର ଦିନ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ । ଏହି ଭେଟଘାଟ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚାଲିଥିବା କ୍ଷମତା ସଂଘର୍ଷ ବିଷୟରେ ଚର୍ଚ୍ଚାକୁ ବଢ଼ାଇଦେଇଛି । ତଥାପି, ବୈଠକ ପରେ ଶିବକୁମାର କହିଛନ୍ତି ଯେ ସେମାନେ କୌଣସି ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିନାହାଁନ୍ତି । ସେ କହିଛନ୍ତି ଯେ ରାଜ୍ୟ କଂଗ୍ରେସ ୟୁନିଟର ମୁଖ୍ୟ ଭାବରେ, ସେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ) ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ତାଙ୍କର ମତାମତ ବାଣ୍ଟିବାକୁ ଆସିଥିଲେ ।

ଡିସେମ୍ବର ୨୭ରେ ହେବାକୁ ଥିବା କଂଗ୍ରେସ କାର୍ଯ୍ୟ କମିଟି ବୈଠକ ପୂର୍ବରୁ ଏହି ଆଲୋଚନା ହୋଇଥିଲା । ଶିବକୁମାର କହିଛନ୍ତି ଯେ ସେ ଖଡ଼ଗେଙ୍କ ସହିତ ଅନ୍ୟ କୌଣସି ପ୍ରସଙ୍ଗ ଉଠାଇ ନାହାଁନ୍ତି । ସେ କହିଛନ୍ତି, "ଏହାର କୌଣସି ଆବଶ୍ୟକତା ନାହିଁ, ମୁଁ ତାହା କରିବି ନାହିଁ, ବର୍ତ୍ତମାନ ଏପରି କିଛି ନାହିଁ । ସିଦ୍ଧରମୈୟା ଏବଂ ମୁଁ କହିଛୁ ଯେ ଆମେ ହାଇକମାଣ୍ଡଙ୍କ ନିଷ୍ପତ୍ତି ପାଳନ କରିବୁ, ଏବଂ ଆମେ ଏଥିପାଇଁ ପ୍ରତିବଦ୍ଧ ।" ନିଜକୁ ଜଣେ ଦଳୀୟ କର୍ମୀ ବୋଲି କହିବାର ଅର୍ଥ କ'ଣ ବୋଲି ପଚରାଯିବାରୁ, ଶିବକୁମାର ସ୍ପଷ୍ଟ କରିଛନ୍ତି ଯେ ସେ ପଦ ନିର୍ବିଶେଷରେ ଦଳର ଆଜୀବନ ସଦସ୍ୟ ଭାବରେ ସଂଗଠନର ସେବା କରିବାକୁ ଚାହୁଁଥିଲେ । ସେ କହିଥିଲେ, "ମୁଁ ଜୀବନବ୍ୟାପୀ ଦଳୀୟ କର୍ମୀ । ମୁଁ କୌଣସି ପଦବୀରେ ରହିବି କି ନାହିଁ, ମୁଁ ଜଣେ ଦଳୀୟ କର୍ମୀ ହୋଇ ରହିବି ।

ଶିବକୁମାର ଆହୁରି କହିଛନ୍ତି, "ମୁଁ ଦଳର ପୋଷ୍ଟର ଲଗାଇଛି, ଏବଂ ମୁଁ ଝାଡୁ ମଧ୍ୟ କରିଛି । ମୁଁ କଂଗ୍ରେସ ଦଳ ପାଇଁ ସବୁକିଛି କରିଛି । ମୁଁ କେବଳ ମଞ୍ଚରେ ବସି ଭାଷଣ ଦେବାକୁ ଏଠାକୁ ଆସିନାହିଁ ।" ତାଙ୍କ କଠିନ ପରିଶ୍ରମ ପାଇଁ ତାଙ୍କୁ କେବେ ପୁରସ୍କୃତ କରାଯିବ ପଚରାଯିବାରୁ ସେ କହିଥିଲେ, "ମୁଁ ଏପରି କଥାର ଉତ୍ତର ଦେବି ନାହିଁ ।


## ବିଷ୍ଣୁମୂର୍ତ୍ତି ଭଙ୍ଗାଯିବା ପଛରେ ଧାର୍ମିକ କାରଣ ନାହିଁ : ଥାଇଲାଣ୍ଡ

**ବ୍ୟାଙ୍କକ୍ :** ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ଥିବା ଭଗବାନ ବିଷ୍ଣୁଙ୍କ ଏକ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ରାଜନୀତି ତେଜିଛି । ଏହି ଘଟଣାକୁ ଭାରତ ସରକାର ନିନ୍ଦା କରିବା ପରେ ଥାଇଲାଣ୍ଡ ପକ୍ଷରୁ ସଫେଇ ଦିଆଯାଇଛି । ଥାଇଲାଣ୍ଡ ପକ୍ଷରୁ କୁହାଯାଇଛି ଯେ ମୂର୍ତ୍ତି ଭଙ୍ଗା ପଛରେ କୌଣସି ଧାର୍ମିକ କାରଣ ନଥିଲା ବରଂ ସୁରକ୍ଷା ଓ ପ୍ରଶାସନିକ କାରଣ ଥିଲା । ଥାଇ-କମ୍ବୋଡିଆନ୍ ବର୍ଡର ପ୍ରେସ୍ ସେଣ୍ଟର କହିଛି ଯେ ହିନ୍ଦୁ ଦେବତାଙ୍କ ପ୍ରତିମୂର୍ତ୍ତି ନଷ୍ଟ ଧର୍ମ କିମ୍ବା ବିଶ୍ୱାସ ସହିତ ଜଡିତ ନୁହେଁ । ଥାଇଲ୍ୟାଣ୍ଡ କହିଛି ଯେ ଏହା ହିନ୍ଦୁ ଧର୍ମ ସମେତ ସମସ୍ତ ଧର୍ମକୁ ସମାନ ଭାବରେ ସମ୍ମାନ କରେ । ଥାଇ ଅଧିକାରୀମାନେ କହିଛନ୍ତି, ପ୍ରତିମୂର୍ତ୍ତିଟି ପରେ ସ୍ଥାପିତ ହୋଇଥିଲା ଏବଂ ଏହାକୁ ଆନୁଷ୍ଠାନିକ ଭାବରେ ଏକ ଧାର୍ମିକ ସ୍ଥଳ ଭାବରେ ସ୍ୱୀକୃତି ଦିଆଯାଇନାହିଁ । ଯଦି ଏହାକୁ ହଟାଯାଇ ନଥାନ୍ତା, ତେବେ ଏହା ସମ୍ବେଦନଶୀଳ ସୀମାରେ ଉତ୍ତେଜନା ବୃଦ୍ଧି କରିପାରିଥାନ୍ତା । ଥାଇ ପକ୍ଷ ଅନୁଯାୟୀ, ଭଗବାନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ବିବାଦୀୟ ସୀମା ନିକଟରେ ଚୋଙ୍ଗ ଆନ୍ ମା ଅଞ୍ଚଳରେ ଅବସ୍ଥିତ । ଏହି ମୂର୍ତ୍ତିକୁ ନେଇ କାମ୍ବୋଡିଆ ଥାଇଲାଣ୍ଡର ଅଞ୍ଚଳକୁ ନିଜର କହିବାର ଆଶଙ୍କା ଥିବାରୁ ଏପରି ପଦକ୍ଷେପ ନିଆଯାଇଥିଲା । ଏହା ପୂର୍ବରୁ ଭାରତ କହିଥିଲା ଯେ ଏପରି ଅପମାନଜନକ କାର୍ଯ୍ୟ ସାରା ବିଶ୍ୱରେ ଭକ୍ତଙ୍କ ଭାବନାକୁ ଆଘାତ କରୁଛି । ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆକୁ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସେମାନଙ୍କର ସୀମା ବିବାଦର ସମାଧାନ କରିବାକୁ ମଧ୍ୟ ଭାରତ ଅନୁରୋଧ କରିଥିଲା ।



## ହାତୀ ସୁରକ୍ଷା ପାଇଁ ସହଯୋଗ ଲୋଡ଼ିଲା ଇଣ୍ଡୋନେସିଆ

**ଜାକର୍ତ୍ତା:** ଇଣ୍ଡୋନେସିଆରେ ବ୍ୟାପିଥିବା ଏକ ଗମ୍ଭୀର ରୋଗ ଇଇଏଚଭି ସୁମାତ୍ରା ହାତୀମାନଙ୍କ ଜୀବନକୁ ସଙ୍କଟାପନ୍ନ କରୁଛି । ଏହାର ମୁକାବିଲା କରିବା ପାଇଁ, ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତର ଗୁଜରାଟରେ ଅବସ୍ଥିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନତାରାଠାରୁ ବୈଷୟିକ ସହାୟତା ନେଉଛି । ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନତାରା, ହାତୀମାନଙ୍କର ଚିକିତ୍ସା, ଠିକ ସମୟରେ ରୋଗ ଚିହ୍ନଟ ଏବଂ ନିବାରଣଜନିତ ଯନି କ୍ଷେତ୍ରରେ ଏହାର ବିଶେଷଜ୍ଞତା ମାଧ୍ୟମରେ ଇଣ୍ଡୋନେସିଆର ଅଧିକାରୀମାନଙ୍କୁ ସହାୟତା କରୁଛି ଯାହାଦ୍ୱାରା ଇଇଏଚଭି ଦ୍ୱାରା ହେଉଥିବା ହାତୀ ମୃତ୍ୟୁକୁ ସଠିକ ତଥା ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରାଯାଇପାରିବ । ସୁମାତ୍ରା ହାତୀମାନେ ପୂର୍ବରୁ ହିଁ ବିଲୁପ୍ତ ହେବାର ଗମ୍ଭୀର ବିପଦରେ ରହିଛନ୍ତି ଏବଂ ଆୟୁସିଏନ ଦ୍ୱାରା ସଙ୍କଟାପନ୍ନ ଶ୍ରେଣୀରେ ତାଲିକାଭୁକ୍ତ ହୋଇଛନ୍ତି । ରିଆଉ ପ୍ରଦେଶର ସେବାଙ୍ଗା ହାତୀ ସଂରକ୍ଷଣ କେନ୍ଦ୍ରରେ ଇଇଏଚଭିରେ ଏକ କମ ବୟସର ହାତୀର ମୃତ୍ୟୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି । ଏହା ପରେ, ଇଣ୍ଡୋନେସିଆ ସରକାର, ଏହାର ସ୍ଥାନୀୟ ସହଯୋଗୀ ଫଉନା ଲ୍ୟାଣ୍ଡ ଇଣ୍ଡୋନେସିଆ ମାଧ୍ୟମରେ ବନତାରା ଠାରୁ ବୈଷୟିକ ସହାୟତା ଲୋଡ଼ିଥିଲେ, ଯାହାଦ୍ୱାରା ରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ ଏବଂ ହାତୀମାନଙ୍କ ଉନ୍ନତ ଚିକିତ୍ସା କରାଯାଇପାରିବ ।



ଏହି ସହଯୋଗର ଆଧାରରେ ବନତାରାର ପଶୁଚିକିତ୍ସକ, ଜୀବବିଜ୍ଞାନୀ ଏବଂ ଅନ୍ୟ ବିଶେଷଜ୍ଞମାନେ ରିଆଉରେ ପହଞ୍ଚିଛନ୍ତି । ଏହି ବିଶେଷଜ୍ଞମାନେ ଇଣ୍ଡୋନେସିଆର ଅଧିକାରୀମାନଙ୍କ ସହ ମିଳିତ ଭାବରେ ହାତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଉପରେ ଧ୍ୟାନ ଦେଇ ଚିକିତ୍ସା ଓ ଯନି ପ୍ରଣାଳୀକୁ ସୁଦୃଢ଼କରିବା ଦିଗରେ କାମ କରୁଛନ୍ତି । ବିଶେଷ ଭାବରେ ମାନବ ଯନି ବ୍ୟବସ୍ଥାରେ ଥିବା ହାତୀମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ବନତାରା ଚିକିତ୍ସା ସମ୍ବନ୍ଧୀୟ ପରୀକ୍ଷା, ରୋଗ ନିବାରଣ ଏବଂ ସମ୍ଭାବ୍ୟ ଆଣ୍ଟିଭାଇରାଲ୍ ଔଷଧ ଉପରେ ବୈଷୟିକ ପରାମର୍ଶ ପ୍ରଦାନ କରୁଛି । ଏହା ସହିତ ହାତୀମାନଙ୍କ ସ୍ୱାସ୍ଥ୍ୟ ସହ ଜଡିତ ମୂଳଭୁତ ତଥ୍ୟ ପ୍ରସ୍ତୁତ କରାଯାଉଛି ଏବଂ ମାହୁନ୍ତ ତଥା ସ୍ଥାନୀୟ ପଶୁଚିକିତ୍ସା କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

ଗୁଜରାଟର ଜାମନଗର ସ୍ଥିତ ବନତାରା ଏକ ଆନ୍ତର୍ଜାତୀୟ ସ୍ତରର ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର, ଯେଉଁଠାରେ ହାତୀମାନଙ୍କ ଚିକିତ୍ସା ପାଇଁ ଏକ ଅତ୍ୟାଧୁନିକ ହସ୍ପିଟାଲ ରହିଛି । ଏଠାରେ ରୋଗର ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ଏବଂ ନିବାରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

ଏହି ପଦକ୍ଷେପ ବର୍ତ୍ତମାନ ରିଆଉରେ ଥିବା ବୁଲୁହ ଚୀନା ନେଚର ଟୁରିଜିମ ପାର୍କ ଯାଏଁ ସୀମିତ ରହିଛି, କିନ୍ତୁ ଏହାକୁ ଆଗାମୀ ଦିନରେ ତେସୋ ନିଲୋ ନ୍ୟାସନାଲ ପାର୍କ, ସେବାଙ୍ଗା, ୱେ କମ୍ବାସ ଏବଂ ଇଣ୍ଡୋନେସିଆର ଅନ୍ୟ ଅଞ୍ଚଳକୁ ସମ୍ପ୍ରସାରଣ କରିବାକୁ ଯୋଜନା ରହିଛି । ଏହି ଭାରତ-ଇଣ୍ଡୋନେସିଆ ସହଯୋଗ ସୁମାତ୍ରା ହାତୀଙ୍କ ସଂରକ୍ଷଣକୁ ସୁଦୃଢ଼ କରିବ ।

## ବିରାଟଙ୍କୁ ଦେଖିବା ପାଇଁ ଦର୍ଶକ ପାଗଳ



ବେଙ୍ଗାଲୁରୁ,୨୫।୧୨(ଏଜେନ୍ସି): ସାରାବିଶ୍ୱରେ ବିରାଟ କୋହଲିଙ୍କ ଅଗଣିତ ପ୍ରଶଂସକ ଅଛନ୍ତି । ରନ୍ ମେସିନର ବ୍ୟାଟିଂ ଦେଖିବା ପାଇଁ ସବୁ କାମକୁ ପଛ କରିଦିଅନ୍ତି । ସରକାରୀ କଟକଣା ବି କାମ ଦିଏନି । ଏସବୁ ଦେଖିବାକୁ ମିଳିଛି କର୍ଣ୍ଣାଟକରେ ବିଜାର ହଜାର ଟ୍ରଫିରେ କିଛି ଦର୍ଶକ କୋହଲିଙ୍କ ବ୍ୟାଟିଂ ଦେଖିବା ପାଇଁ ନିଆରା ଉପାୟ ଅବଲମ୍ବନ କରିଛନ୍ତି । ସେମାନେ ଗଛରେ ଚଢ଼ତ ବିରାଟଙ୍କ ବ୍ୟାଟିଂ ଦେଖିଥିଲେ । କର୍ଣ୍ଣାଟକରେ ଦିଲ୍ଲୀ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ମ୍ୟାଚର ଆକର୍ଷଣ ଥିଲା ବିରାଟ କୋହଲି । ଆଇପିଏଲ୍ ବିଜୟ ଶୋଭାଯାତ୍ରାରେ ଘଟିଥିବା ଦଳାଚକଟା କାରଣରୁ ଷ୍ଟାଡିୟମରେ ଦର୍ଶକଙ୍କ ଉପରେ ରୋକ ଲାଗିଥିଲା । ଯାହା ଦର୍ଶକଙ୍କୁ ନିରାଶ କରିଥିଲା । ହେଲେ କିଛି ଦର୍ଶକ ଷ୍ଟାଡିୟମ ପାଖରେ ଥିବା ଗଛରେ ଚଢ଼ି ବ୍ୟାଟିଂ ଦେଖିଥିଲେ । ଯାହାର ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଗଛରେ ଏତେ ଦର୍ଶକ ଚଢ଼ି ଦର୍ଶକ ଦେଖିଥିଲେ ଯେ, ତାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ । କୋହଲି ମଧ୍ୟ ପ୍ରଶଂସକଙ୍କୁ ନିରାଶ କରିନାହାନ୍ତି । ସେ ଦମଦାର ବ୍ୟାଟିଂ ହାସଲ କରିଥିଲେ । କିନ୍ତୁ ଏଥର ଶତକ ଥିଲା ଖୁବ୍ ନିଆରା । କାରଣ ୧୭ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିଛନ୍ତି । ଏଥର ସେ କ୍ରିଜରେ ଥିବା ବେଳେ ବିରାଟ ବିରାଟ ନାରା ଶୁଣିବାକୁ ଥିଲା । ସେ ସଟ ଖେଳିଲେ ବି ତାଳିମାଡ଼ ହେଉନଥିଲା । କାରଣ ବିସିସିଆଇର ନିର୍ଦ୍ଦେଶ କାରଣରୁ ଷ୍ଟାଡିୟମରେ ବି ଜଣେ ହେଲେ ବି ଦର୍ଶକ ନଥିଲେ ।

# ରୋ-କୋଙ୍କ ବ୍ୟାଟିଂ ଦେଖି ଗମ୍ଭୀର, ଅଗରକର ଛାନିଆ





ବେଙ୍ଗାଲୁରୁ,୨୫।୧୨(ଏଜେନ୍ସି): ବିଜୟହଜାରେ ଟ୍ରଫିକୁ ଫେରିଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା । ମୁକାବିଲାର ପ୍ରଥମ ମ୍ୟାଚରେ ଦୁହେଁ ଶତକୀୟ ଇନିଂସ ଖେଳି ସମସ୍ତଙ୍କୁ ଜଳକା କରି ଦେଇଛନ୍ତି । ଖାସ କରି ଭାରତୀୟ ଦଳର କୋଚ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର । ଦୁହିଁଙ୍କ ବ୍ୟାଟରୁ ବାହାରିଥିଲା ଦମଦାର ଶତକ । ପ୍ରଶଂସକ ମଧ୍ୟ ବେଶ ଖୁସି ଅଛନ୍ତି । ଏହା ବିରାଟଙ୍କ ଦମଦାର ବ୍ୟାଟିଂ ନଥିଲା ବରଂ ବିସିସିଆଇକୁ କଡା ଜବାବ ଥିଲା ବୋଲି କୁହାଯାଉଛି । ଅନ୍ତଜାତୀୟ ଦିନିକିଆ ଷ୍ଟାଇଲରେ ବିରାଟ ଶତକ କରି ଅନେକ କଥା କହିଦେଇଛନ୍ତି । ୩୭ ବର୍ଷରେ ଏବେ ବି ଯୁବକଙ୍କ ଭଳି ଫିଟ୍ । ତାଙ୍କ ଫିଟନେସ ଉପରେ ପ୍ରଶ୍ନ କରୁଥିବା ବ୍ୟକ୍ତିଙ୍କୁ ସେ ବ୍ୟାଟରେ ଜବାବ ଦେଇଛନ୍ତି । ବିଶ୍ୱକପରେ ସେ ଖେଳିବା ପାଇଁ ପ୍ରସ୍ତୁତ ହୋଇଥିବାର ସଂକେତ ମଧ୍ୟ ତାଙ୍କ ଇନିଂସରୁ ମିଳିଛି । ୧୦୧ ବଲର ସାମ୍ନା କରି ସେ ୧୩୧ ରନର ଇନିଂସ ଖେଳିଥିଲେ । ଫଳରେ ଦିଲ୍ଲୀ ୨୯୯ ରନର ଟାର୍ଗେଟକୁ ସହଜରେ ହାସଲ କରିନେଇଥିଲା । ଏହି ରନ ସହ କୋହଲି ଲିଷ୍ଟ ଏ' କ୍ରିକେଟରେ ୧୬ ହଜାରରୁ ଅଧିକ ରନ୍ କରିଛନ୍ତି । ଦ.ଆଫ୍ରିକା ବିପକ୍ଷ ଶୃଙ୍ଖଳା ପରେ କୋହଲିଙ୍କ ବ୍ୟାଟରେ ଶତକ ଆସିଛି । ଦ.ଆଫ୍ରିକା ବିପକ୍ଷରେ କୋହଲି ଶତକୀୟ ଇନିଂସ ଫର୍ମକୁ ଫେରିଥିଲେ । ୩ଟି ମ୍ୟାଚରୁ ଦୁଇଟି ଶତକ ଲଗାଇଥିଲେ । ଆଉ ଗୋଟିଏ ମ୍ୟାଚରେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ ।

ଚେଜ ମାଷ୍ଟରଙ୍କ ପ୍ରଦର୍ଶନ ଦେଖି ପ୍ରତିକ୍ରିୟା ଦେଇଛନ୍ତି ପିଲା ଦିନର କୋଚ ରାଜ କୁମାର ଶର୍ମା । ସେ କହିଛନ୍ତି ଯେ, ଦିନିକିଆରେ ବିରାଟ ଯେଉଁ ରେସରେ ଥିଲେ ତାହା ଘରୋଇ ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିଛି । ସେ ଏବେ ଭଲ ଫର୍ମରେ ଅଛନ୍ତି । ଦୀର୍ଘ ୧୫ ବର୍ଷ ପରେ ସେ ଘରୋଇ କ୍ରିକେଟ୍ ଖେଳୁଛନ୍ତି । ଏହା ଦ୍ୱାରା ୨୦୨୭ ବିଶ୍ୱକପ୍ ପରେ ସାମିଲ ହେବା ପରେ କୋହଲି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଭାରତୀୟ ଦଳରେ ବିରାଟ ସବୁଠୁ ଭରସାଯୋଗ୍ୟ ବ୍ୟାଟର । ଲଗାତାର ଭାବେ ସେ ଭଲ ପ୍ରଦର୍ଶନ କରିଆସୁଛନ୍ତି । ତେଣୁ ବିଶ୍ୱକପ୍ ଖେଳିବାରେ କିଛି ଅସୁବିଧା ନଥିବା ରାଜ କୁମାର କହିଛନ୍ତି ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଦାମାହୁଦା ଚାମ୍ପିଅନ

ଢେଙ୍କିକୋଟ,୨୫।୧୨(ସବ୍ୟୁ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଦାମାହୁଦା ଠାରେ ୨୦ ତମ ଏମ.ଏଲ ବାସ୍କେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପନୀ ହୋଇଯାଇଛି ଏହି କାର୍ଯ୍ୟକ୍ରମ ରେ ଫାଇନାଲ ମ୍ୟାଚରେ କାଦଡିହା ସହିତ ମାଛଗଡ ମଧ୍ୟରେ ୮ ଓଭର ଲେଖାଏ ଖେଳ ହୋଇଥିଲା ପ୍ରଥମେ ମାଛଗଡ ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରିଥିଲା ପରେ କାଦଡିହା ସମସ୍ତ ୱିକେଟ ହରାଇ ୩୨ ରନକରି ଅଲ ଆଉଟ ହୋଇଥିଲେ଼ ଚାମ୍ପିଅନ ଦଳକୁ ନଗଦ ୨୭ ହଜାର ଟ୍ରଫି ଓ ରନର୍ସଅପ କୁ ୧୭ ହଜାର ଟ୍ରଫି ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମାଛଗଡ ପଞ୍ଚାୟତ ପୂର୍ବତନ ସମିତିସଭ୍ୟରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତା ଢେଙ୍କିକୋଟ ବରିଷ୍ଠ ସାମ୍ବାଦିକ ସଞ୍ଜୟକୁମାର ସାହୁ, ସମ୍ମାନିତ ଅତିଥିଭାବେ ଦାମାହୁଦା ପୂର୍ବତନ ସରପଞ୍ଚ କାରିଆ ଟୁଡୁ, ସମିତିସଭ୍ୟ ପାରେଶର ସେଠି, ସୁରେନ୍ଦ୍ରନାଥ ମାଁଝି, ଓ ସମାଜସେବୀ ହୃଷୀକେଶ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

## ୩୬ ତମ ରାଜ୍ୟସ୍ତରୀୟ ମଙ୍ଗଳାକପ ଉଦଘାଟିତ

କାକଟପୁର,୨୫।୧୨(ସବ୍ୟୁ): ଗୁରୁବାର କାକଟପୁର ମିନି ଷ୍ଟାଡିୟମ ଠାରେ ୩୬ ତମ ରାଜ୍ୟସ୍ତରୀୟ ମଙ୍ଗଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ରେ ପ୍ରଥମେ ଜୁଭେନାଇଲ ସ୍ପୋର୍ଟିଂ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।୨୦ ଓଭର ବିଶିଷ୍ଟ ମ୍ୟାଚ ରେ ଜୁଭେନାଇଲ ୧୫.୨ ଓଭର ରେ ସମସ୍ତ ୱିକେଟ ହରାଇ ୫୦ ରନ ସଂଗ୍ରହ କରିଥିଲା । ଜବାବରେୟୁନିଅନ ସ୍ପୋର୍ଟିଂ ୯.୩ ଓଭର ରେ ୪ ଉଇକେଟ ହରାଇ ୫୧ ର ନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ଏହି ଉଦଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କାକଟପୁରର ବିଧାୟକତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନୀୟ ଅତିଥି ପୁରୀ ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସଓ୍ୱାଧୀନ କୁମାର ନାୟକ, ଯୁବ ନେତା ହିମାଂଶୁ ଭୂଷଣ ଦୀକ୍ଷିତ. କାକଟପୁର ପ୍ରେସ କ୍ଲବ ଉପସଭାପତି ତଥା ମା ମଙ୍ଗଳା ଙ୍କ ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ମଙ୍ଗଳା କ୍ରିକେଟ କ୍ଲବର ଉପଦେଷ୍ଟା ରାକେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

# ପୁରୀକୁ ୭ ୱିକେଟରେ ହରାଇଲା ଭାଇଜାଗ



ଭୁବନ,୨୫।୧୨(ସବ୍ୟୁ):ଭୁବନ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହେଉଥିବା ୩୪ ତମ ସର୍ବ ଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଲିଗ୍ ମ୍ୟାଚରେ ପଞ୍ଚସଖା କ୍ରିକେଟ କ୍ଲବ ( ପୁରୀ) କୁ ୭ ୱିକେଟରେ ହରାଇ ଭାଇଜାଗ କ୍ରିକେଟ ଏକାଡେମି ( ବିଶାଖା ପାଟଣା) ବିଜୟ ଲାଭ କରିଛି । ଭାଇଜାଗ ଟସରେ ଜିତି ପଞ୍ଚସଖା (ପୁରୀ) କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପୁରୀ ଟିମ୍ ନିର୍ଦ୍ଧାରିତ ୩୦ ଓଭର ରେ ୯ ଟି ୱିକେଟ ହରାଇ ୨୪୯ ରନ କରିଥିଲା । ଜବାବରେ ଭାଇଜାଗ କ୍ରିକେଟ ଏକାଡେମି ୨୫୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ୨୧.୪ ଓଭର ରେ ମାତ୍ର ୩ ଓ୍ୱିକେଟ ହରାଇ ୨୫୪ ରନ ସଂଗ୍ରହ କରି ଭାବେ ବିଜୟ ହାସଲ କରିଥିଲା । ଆଜିର ମ୍ୟାଚରେ ଭାଇଜାଗ ଟିମ୍ ର ଅର୍ଯ୍ୟନ୍ ସାଇ ଲକ୍ଷ୍ମୀଧର ସାହୁ ୬୧ ବଲ୍‌ରେ ୧୫ଚୌକା ୮ ଟି ଛକା ସହାୟତାରେ ୧୩୪ ରନ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ । ଦୁଇ ବରିଷ୍ଠ ଓସିଏ ପ୍ୟାନେଲ ଆମ୍ପାୟାର ଯଶବିନ୍ଦର ସିଂ ଓ ଜ୍ୟୋତି ପ୍ରକାଶ ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଶୁକ୍ରବାର ଭାଇଜାଗ କ୍ରିକେଟ ଏକାଡେମୀ ( ବିଶାଖା ପାଟଣା) ସହିତ ଭୁବନ କ୍ରିକେଟ କ୍ଲବ୍ ମ୍ୟାଚ ଅନୁଷ୍ଠିତ ହେବ ।

# ୧୫ ବର୍ଷରୁ କମ ଓଡିଶା ମହିଳା କ୍ରିକେଟ ଦଳରେ ମୟୂରଭଞ୍ଜର ଲକ୍ଷ୍ମୀ



ବାରିପଦା,୨୫।୧୨(ସବ୍ୟୁ): ମହାରାଷ୍ଟ୍ରର ନାଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ୧୫ବର୍ଷରୁ କମ ବିସିସିଆଇ ଟ୍ରଫି ପାଇଁ ମୟୂରଭଞ୍ଜର ଲକ୍ଷ୍ମୀ ଭଗତ ଓଡିଶା ଦଳରେ ସ୍ଥାନ ପାଇଛନ୍ତି । ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସେ ଓଡିଶା ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ବାରିପଦା ପାଇଁ ସୁନାମ ଆଣିଛନ୍ତି । ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ନଂ ଓ୍ୱାର୍ଡ ସ୍ଥିତ ପ୍ରଫୁଲ୍ଲନଗର ନିବାସୀ ବିଷ୍ଣୁ ଭଗତ ଓ ସୁମନ ଭଗତଙ୍କ ଝିଅ ଲକ୍ଷ୍ମୀ, ମହୁଲିଆ ସ୍ଥିତ ସେକ୍ରେଡ଼ ସନସାଇନ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ ଓ ଝିଅର କ୍ରିକେଟ ଖେଳିବାର ଇଚ୍ଛାଶକ୍ତି ଦେଖି ବାପା ତା'ର ପ୍ରଶିକ୍ଷଣ ପାଇଁ ଲେଟ୍-କଟ୍ କ୍ଲବ ଅଧୀନରେ ଥିବା କ୍ରିକେଟ କୋଚିଂ ଶିବିରରେ ଛାଡିଥିଲେ । ପୂର୍ବତନ ରଣଜୀ ଖେଳାଳି ଦେବୀଦତ୍ତ ମହାନ୍ତିଙ୍କ ଠାରୁ ପ୍ରଶିକ୍ଷଣ ପାଇ ସେ ଓଡିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସହ କୋଚ୍ ଦିବ୍ୟଲୋଚନ ଦାଶ ମଧ୍ୟ ତା'ର ଖେଳ ପାଇଁ ବିଭିନ୍ନପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି । ପ୍ରଥମଥର ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଓଡିଶା ଦଳରେ ସ୍ଥାନ ପାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କୋଚ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଖବର ପାଇ ଲେଟ୍-କଟ୍ କ୍ଲବର ସଭାପତି ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ଦୀପକ କୁମାର ଦାଶ ଓ ସମସ୍ତ ସଦସ୍ୟ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ସରିତା ଭଟ୍ଟର, ଶିକ୍ଷକ/ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିନନ୍ଦନ ଜଣାଇବା ସହ ଆଗାମୀ ଖେଳ ପାଇଁ ସଫଳତା କାମନା କରିଛନ୍ତି ।

## ସର୍ବଭାରତୀୟ ମହିଳା ଫୁଟବଲ: ଓଡିଶା ପୋଲିସ ବିଜୟୀ

ଶରଣକୁଳ,୨୫।୧୨(ସବ୍ୟୁ): ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଶରଣକୂଳ ସ୍ପୋଟସ ଆସୋସିଏସନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଗୁରବାର ଦିନ ବାଚସ୍ପତି ସୁରମା ପାଢ଼ୀ ଉଦଘାଟନ କରିଥିଲେ । ଆଜିର ଖେଳରେ ଓଡିଶା ପୋଲିସ,କଟକ ୫ - ୦ ଗୋଲରେ ଡିଷ୍ଟ୍ରିଟ ଫୁଟବଲ ଆସୋସିଏସନ, ରାୟପୁରକୁ ହରାଇ ବିଜୟୀ ଲାଭକରିଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ବ୍ୟତୀତ ସମ୍ମାନିତ ଅତିଥିଭାବେ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ବିପିନ ବିହାରୀ ପାଢ଼ୀ, ଓଡଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, କୋମଣ୍ଡ ଆଇଟିଆଇର ପ୍ରତିଷ୍ଠାତା ଶ୍ରୀନିବାସ ସୁବୁଦ୍ଧି, ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ମୋହେ ଟ୍ରଷ୍ଟର ପ୍ରତିଷ୍ଠାତା ମାନସ ଦାସଙ୍କ ବ୍ୟତୀତ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜ୍ୟୋର୍ତିମୟ ମହାନ୍ତି, କୋଷାଧକ୍ଷ ପ୍ରମୋଦ କୁମାର ପ୍ରଧାନ, ସହ ସମ୍ପାଦକ ଲିଙ୍ଗରାଜ ପାତ୍ର ପଡିଆରେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସର୍ବଶ୍ରେଷ୍ଠ ଖେଳାଳିଭାବେ ଓଡିଶା ପୋଲିସର ଚିତ୍ରବତୀ ଖାଡ଼ିଆଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ପ୍ରଦାନ କରିଥଲେ ।

## ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ: ନୟାଗଡକୁ ହରାଇ ପତାକା ବିଜୟୀ



ଆଠମଲ୍ଲିକ,୨୫।୧୨(ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହାସିଙ୍ଗା ଗ୍ରାମପଞ୍ଚାୟତ ପତାକା ଖେଳ ପଡ଼ିଆରେ ଚାଲିଥିବା ୧୪ ତମ ରାଜ୍ୟ ସ୍ତରୀୟ ଅଷ୍ଟକିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ପହଞ୍ଚିଛି । ଏହି ମ୍ୟାଚ ପତାକା ଅଷ୍ଟକିଳା କ୍ଲବ ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ଉଭୟ ଦଳ ପକ୍ଷରୁ କୌଣସି ଗୋଲ ହୋଇ ନଥିଲା । ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ କରିବାରେ ସକ୍ଷମ ହୋଇ ପାରି ନଥିଲା। ଯାହା ଫଳ ରେ ରେଫରୀଙ୍କ ନିଷ୍ପତି ଅନୁଯାଇ ଟାଇବ୍ରେକର ସହାୟତା ନିଆ ଯାଇଥିଲା । ଟାଇବ୍ରେକରରେ ପତାକା ଅଷ୍ଟ କିଳା କ୍ଲବ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳି ବାକୁ ଯୋଗ୍ୟତା ହାସଲ କରିଛି । ଏହି ମ୍ୟାଚରେ ମ୍ୟାଚ କମିଶନର ଭାବେ ଦିଲ୍ଲୀପ କୁମାର ରାଉତ, ମୁଖ୍ୟ ରେଫରୀ ଭାବେ ସଲିଲ ବେହେରା, ଲାଇନ୍ସ ମ୍ୟାନ ଭାବେ ଗରୀବ ବେହେରା, ଅର୍ଜୁନ ନାଏକ ଖେଳକୁ ପରିଚାଳନା କରିଥିଲେ । ଏହି ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ନାଲକୋ କର୍ମଚାରୀ ଶ୍ରୀପତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ବସ ଆସୋସିଏସନ ର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ଏଲ ଆଇ ସି କର୍ମଚାରୀ ଅରବିନ୍ଦ ପ୍ରଧାନ, ପୂର୍ବତନ ଫୁଟବଲ ଖେଳାଳି ପଞ୍ଚାନନ ମିଶ୍ର, ଟୁନି ବେହେରା, ଅ ଏ ଡ଼ା ମଣ୍ଡଳ ବିଜେପି ସଭାପତି ରଞ୍ଜିତ ମୁଣ୍ଡା, ବିଜେପି ନେତା ପ୍ରକାଶ ସେଠୀ,ଯୋଗେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅଷ୍ଟ କିଳା କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ଅନୁଗୁଳରେ ଦୁଇ ଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ

ଅନୁଗୁଳ,୨୫।୧୨(ସବ୍ୟୁ): ଅନୁଗୁଳ ଭଲିବଲ ହୋମର ନୂଆ ପ୍ରୟାସରେ ଭଲିବଲ ଖେଳର ପ୍ରସାର ହେବାକୁଯାଉଛି । କଳିଙ୍ଗ ଭଲିବଲ ଡେଭଲପମେଣ୍ଟ କାଉନସିଲ ନାମକ ନବଗଠିତ ସଂସ୍ଥା ଆସାମ ଭଲିବଲ ଡେଭଲପମେଣ୍ଟ କାଉନସିଲ ଜରିଆରେ ଏହି ପ୍ରୟାସକୁ ଆଗକୁ ନେବାକୁଯାଉଛି ।୨୬ ଓ ୨୭ ତାରିଖ ଦୁଇ ଦିନ ଧରି ଅନୁଗୁଳରେ ଭଲିବଲ ପ୍ରତିଯୋଗିତା ଆୟୋଜନ ହେବ । ରାଜ୍ୟର ୮ଟି ଜିଲ୍ଲାର ୧୯ ବର୍ଷରୁ କମ ବାଳକ ଓ ବାଳିକାଙ୍କୁ ନେଇ ଉପରୋକ୍ତ ଦୁଇ ଦିନ ଧରି ଅନୁଗୁଳ ଠାରେ ପ୍ରତିଯୋଗିତା ଆୟୋଜନ ହେବାକୁଯାଉଛି । ପ୍ରତିଯୋଗିତାର ସଫଳ ଦଳ ଆସାମ ଠାରେ ହେବାକୁଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ବିଗତ ୩୧ ବର୍ଷ ଧରି ଅନୁଗୁଳ ଭଲିବଲ ହୋମ୍ ଜାତୀୟସ୍ତରୀୟ ଭଲିବଲ ପ୍ରତିଯୋଗିତାର ସଫଳ ଆୟୋଜନ କରିବା ପରେ ଚଳିତ ବର୍ଷ ରାଜ୍ୟର ଭଲିବଲର ବିକାଶ ଲାଗି ଅନୁରୂପ ଉଦ୍ୟମ କରିଛି । ଆସାମ ଭଲିବଲ ଡେଭଲପମେଣ୍ଟ କାଉନସିଲ ଅଧ୍ୟକ୍ଷ ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ପ୍ରଚେଷ୍ଟାକ୍ରମେ ଅନୁଗୁଳରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ସଂଘ ପ୍ରତିଷ୍ଠାତା ଆଇନଜୀବୀ ବସନ୍ତ ଦାସ ସୂଚନା ଦେଇଛନ୍ତି ।

# ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ସୁନିତା, ସାବିତ୍ରୀଙ୍କ କମାଲ



କେନ୍ଦୁଝର,୨୫।୧୨(ସବ୍ୟୁ): ଜାତୀୟ ଜୁନିଅର ତୀରନ୍ଦାଜ ପ୍ରତିଯୋଗିତାର ୪୫ତମ ସଂସ୍କରଣରେ କେନ୍ଦୁଝର ଝିଅ ସୁନିତା ନାଏକ ଓ ସାବିତ୍ରୀ ପାତ୍ର ରିଜର୍ଭ ରାଉଣ୍ଡ କାଂସ୍ୟ ପଦକ ଜିତି ଜିଲ୍ଲା ପାଇଁ ଏକ କୀର୍ତ୍ତିମାନ ସ୍ଥାପନ କରି ସମଗ୍ର ରାଜ୍ୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି । ଓଡିଶା ଟାଟା ତୀରନ୍ଦାଜ ଏକାଡେମୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଦୁଇ କାଡେଟ ସୁନିତା ଓ ସାବିତ୍ରୀ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହି ନିଜର ଅଭ୍ୟାସ ଜାରି ରଖିଥିଲେ । ଏହି ଚାମ୍ପିଅନସିପ ଛତିଶଗଡ଼ର ରାୟପୁରରେ ଡିସେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏହି ଦଳରେ କିଟସ ଭୁବନେଶ୍ୱରରୁ ମାନସଓ୍ୱରୀ ହାଁସଦା ଓ ସୁନ୍ଦରଗଡ଼ରୁ ମମିତା ଓରାମ ମଧ୍ୟ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିଥିଲେ । କାଂସ୍ୟ ପଦକ ହାସଲ କରିବା ପାଇଁ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଦଳକୁ ପରାଜିତ କରିଥିଲା ।ଏହା ପ୍ରଥମ ଥର ପାଇଁ ଓଡ଼ିଶା ମହିଳା ରିଜର୍ଭ ଦଳ ଜୁନିଅର ଜାତୀୟ ଆର୍ଚେରୀ ଚାମ୍ପିୟନଶିପ୍ରେ ପଦକ ଜିତି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି ।ଏହି ଉପଲବ୍ଧି ଉପଲକ୍ଷେ ଟାଟା ଷ୍ଟିଲ୍ର ସ୍ପୋର୍ଟସ ଚିଫ ମୁକୁଳ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ ସ୍ପୋର୍ଟସ ହେଡ ହେମନ୍ତ ଗୁପ୍ତା, ଟାଟା ଷ୍ଟିଲ ସ୍ପୋର୍ଟସ ବିଭାଗର ଆକାଶ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ହେଡ କୋଚ ବିକାଶ ଉପାଧ୍ୟାୟ, ଓଡ଼ିଶା ଆର୍ଚେରୀ ସଂଘର ସଚିବ ସମ୍ପୂର୍ଣ୍ଣାନନ୍ଦ ଦାସ, ଓଡ଼ିଶା କ୍ରୀଡ଼ା ବିଭାଗର ସମସ୍ତ କର୍ମକର୍ତ୍ତା, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତଥା ଆସୋସିଏସ୍‌ର ସମସ୍ତ ସଦସ୍ୟ, ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସର ସମସ୍ତ କର୍ମଚାରୀ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ସମସ୍ତ ସଦସ୍ୟ ଓ ଅଭିଭାବକ, ସହିତ ଟାଟା ଷ୍ଟିଲ୍ର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଗୁରୁବାରଦିନ ସୁନିତା ଏବଂ ସାବିତ୍ରୀ କେନ୍ଦୁଝର ଠାରେ ପହଞ୍ଚିବା ପରେ ପଦକ ବିଜେତା ଦ୍ୱୟଙ୍କୁ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କୋଷାଧକ୍ଷ ସରୋଜ କୁମାର ରଣା ଓ କାଉନସିଲ ସଦସ୍ୟ ଗିରିଶ ଚନ୍ଦ୍ର ହୋତା ସେମାନଙ୍କୁ ସ୍ୱାଗତ କରିଥିଲେ ।

## କନ୍ତାଇଲୋ ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ କ୍ରିକେଟ ଉଦଘାଟିତ



ବୋଲଗଡ଼,୨୫।୧୨(ସବ୍ୟୁ): ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଏହି ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଜେପି ର ପାଞ୍ଚଗଡ଼ ମଣ୍ଡଳର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଏବଂ ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ଆଚାର୍ଯ୍ୟ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ । ଉଦଘାଟନୀ ଲିଗ ମ୍ୟାଚରେ ବୟାପଲ୍ଲୀ କ୍ରିକେଟ ଟିମକୁ ହରାଇ ନରେନ୍ଦ୍ର ପୁର କ୍ରିକେଟ ଟିମ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ଲିଗ ମ୍ୟାଚରେ ଅରିକମା କ୍ରିକେଟ ଟିମ କୁ ହରାଇ ଗୌଡିଆପଡା ଟିମ ବିଜୟୀ ହୋଇଥିଲା ବେଳେ ତୃତୀୟ ଲିଗ ମ୍ୟାଚ ରେ କାନ୍ତାଇଲୋ (ବି) ଟିମ ହରାଇ ଲୋଧାଟୁଆ କ୍ରିକେଟ ଟିମ ବିଜୟୀ ହୋଇଥିଲା ।ଚତୁର୍ଥ ଲିଗ ମ୍ୟାଚରେ ପିଚୁକୁଳି ଟିମ କୁ ହରାଇ କାନ୍ତାଇଲୋ (ଏ) ଟିମ ୩ ୱିକେଟରେ ବିଜୟୀ ହୋଇଛି । ଚତୁର୍ଥ ଲିଗ ମ୍ୟାଚ ରେ କନ୍ତାଇଲୋ (ଏ) ଟିମ ଟସ ଜିତି ବୋଲିଂ ନିଷ୍ପତି ନେଇଥିଲେ । ପିଚୁକୁଳି ଟିମ ପ୍ରଥମେ ବ୍ୟାଟିଂ କରି ୧୭.୨ଓଭର ରେ ୯୨ରନ କରିଅଲଆଉଟ ହୋଇଥିଲେ । ଜବାବରେ କାନ୍ତାଇଲୋ(ଏ) ଟିମ ୧୮.୪ଓଭର ରେ ୭ ୱିକେଟ ହରାଇ ୯୩ରନ କରି ଲକ୍ଷ ହାସଲ କରିଥିଲେ । ରେଫରୀ ଭାବେ ସୁଶାନ୍ତ ନିଶଙ୍କ, ଅର୍ଜୁନ ପ୍ରଧାନ, ପପୁ ନାୟକ, ଦୀପକ ପ୍ରଧାନ ତପନ ସାମନ୍ତରାୟ,ଲିଟୁ ନାୟକ, ଓ ଚନ୍ଦନ କୁମାର ପ୍ରମୁଖ ଭିନ୍ନ ଭିନ୍ନ ଲିଗ ମ୍ୟାଚ ଗୁଡିକରେ ଖେଳ ପରିଚାଳନା କରିଥିଲେ । ଶୁକ୍ରବାର ପ୍ରଥମ ସେମି ଫାଇନାଲ ମ୍ୟାଚ ନରେନ୍ଦ୍ର ପୁର କ୍ରିକେଟ ଟିମ ଏବଂ କନ୍ତାଇଲୋ (ଏ)କ୍ରିକେଟ ଟିମ ମଧ୍ୟରେ ହେବ ବୋଲି ଆୟୋଜକ ଙ୍କ ପକ୍ଷରୁ ସାଗର ନାୟକ ସୂଚନା ଦେଇଛନ୍ତି ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି